ISSN-0971-8397

# ଯୋଜନା

ଜୁନ୍ ୨୦୧୮ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା

## ପ୍ରଗତି ପଥେ ଭାରତ

ପ୍ରମୁଖ ପ୍ରସଙ୍ଗ

**ଡିଜିଟାଇଜେସନ ମାଧ୍ୟମରେ ବିକାଶ**
ଅମିତାଭ କାନ୍ତ

**ମୋଦି ସରକାରଙ୍କ ବିକାଶ ରଣନୀତି: ଏକ ଅବଲୋକନ**
ରାଜୀବ ଆହୁଜା

**ସ୍ୱଚ୍ଛଭାରତ - ସ୍ୱଚ୍ଛତା ଆଡ଼କୁ ଗୋଟିଏ ପାଦ**
ପରମେଶ୍ୱରନ ଆୟାର

ଫୋକସ୍

**ମହିଳା ଓ ଶିଶୁଙ୍କ ସୁରକ୍ଷା ବ୍ୟବସ୍ଥା**
ରାକେଶ ଶ୍ରୀବାସ୍ତବ

ଅନ୍ତର୍ଜାତୀୟ ଯୋଗ ଦିବସ ବିଶେଷ

**ସିଦ୍ଧର ଯୋଗ**
ଆର୍.ଏସ୍. ରାମସ୍ୱାମୀ



**ବିକାଶର ରୋଡ୍‌ମ୍ୟାପ୍**

# ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ: ଆଦିବାସୀଙ୍କ ସାମଗ୍ରିକ ଉନ୍ନତି ପାଇଁ ଅନାବରଣ କଲେ କାର୍ଯ୍ୟଯୋଜନା

ନିକଟ ଅତୀତରେ ମଧ୍ୟପ୍ରଦେଶର ମାଣ୍ଡ୍‌ଲା ଠାରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ଗ୍ରାମସ୍ୱରାଜ ଅଭିଯାନର ଶୁଭାରମ୍ଭ କରିଛନ୍ତି। ତା'ସହିତ ଆଦିବାସୀମାନଙ୍କ ସାମଗ୍ରିକ ବିକାଶ ପାଇଁ ଆଗାମୀ ୫ ବର୍ଷ ସକାଶେ ଏକ କାର୍ଯ୍ୟ ଯୋଜନାର ମଧ୍ୟ ଅନାବରଣ କରିଛନ୍ତି।

ମାଣ୍ଡ୍‌ଲା ଜିଲ୍ଲାର ମାନେରୀଠାରେ ଭାରତୀୟ ତୈଳ ନିଗମର ଏକ ବଟଲିଂ ପ୍ଲାଣ୍ଟ ପାଇଁ ମଧ୍ୟ ସେ ଶିଳାନ୍ୟାସ କରିଥିଲେ। ଏହାସହିତ ସେ ଏକ ସ୍ଥାନୀୟ ସରକାରୀ ଡାଇରେକ୍ଟୋରୀ ମଧ୍ୟ ଉନ୍ମୋଚନ କରିଥିଲେ।




ମଧ୍ୟପ୍ରଦେଶର ମାଣ୍ଡ୍‌ଲା ଠାରେ ଜାତୀୟ ପଞ୍ଚାୟତିରାଜ ଦିବସ ୨୦୧୮ ଅବସରରେ ଆଗାମୀ ପାଞ୍ଚବର୍ଷ ପାଇଁ ଆଦିବାସୀମାନଙ୍କ ସାମଗ୍ରିକ ବିକାଶ ସକାଶେ ଉଦ୍ଦିଷ୍ଟ ଏକ କାର୍ଯ୍ୟ ଯୋଜନାକୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଅନାବରଣ କରୁଛନ୍ତି। ଏହି ସମୟରେ ମଧ୍ୟପ୍ରଦେଶର ରାଜ୍ୟପାଳ ଶ୍ରୀମତୀ ଆନନ୍ଦିବେନ୍ ପଟେଲ୍ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ମଧ୍ୟ ଉପସ୍ଥିତ ଥିଲେ।

ଏତଦ୍‌ବ୍ୟତୀତ ଯେଉଁ ଗାଁଗୁଡ଼ିକରେ ୧୦୦ ପ୍ରତିଶତ ଧୂଆଁମୁକ୍ତ ରୋଷେଇ ଘର, ଶତ ପ୍ରତିଶତ ଟୀକାକରଣ ଏବଂ ସୌଭାଗ୍ୟ ଯୋଜନା ଅଧୀନରେ ଶତ ପ୍ରତିଶତ ବିଦ୍ୟୁତ୍‌କରଣ ହୋଇଛି, ସେହି ଗ୍ରାମଗୁଡ଼ିକର ସରପଞ୍ଚମାନଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ପୁରସ୍କୃତ କରିଥିଲେ।

ବିଭିନ୍ନ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମହାତ୍ମା ଗାନ୍ଧୀଙ୍କ ଗ୍ରାମୋଦୟ ଠାରୁ ରାଷ୍ଟ୍ରୋଦୟ ଏବଂ ଗ୍ରାମ ସ୍ୱରାଜ ଉପରେ ସ୍ମୃତିଚାରଣ କରିଥିଲେ। ମାଣ୍ଡ୍‌ଲା ଠାରେ ସମଗ୍ର ଦେଶରୁ ଆସିଥିବା ପଞ୍ଚାୟତ ପ୍ରତିନିଧିମାନଙ୍କୁ ଉଦ୍‌ବୋଧନ ଦେଇ ସେ କହିଥିଲେ ଯେ ମହାତ୍ମା ଗାନ୍ଧୀ ସବୁବେଳେ ଗ୍ରାମ ଗୁଡ଼ିକର ବିଶେଷତ୍ୱ ଉପରେ ଗୁରୁତ୍ୱାରୋପ କରୁଥିଲେ ଏବଂ ସେଥିପାଇଁ ସେ ଗ୍ରାମ ସ୍ୱରାଜର କଥା କହୁଥିଲେ। ଏହି ଅବସରରେ ଗ୍ରାମଗୁଡ଼ିକର ସେବା କରିବା ପାଇଁ ନିଜ ନିଜର ପ୍ରତିବଦ୍ଧତା ପ୍ରକାଶ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ।

# ଆୟୁଷ୍ମାନ ଭାରତ ଅନ୍ତର୍ଗତ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ସମ୍ପର୍କିତ ପ୍ରସ୍ତୁତିକୁ ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ



ଆୟୁଷ୍ମାନ ଭାରତ ଅଧିନରେ ମହାତ୍ୱାକାଂକ୍ଷୀ ସ୍ୱାସ୍ଥ୍ୟ ସୁରକ୍ଷା କାର୍ଯ୍ୟକ୍ରମର ଶୁଭାରମ୍ଭ ପାଇଁ ଉଦ୍ଦିଷ୍ଟ ପ୍ରସ୍ତୁତିକୁ ପ୍ରଧାନମନ୍ତ୍ରୀ ସମୀକ୍ଷା କରିଥିଲେ।

ଏହି କାର୍ଯ୍ୟକ୍ରମ ଅଧିନରେ ଦେଶର ୧୦ କୋଟି ଗରିବ ପରିବାରଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସୁରକ୍ଷା ସୁବିଧା ଯୋଗାଇ ଦିଆଯିବାର ଲକ୍ଷ୍ୟ ରଖାଯାଇଛି।

ଏହି ଯୋଜନା ଅଧିନରେ ଗରିବମାନଙ୍କୁ ଅଧିକରୁ ଅଧିକ ସୁବିଧା ସୁଯୋଗ ଦେବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ଗତ ମାସରେ ଆମ୍ବେଦକର ଜୟନ୍ତୀ ଅବସରରେ ଆୟୁଷ୍ମାନ ଭାରତ ଅଧିନରେ ଛତିଶଗଡ଼ର ବିଜେପୁର ଠାରେ ପ୍ରଧାନମନ୍ତ୍ରୀ ଦେଶର ପ୍ରଥମ ସ୍ୱାସ୍ଥ୍ୟ ଏବଂ ଆରୋଗ୍ୟ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ।

ଜୁନ୍ ୨୦୧୮

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଚ୍ଛଲ
ସଂପାଦକ ଓ ଉପନିର୍ଦ୍ଦେଶକ : ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ପଞ୍ଚବିଂଶ ବର୍ଷ / ନବମ ସଂଖ୍ୟା

## ଏ ସଂଖ୍ୟାରେ...


| ବିଷୟ / ଲେଖକ | ପୃଷ୍ଠା |
|---|---|
| ● ସମ୍ପାଦକୀୟ | ୦୪ |
| ● ମୋଦି ସରକାରଙ୍କ ବିକାଶ ରଣନୀତି: ଏକ ଅବଲୋକନ<br>*ରାଜୀବ ଆହୁଜା* | ୧୦ |
| ● ସ୍ୱଚ୍ଛଭାରତ – ସ୍ୱଚ୍ଛତା ଆଡ଼କୁ ଗୋଟିଏ ପାଦ<br>*ପରମେଶ୍ୱରନ ଆୟାର* | ୧୬ |
| ● ସିଦ୍ଧର ଯୋଗ<br>*ଆର୍. ଏସ୍. ରାମସ୍ୱାମୀ* | ୨୬ |
| ● ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧୀ ପରିଯୋଜନା<br>*ବିପ୍ଳବ ଚାଟାର୍ଜୀ* | ୨୯ |
| ● ନୂତନ– ଯୁଗର ଦକ୍ଷତା ସମୂହ– ଯୁବ ବର୍ଗଙ୍କ ପାଇଁ ସୁଯୋଗ ସୃଷ୍ଟି<br>*ଡକ୍ଟର ଯତୀନ୍ଦର ସିଂହ* | ୩୩ |
| ● ଭାରତରେ ଟିକସ ସଂସ୍କାର : ଏକ ସଂକ୍ଷିପ୍ତ ଇତିହାସ<br>*ଟି. ଏନ୍. ଅଶୋକ* | ୪୦ |
| ● ଆପଣ ଜାଣନ୍ତି କି ? | ୪୮ |
| ● ସାମ୍ପ୍ରତିକୀ | ୫୦ |

**ଫୋକସ୍**
ମହିଳା ଓ ଶିଶୁଙ୍କ ସୁରକ୍ଷା ବ୍ୟବସ୍ଥା
ରାକେଶ ଶ୍ରୀବାସ୍ତବ: ୨୦

**ବିଶେଷ ପ୍ରବନ୍ଧ**
ଡିଜିଟାଇଜେସନ ମାଧ୍ୟମରେ ବିକାଶ
ଅମିତାଭ କାନ୍ତ : ୫



*Editor*
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207


ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

ସମ୍ପାଦକୀୟ...

# ବିକାଶର କାର୍ଯ୍ୟସୂଚୀ



କେଉଁ ଅନାଦିକାଳରୁ ପ୍ରତ୍ୟେକ ଶାସକ ଚାହିଁଆସିଛନ୍ତି ଯେ ତାଙ୍କ ରାଜ୍ୟର ପ୍ରଗତି ହେଉ– ସେ ସିନ୍ଧୁ ସଭ୍ୟତାର ଶାସକ ହୁଅନ୍ତୁ କିମ୍ବା ଇଜିପ୍ଟ, ରୋମ୍, ଗ୍ରୀସ୍ କିମ୍ବା ମେସୋପଟାମିଆର ସମ୍ରାଟ ହୁଅନ୍ତୁ। ପରବର୍ତ୍ତୀ ସମୟରେ ଆକ୍‌ବର, କ୍ରିଷ୍ଣଦେବ ରାୟ, ଚନ୍ଦ୍ରଗୁପ୍ତ ମୌର୍ଯ୍ୟ, ରାଜରାଜ ଚୋଳ ଓ ଟିପୁ ସୁଲ୍‌ତାନଙ୍କ ଭଳି ରାଜା ଓ ସମ୍ରାଟମାନେ ମଧ୍ୟ ନିଜ ନିଜ ସାମ୍ରାଜ୍ୟର ଉତ୍ତମ ପ୍ରଶାସନ ପାଇଁ ପ୍ରଚେଷ୍ଟା କରିଥିଲେ। ଏ ସମସ୍ତ ଶାସକମାନେ ଭଲଭାବେ ବୁଝିଥିଲେ ଯେ, ନିଜ ନିଜ ରାଜ୍ୟର ବିକାଶ ପାଇଁ ପ୍ରଜାମାନଙ୍କର ସାମଗ୍ରିକ ସାମାଜିକ, ଆର୍ଥିକ ବିକାଶ ଅପରିହାର୍ଯ୍ୟ।

କୌଣସି ରାଷ୍ଟ୍ରର ବିକାଶ ପାଇଁ ବିଭିନ୍ନ ପ୍ରକାରର ଉପାୟ ରହିଛି। ଆଜିକାଲିର ପରିଭାଷାରେ ବିକାଶର ଅର୍ଥ କେବଳ ଆର୍ଥିକ ଅଭିବୃଦ୍ଧି ନୁହଁ, ବରଂ ଏହା ସହିତ ରହିଛି ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ କୃଷକ ମଙ୍ଗଳ, କୌଶଳ ବିକାଶ ଓ ଯୁବଗୋଷ୍ଠୀଙ୍କ ପାଇଁ ନିଯୁକ୍ତି ସୁଯୋଗ।

ଦେଶର ବିକାଶ ପାଇଁ ଭାରତ ସରକାର ମଧ୍ୟ ପଛରେ ନାହାନ୍ତି। ବର୍ତ୍ତମାନର ମନ୍ତ୍ର ହେଉଛି ସମାବେଶୀ ବିକାଶ, ଯାହା ମାଧ୍ୟମରେ ଗରିବରୁ ଗରିବ ବ୍ୟକ୍ତି ପାଖରେ ମଧ୍ୟ ବିକାଶର ସୁଫଳ ପହଞ୍ଚିପାରିବ। ଏହି ଉଦ୍ଦେଶ୍ୟ ସାଧିତ କରିବା ପାଇଁ ସରକାରଙ୍କ ନୀତିଗୁଡ଼ିକ ଉଦ୍ଦିଷ୍ଟ। ଆର୍ଥିକ କ୍ଷେତ୍ରରେ ସରକାର ସାମଗ୍ରୀ ଓ ସେବା କର ଏବଂ ବ୍ୟାଙ୍କିଙ୍ଗ୍ ସଂସ୍କାର ଆଦି ପଦକ୍ଷେପ ନେଇଛନ୍ତି। ସାମଗ୍ରୀ ଓ ସେବା କର ହେଉଛି ବର୍ତ୍ତମାନ ପର୍ଯ୍ୟନ୍ତ ନିଆଯାଇଥିବା ସର୍ବବୃହତ୍ ଟିକସ ସଂସ୍କାର କାର୍ଯ୍ୟକ୍ରମ, ଯାହାଦ୍ୱାରା ଦେଶରେ ଟିକସ ବ୍ୟବସ୍ଥାର ସୁଦୃଢ଼ୀକରଣ ହୋଇପାରିବ। ଏହାବ୍ୟତୀତ ସରକାରଙ୍କ ଟ୍ୟାକ୍ସ ଇନ୍‌ଫର୍ମେସନ୍ ନେଟ୍‌ୱର୍କ, ଇଲେକ୍‌ଟ୍ରୋନିକ୍ ରିଟର୍ଣ୍ଣ ଆକ୍ସେପ୍‌ଟାନ୍ସ ଆଣ୍ଡ୍ କନ୍‌ସୋଲିଡେସନ୍ ସିଷ୍ଟମ୍, ଇ-ସହଯୋଗ ଆଦି ପଦକ୍ଷେପଗୁଡ଼ିକ ଦ୍ୱାରା ପ୍ରତ୍ୟକ୍ଷ କରକ୍ଷେତ୍ରରେ ଅଧିକ ସାବଲୀଳତା ଅଣାଯାଇପାରିଛି।

ଆଧୁନିକ ଡିଜିଟାଲ୍ ଯୁଗରେ ଭାରତ ବା କେମିତି ପଛରେ ପଡ଼ିବ ? ସରକାରଙ୍କ କାର୍ଯ୍ୟକ୍ରମ ଓ ସେଗୁଡ଼ିକର କାର୍ଯ୍ୟକାରିତା କ୍ଷେତ୍ରରେ ବିଜ୍‌ନେସ୍ ପ୍ରସେସ୍ ଇଞ୍ଜିନିୟରିଂ, ପ୍ରଯୁକ୍ତି ଓ ଡାଟା ଆନାଲିଟିକ୍ସ ଆଦିର ପ୍ରମୁଖ ଭୂମିକା ରହିଛି। ସିଧାସଳଖ ସୁବିଧା ହସ୍ତାନ୍ତର ଯୋଜନା, ପବ୍ଲିକ୍ ଫାଇନାନ୍ସ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍, ଇ-ମାର୍କେଟ୍‌ପ୍ଲେସ୍ ଓ ଭୀମ୍ ଆପ୍ ମାଧ୍ୟମରେ ଡିଜିଟାଲ୍ ଦେଣନେଣ କାରବାର ଯୋଗୁଁ ସରକାରଙ୍କ ଲୋକାଭିମୁଖୀ ସମ୍ବେଦନଶୀଳତାର ପରିପ୍ରକାଶ ଘଟିଛି।

ସ୍ୱଚ୍ଛ ଭାରତ ଅଭିଯାନ ଏକ ଗଣ ଆନ୍ଦୋଳନରେ ପରିଣତ ହୋଇଛି। ଏଥିରେ ଜନଭାଗିଦାରୀ ଆଶ୍ଚର୍ଯ୍ୟଜନକ ଭାବେ ବଢ଼ିଛି। ୨୦୧୪ ମସିହା ଅକ୍ଟୋବର ୨ ତାରିଖଠାରୁ ଅଦ୍ୟାବଧି ୭.୧ କୋଟି ଘରୋଇ ଶୌଚାଳୟ ନିର୍ମାଣ କରାଯାଇଛି। ଏହାଦ୍ୱାରା ଗ୍ରାମୀଣ ପରିମଳ ବ୍ୟବସ୍ଥା, ଯାହା ୨୦୧୪ ମସିହା ଅକ୍ଟୋବର ମାସରେ ୩୯% ଥିଲା ତାହା ଆଜି ୮୩%କୁ ବୃଦ୍ଧିପାଇଛି।

ବିକାଶର ଅନ୍ୟଏକ ଦିଗ ହେଉଛି ସ୍ୱାସ୍ଥ୍ୟସେବା। ଗରିବମାନଙ୍କ ପାଇଁ ଗୁଣବତ୍ତା ସମ୍ପନ୍ନ ଶସ୍ତା ଔଷଧ ଯୋଗାଣ ଏକ ଆହ୍ୱାନ। ତେବେ ପ୍ରଧାନମନ୍ତ୍ରୀ ଜନଔଷଧି ପରିଯୋଜନା ଦ୍ୱାରା ଏହି ଆହ୍ୱାନର ମୁକାବିଲା କରିବାକୁ ସରକାର ପ୍ରଚେଷ୍ଟାଚରତ ଅଛନ୍ତି।

ଅବହେଳିତ ବର୍ଗର ସ୍ୱାର୍ଥରକ୍ଷା ପାଇଁ ସରକାରଙ୍କ ପ୍ରତିବଦ୍ଧତା ରହିଛି। କନ୍ୟା ସନ୍ତାନଙ୍କ ପ୍ରତି ଲୋକମାନଙ୍କ ଚିନ୍ତାଧାରା ପରିବର୍ତ୍ତନ କରିବା ପାଇଁ ସରକାର 'ବେଟି ବଚାଓ, ବେଟି ପଢ଼ାଓ' ଅଭିଯାନ ଆରମ୍ଭ କରିଛନ୍ତି। ସେହିଭଳି ମହିଳା ଓ ଶିଶୁଙ୍କ ପାଇଁ ହେଲ୍‌ପଲାଇନ୍ ସ୍ଥାପନ କରିବାଠାରୁ ଆରମ୍ଭ କରି ହିଂସା ପୀଡ଼ିତଙ୍କ ଥଇଥାନ କରିବା ଓ ଦେଶର ପ୍ରତ୍ୟେକ ମହିଳା ଓ ଶିଶୁଙ୍କ ପାଇଁ ଏକ ଭୟମୁକ୍ତ ବାତାବାରଣ ସୃଷ୍ଟି କରାଇ ଜାତୀୟ ଅଭିବୃଦ୍ଧିରେ ସେମାନଙ୍କ ଅବଦାନ ସୁନିଶ୍ଚିତ କରିବା ସକାଶେ ସରକାର ସର୍ବଦା ପ୍ରଚେଷ୍ଟା କରିଆସିଛନ୍ତି।

ଦେଶର ବିକାଶ ପାଇଁ ଗ୍ରାମୀଣ ବିକାଶ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ଜାତୀୟ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆଦି ମାଧ୍ୟମରେ ସରକାର କୃଷକ କଲ୍ୟାଣ ଓ ସେମାନଙ୍କ ଆୟ ଦ୍ୱିଗୁଣିତ କରିବା ତଥା ଗ୍ରାମାଞ୍ଚଳ-ସହରାଞ୍ଚଳ ବ୍ୟବଧାନ ହ୍ରାସ କରିବା ପାଇଁ ପ୍ରଚେଷ୍ଟା କରିଛନ୍ତି।

ଅଭିବୃଦ୍ଧି କେବେହେଲେ ଆକସ୍ମିକ ନୁହଁ। ଏହା ହେଉଛି ସମ୍ମିଳିତ ଉଦ୍ୟମର ପରିପ୍ରକାଶ ଏବଂ ବର୍ତ୍ତମାନ ଏହିଭଳି ସମ୍ମିଳିତ ପ୍ରୟାସ ଦ୍ୱାରା ସଠିକ୍ ମାର୍ଗରେ ଦେଶ ବିକାଶର ନୂତନ ଦିଗ୍‌ବଳୟଆଡ଼କୁ ଅଗ୍ରସର ହେଉଛି।

ବିଶେଷ ପ୍ରସଙ୍ଗ


# ଡିଜିଟାଇଜେସନ ମାଧ୍ୟମରେ ବିକାଶ

● ଅମିତାଭ କାନ୍ତ

ସବୁ କ୍ଷେତ୍ରରେ ସମଗ୍ର ବିଶ୍ୱ ଦ୍ରୁତ ଗତିରେ ଡିଜିଟାଇଜ ହେଉଛି। ଉଦ୍ୟୋଗୀଙ୍କ ଉତ୍ପାଦିତ ସାମଗ୍ରୀ ଓ ଏହାର ବିକ୍ରିତା, ଲୋକଙ୍କର ଦୈନନ୍ଦିନ କାରବାର, ସରକାର ଲୋକଙ୍କୁ ଯୋଗାଉଥିବା ସାମାଜିକ ସେବା- ସବୁ କ୍ଷେତ୍ରରେ ଡିଜିଟାଇଜେସନର ପ୍ରଭାବ ଅନୁଭୂତ ହେଉଛି। ଏହି ପ୍ରକ୍ରିୟାର ଦ୍ରୁତ ପ୍ରସାର ପଛରେ ରହିଛି ଡିଜିଟାଲ ଡେଟା ସୃଷ୍ଟିର ଅବିଶ୍ୱସନୀୟ ବେଗ। ଡେଟା ଷ୍ଟୋରେଜର ମୂଲ୍ୟ ହ୍ରାସ ଏବଂ କମ୍ପ୍ୟୁଟିଙ୍ଗ ଭିତ୍ତିଭୂମିର ପ୍ରସାର ଯୋଗୁଁ ଏହା ସମ୍ଭବ ହୋଇଛି। ଏହି ଡିଜିଟାଇଜେସନ ଏବେ ଚତୁର୍ଥ ଶିଳ୍ପ ବିପ୍ଳବ ଭାବେ ନାମିତ ହୋଇଛି। ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟ ସରକାର ଡିଜିଟାଲ ଇଣ୍ଡିଆର ପରିବର୍ତ୍ତନଶୀଳ ଦକ୍ଷତାକୁ ଇତିମଧ୍ୟରେ ଚିହ୍ନଟ କରିସାରିଛନ୍ତି। ତଦନୁସାରେ ଉପଯୁକ୍ତ ଟେକ୍ନୋଲୋଜିକୁ ଗ୍ରହଣ କରି ଏ ଦିଗରେ ଅଗ୍ରସର ହେବାକୁ ସକ୍ରିୟ ପଦକ୍ଷେପମାନ ନେଉଛନ୍ତି।

ଗତ କେଇ ବର୍ଷରେ ଭାରତ ସରକାର ବିଭିନ୍ନ କ୍ଷେତ୍ରରେ ବିଜନେସ ପ୍ରସେସ୍, ରିଇଂଜିନିୟରିଂ, ଟେକ୍ନୋଲୋଜି ଓ ଡେଟା ଆନାଲିଟିକ୍ସର ସଂଜ୍ଞା ପୁନଃନିର୍ଦ୍ଧାରିତ କରିଛନ୍ତି। ସରକାର ଯେଉଁ ସବୁ କାର୍ଯ୍ୟକ୍ରମର ପରିକଳ୍ପନା ଓ ରୂପାୟନମାନ କରୁଛନ୍ତି ଟେକ୍ନୋଲୋଜି ଏବେ ତାହାକୁ ନୂଆ ରୂପ ଦେଉଛି। ନୂଆ ଟେକ୍ନୋଲୋଜିର ବ୍ୟବହାର ଦ୍ୱାରା ଉତ୍ତମ ବ୍ୟବସ୍ଥା ସୃଷ୍ଟି ହୋଇଛି, ଦକ୍ଷତା ବଢ଼ିଛି ଏବଂ ଶାସନ ବ୍ୟବସ୍ଥା ଉପରେ ଏହାର ପ୍ରଭୁତ ପ୍ରଭାବ ପଡ଼ିବା ଆରମ୍ଭ ହୋଇଛି।

ଭାରତ ସରକାର ଅନେକ ବୃହତ୍ ଓ କ୍ଷୁଦ୍ର ଇ-ପ୍ରଶାସନ ବ୍ୟବସ୍ଥା ତଥା ଡିଜିଟାଇଜେସନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏସବୁ ଡିଜିଟାଲ-ଇଣ୍ଡିଆ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହୋଇଛି। ଇ-କ୍ରାନ୍ତି ଯୋଜନାରେ ୩୧ଟି ମିଶନ ମୋଡ୍ ପ୍ରୋଜେକ୍ଟ ଓ ଜାତୀୟ ଇ-ଗଭର୍ଣ୍ଣାନ୍ସ ପ୍ଲାନ ୨.୦ ଆରମ୍ଭ ହେବା ପରେ 'ମୋବାଇଲ' ଓ 'କ୍ଲାଉଡ୍' ପ୍ଲାଟଫର୍ମର ଗୁରୁତ୍ୱ ବଢ଼ିଥିଲା। ଏବେ ଇ-ଗଭର୍ଣ୍ଣାସ୍ ମାଧ୍ୟମରେ ଶାସନକୁ ପରିବର୍ତ୍ତନମୁଖୀ କରିବା ପାଇଁ ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମର ପୁନର୍ବିନ୍ୟାସ ଅନୁଭୂତ ହେଉଛି। ଏବେ ସବୁ ଇ-ଗଭର୍ଣ୍ଣାନ୍ସ ପ୍ରୋଜେକ୍ଟ ଇ-କ୍ରାନ୍ତି ନୀତିରେ ପରିଚାଳିତ ହେବାକୁ ଯାଉଛି। ଏହି ନୀତିଗୁଡ଼ିକ ହେଲା ୧) ରୂପାନ୍ତର ନୁହେଁ, ପରିବର୍ତ୍ତନ ବା ଟ୍ରାନ୍ସଫର୍ମେସନ୍, ନଟ୍ ଟ୍ରାନ୍ସଲେସନ୍, ୨) ବ୍ୟକ୍ତିଗତ ସେବା ନୁହେଁ, ସମନ୍ୱିତ ସେବା, ୩) ପ୍ରତ୍ୟେକ ଏମ୍ଏମ୍ପି ପାଇଁ ସରକାରୀ ପ୍ରସେସ୍ ରିଇଂଜିନିୟରିଂ ବାଧ୍ୟତାମୂଳକ, ୪) ଚାହିଁବା ମାତ୍ରେ ଆଇସିଟି ଇନଫ୍ରାଷ୍ଟ୍ରକଚର ଉପଲବ୍ଧତା, ୫) କ୍ଲାଉଡ୍ ବାଏ ଡିଫଲ୍ଟ, ୬) ମୋବାଇଲ ଫାଷ୍ଟ, ୭) ଫାଷ୍ଟ ଟ୍ରାକିଂ ଆପ୍ରୁଭାଲ୍, ୮) ମ୍ୟାଣ୍ଡେଟିଂ ଷ୍ଟାଣ୍ଡାର୍ଡସ ଆଣ୍ଡ ପ୍ରୋଟୋକଲ୍ସ, ୯) ସ୍ଥାନୀୟ ଭାଷାର ବ୍ୟବହାର (ଲାଙ୍ଗୁଏଜ ଲୋକାଲାଇଜେସନ୍), ୧୦) ଜିଓ-ସ୍ପାସିଆଲ୍ ଇନ୍-ଫରମେସନ୍ ସିଷ୍ଟମ, ୧୧) ସିକ୍ୟୁରିଟି ଓ ଇଲେକ୍ଟ୍ରୋନିକ୍ସ ଡାଟା ସଂରକ୍ଷଣ।






ଆର୍ଥିକ ସମାବେଶୀ କାର୍ଯ୍ୟକ୍ରମରେ ଭାରତ ବାୟୋମେଟ୍ରିକ ଚିହ୍ନଟ ବ୍ୟବସ୍ଥାକୁ ଉପଯୋଗ କରି ଲୋକଙ୍କୁ ସରକାରୀ ସୁବିଧା ଯୋଗାଇଦେଉଛି। ଏହା ଫଳରେ ଅଯୋଗ୍ୟ ଓ ନକଲି ହିତାଧିକାରୀ କଲ୍ୟାଣକାରୀ ଯୋଜନାରେ ସରକାରୀ ଲାଭ ବାଟମାରଣା କରିବାର ରାସ୍ତା ବନ୍ଦ ହୋଇଯାଇଛି। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଯୋଜନା (ଡିବିଟି) ଏବେ ୪୩୭ଟି କାର୍ଯ୍ୟକ୍ରମରେ ଲାଗୁ ହୋଇଛି। ଏହା ଫଳରେ ଏ ପର୍ଯ୍ୟନ୍ତ ୮୩ ହଜାର କୋଟି ଟଙ୍କାର ସରକାରୀ ଅର୍ଥ ବାଟମାରଣା ଜନିତ ଅପଚୟରୁ ବର୍ତ୍ତି ସଂଚିତ ହୋଇ ପାରିଛି। ଏହି କାର୍ଯ୍ୟକ୍ରମ ଜରିଆରେ ୨କୋଟି ୭୫ଲକ୍ଷ ନକଲି, ଜାଲ ଓ ବାସ୍ତବ ହିତାଧିକାରୀ ନ ଥିବା ରାସନ କାର୍ଡକୁ ସରକାରୀ ତାଲିକାରୁ ବାଦ୍ ଦିଆଯାଇଛି। ସେହିଭଳି ରନ୍ଧନଗ୍ୟାସ୍ ସବ୍‌ସିଡି ବ୍ୟବସ୍ଥାରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଯୋଜନା ଲାଗୁ ହେବା ପରେ ୩ କୋଟି ୮୫ ଲକ୍ଷ ନକଲି ହିତାଧିକାରୀ ବାଦ୍ ପଡ଼ିଛନ୍ତି।

**ଆର୍ଥିକ ସମାବେଶୀ ପ୍ରକ୍ରିୟାରେ ଆଗୁଆ:**

ସରକାର ପୂର୍ବରୁ ଯେଉଁଭଳି ଭାବେ କାର୍ଯ୍ୟ କରୁଥିଲା ଏବେ ତାହା ସମ୍ପୂର୍ଣ୍ଣ ଓଲଟା। କେରଳରେ ମୋର କାର୍ଯ୍ୟକାଳ ସମୟରେ ମତ୍ସ୍ୟ ଉଦ୍ୟୋଗରେ କାମ କରିବାର ଏକ ଚମତ୍କାର ସୁଯୋଗ ମୋତେ ମିଳିଥିଲା। ମୋର କାମ ଥିଲା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ଜୀବିକାରେ ଉନ୍ନତି ଆଣିବା। ସେତେବେଳେ ମାଛ ବେପାରରେ ଦଲାଲ ବା ମଧ୍ୟସ୍ଥମାନେ ବହୁ ସଂଖ୍ୟାରେ କାମ କରୁଥିଲେ। ଫଳରେ ମତ୍ସ୍ୟଜୀବୀମାନେ ଉତ୍ପାଦିତ ମାଛର ବଜାର ମୂଲ୍ୟର ମାତ୍ର ୨୫ ଶତାଂଶ ପାଉଥିଲେ। ଅବଶିଷ୍ଟ ପଇସା ଦଲାଲଙ୍କ ପକେଟକୁ ଯାଉଥିଲା।


ଆମେ ମତ୍ସ୍ୟଜୀବୀଙ୍କୁ ନେଇ ସ୍ୱୟଂସହାୟକ ଗୋଷ୍ଠୀ ଗଢ଼ିଲୁ। ସେମାନଙ୍କୁ ନୂଆ ଟେକ୍‌ନୋଲୋଜି, ଫାଇବର୍ ଗ୍ଲାସ୍‌ରେ ତିଆରି ବୋଟ, ଡଙ୍ଗା ଚଳାଇବା ପାଇଁ ମୋଟର, ମାଛଧରା ଜାଲ ଯୋଗାଇ ଦିଆଗଲା। ଏହା ଫଳରେ ସେମାନଙ୍କର ଉତ୍ପାଦନ ବଢ଼ିଲା। ଆହୁରି ମଧ୍ୟ ଆମେ ସମୁଦ୍ରକୂଳରେ ମାଛ ନିଲାମ ବ୍ୟବସ୍ଥା ଆରମ୍ଭ କଲୁ। ମାଛ ପହଞ୍ଚିବା ମାତ୍ରେ ନିଲାମ ହେବାରୁ ଦୈନିକ ମତ୍ସ୍ୟଜୀବୀମାନେ ପାଉଥିବା ଅର୍ଥକୁ ବ୍ୟାଙ୍କରେ ଜମା ଦେଲେ। ତେବେ ପ୍ରାରମ୍ଭିକ ଅବସ୍ଥାରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବାରେ ଅସୁବିଧା ହୋଇଥିଲା। ବ୍ୟାଙ୍କ ମ୍ୟାନେଜରଙ୍କ ପଛରେ ଦୀର୍ଘ ୧୦ ମାସ ଦଉଡ଼ିବା ପରେ ମତ୍ସ୍ୟଜୀବୀମାନଙ୍କ ପାଇଁ ଜମାଖାତା ଖୋଲିବା ସମ୍ଭବ ହେଲା। ଏହି ବିଳମ୍ବ ପାଇଁ ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ ବା 'କେୱାଇସି' ବ୍ୟବସ୍ଥାଟି ଆମ ପାଇଁ ଏକ ଦୁଃସ୍ୱପ୍ନ ଥିଲା।

ଏବେ ପରିସ୍ଥିତି କେତେ ବଦଳିଛି ତାହା ଗତ ମାସର ଏକ ଘଟଣାର ଅନୁଭୂତିରୁ ବର୍ଣ୍ଣନା କରୁଛି। ମୁଁ ଗୋଟିଏ ବ୍ୟାଙ୍କ ଶାଖାକୁ ଯାଇ ନିଜର ବାୟୋମେଟ୍ରିକ୍ସ ଯାଞ୍ଚ କରାଇ ମାତ୍ର ଏକ ମିନିଟ୍‌ରେ ମୋର ଏକ ଆକାଉଣ୍ଟ ଖୋଲିବାରେ ସଫଳ ହୋଇଥିଲି। ଦଶ ମାସରୁ ମାତ୍ର ଏକ ମିନିଟ୍ ଏ କ୍ଷେତ୍ରରେ ଏକ ନୂଆ କାର୍ତ୍ତିମାନ ସୃଷ୍ଟି କରିଛି।

ଜାମ୍ (ଜନଧନ-ଆଧାର-ମୋବାଇଲ) ଏହି ତ୍ରିମୂର୍ତ୍ତି ଇଣ୍ଡିଆ ଷ୍ଟାକ୍ ସର୍ଭିସ୍‌ର ମୌଳିକ ଡେଟା ଭିତ୍ତିଭୂମି। ଷ୍ଟାକ୍ ସର୍ଭିସ୍‌ରେ ଇ-କେୱାଇସି, ଇ-ସାଇନ୍, ଇନଷ୍ଟାନ୍‌ଟ୍‌ଅସ ପେମେଣ୍ଟ (ୟୁପିଆଇ) ଓ ଫାଇଲ ଷ୍ଟୋରେଜ ବା ଡିଜିଲକର ଅନ୍ତର୍ଭୁକ୍ତ। ଏହି ସମ୍ମିଳିତ ବ୍ୟବସ୍ଥାଟି ଆର୍ଥିକ ସମାବେଶୀ ପ୍ରକ୍ରିୟା ସଫଳତାର ମୂଳମନ୍ତ୍ର ଭାବେ ସାରା ବିଶ୍ୱରେ ପ୍ରମାଣିତ ହୋଇଛି। ବିଶ୍ୱବ୍ୟାଙ୍କ ଦ୍ୱାରା ପ୍ରକାଶିତ ଗ୍ଲୋବାଲ ଫାଉଣ୍ଡେକ୍ସ ରିପୋର୍ଟ-୨୦୧୭ ଅନୁସାରେ ୨୦୧୪ ରୁ ୧୭ ମଧ୍ୟରେ ସାରା ପୃଥିବୀରେ ଯେତେ ନୂଆ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଥିଲା, ତାହାର ୫୫ ଶତାଂଶ କେବଳ ଭାରତରେ ଖୋଲିଥିଲା। ଜନଧନ ଯୋଜନାରେ ୨୦୧୪ରେ ଏହା ୫୩ ଶତାଂଶ ଥିବାବେଳେ ୨୦୧୭ରେ ୮୦ ଶତାଂଶରେ ପହଞ୍ଚିବାରେ ସଫଳ ହୋଇଛି।

**ଡିଜିଟାଲ ବ୍ୟବସ୍ଥାରେ ସର୍ବସାଧାରଣ ବିତ୍ତ ଓ ସରକାରୀ କ୍ରୟ:**

ସର୍ବସାଧାରଣ ବିତ୍ତ ପରିଚାଳନା ମଞ୍ଚ (ପ୍ଲାଟଫର୍ମ) ପ୍ରସ୍ତୁତ କରାଯାଇଛି। ଏଥିରେ ଅର୍ଥ ଗ୍ରହଣକାରୀ ସବୁ




ସଂସ୍ଥାଙ୍କ ଡେଟା ସଂଗୃହୀତ ହୋଇ କୋର୍ ବ୍ୟାଙ୍କିଂ ବ୍ୟବସ୍ଥାରେ ସଂଯୁକ୍ତ ହୋଇଛି । ଏହା ଫଳରେ ସରକାରୀ ଟଙ୍କା ବ୍ୟାଙ୍କ ବ୍ୟବସ୍ଥାରେ କେବେ କାହା ପାଖକୁ କେତେ ପରିମାଣରେ କେଉଁ ଉଦ୍ଦେଶ୍ୟରେ ଗଲା ତାହାର ଠିକିଣିଖି ତଥ୍ୟ ଅନାୟସରେ ମିଳିପାରୁଛି । ପିଏଫ୍‌ଏମ୍‌ଏସ୍ ବ୍ୟବସ୍ଥାରେ ଠିକ୍ ସମୟରେ ଅର୍ଥଯୋଗାଣ କରାଯିବା ସହ ତାହାର ଉପଯୁକ୍ତ ବିନିଯୋଗ ଉପରେ ନଜର ରଖାଯାଉଛି । ୨୦୧୮ ମାର୍ଚ୍ଚ ୨୮ରେ ପିଏଫ୍‌ଏମ୍‌ଏସ୍ ପୋର୍ଟାଲରେ ୯୮ ଲକ୍ଷ ଡିଜିଟାଲ ଟ୍ରାଞ୍ଜାକ୍‌ସନ୍ ମାଧ୍ୟମରେ ୭୨୦୦୦କୋଟି ଟଙ୍କା ପୈଠ କରାଯାଇଛି । ଗୋଟିଏ ଦିନରେ ଏତେ ସଂଖ୍ୟକ ଡିଜିଟାଲ ଟ୍ରାଞ୍ଜାକସନ୍ କ୍ଷେତ୍ରରେ ଏହା ଏକ ରେକର୍ଡ ।

୨୦୧୬ରେ ସରକାରୀ ଇ-ମାର୍କେଟ (ଜେମ୍) ଆରମ୍ଭ ହେଲା । ଦୈନନ୍ଦିନ ବହୁଳ ଭାବେ ବ୍ୟବହୃତ ହେଉଥିବା ସ୍ୱଳ୍ପମୂଲ୍ୟର ଦ୍ରବ୍ୟ ଓ ସେବା ପାଇଁ ଏକ ସିଙ୍ଗଲ ଉଇଣ୍ଡୋ ଅନ୍‌ଲାଇନ୍ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିଲା । ସେହିଭଳି କେନ୍ଦ୍ର ସରକାର କ୍ରୟ କରୁଥିବା ଅଧିକ ମୂଲ୍ୟର ସାମଗ୍ରୀ (୦.୨ ନିୟୁତ ଟଙ୍କାରୁ ଅଧିକ) ପାଇଁ ଏକ ଇ-ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ ଖୋଲାଯାଇଛି । ଜେମ୍ ବ୍ୟବସ୍ଥାରେ ସିଧାସଳଖ କ୍ରୟ, ଇ-ନିଲାମ୍, ପାଲଟା ଇ-ନିଲାମ୍, ବିକ୍ରେତା, ସେବାଯୋଗାଣକାରୀ ଓ ସରକାରୀ ବ୍ୟବହାରକାରୀଙ୍କ ପାଇଁ ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ ସୁବିଧା ଯୋଗାଣ ସହ ସରକାରୀ କ୍ରୟ ପାଇଁ ମଧ୍ୟ ବଜାର ସୁବିଧା ଯୋଗାଇ ଦିଆଯାଉଛି ।

ଚଳିତବର୍ଷ ଏପ୍ରିଲ ସୁଦ୍ଧା ୨୨ ହଜାର ସରକାରୀ କ୍ରେତା, ଏକ ଲକ୍ଷରୁ ଅଧିକ ବିକ୍ରେତା ଓ ସେବା ପ୍ରଦାନକାରୀ ପଞ୍ଜିକୃତ ହୋଇଛନ୍ତି । ଏହାଛଡ଼ା ୨.୩୧ ଲକ୍ଷ ତାଲିକାଭୁକ୍ତ ପଦାର୍ଥର କ୍ରୟ ବିକ୍ରୟ ହୋଇଛି ଯାହାର ମୂଲ୍ୟ ୬୫୦୦କୋଟି ଟଙ୍କା । ଏହା ମଧ୍ୟରୁ ୪୪ ଶତାଂଶ ସାମଗ୍ରୀ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରୁ କ୍ରୟ କରାଯାଇଛି ।

**ଗ୍ରାହକ ଦେୟ ପ୍ରଦାନ କ୍ଷେତ୍ରରେ ଭାରତ ଅଗ୍ରଗାମୀ:**

ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) ଓ ଭାରତ ବିଲ୍ ପେମେଣ୍ଟ ସିଷ୍ଟମ (ବିବିପିଏସ୍)



ଘରୋଇ ଉଦ୍ୟୋଗ ଆପ୍ ନିର୍ମାଣରେ ଏକ ନୂଆ ଯୁଗ ସୃଷ୍ଟି କଲା । ବିଲ୍ ପେମେଣ୍ଟ କ୍ଷେତ୍ରରେ ଉପଭୋକ୍ତାଙ୍କୁ ମୋବାଇଲ ଆପ୍‌ମାନ ସରଳ ଓ ସହଜ ସୁଯୋଗ ଯୋଗାଇଲା । ଫଳରେ ଲୋକଙ୍କ ଅସୁବିଧା ବହୁ ପରିମାଣରେ ଲାଘବ ହେଲା । ବିବିପିଏସ୍‌ଦ୍ୱାରା ଏପ୍ରିଲ ୨୦୧୭ରୁ ଆରମ୍ଭ ହୋଇଥିବା ଡିଜିଟାଲ ବିଲ୍ ପେମେଣ୍ଟ ବ୍ୟବସ୍ଥା ମାଧ୍ୟମରେ ଏବେ ମୋଟ୍ ଦେୟ ପୈଠ ଦ୍ୱିଗୁଣିତ ହୋଇଛି । କେପିଏମ୍‌ଜି ରିପୋର୍ଟ ଅନୁସାରେ ୨୦୧୬ ଶେଷ ସୁଦ୍ଧା ଭାରତର ବିଲ୍ ପେମେଣ୍ଟ ମାର୍କେଟର ଆକାର ଥିଲା ୫.୮୫ ଟ୍ରିଲିୟନ ଟଙ୍କା । ସେଥିମଧ୍ୟରୁ ୭୦ଶତାଂଶ ବିଲ୍ ନଗଦ ଟଙ୍କା କିମ୍ବା ଚେକ୍ ମାଧ୍ୟମରେ ପୈଠ ହେଉଥିଲା । ଏହି ସଂସ୍ଥାର ଆକଳନ ଅନୁସାରେ ୨୦୨୦ ସୁଦ୍ଧା ଭାରତର ବିଲ୍ ପେମେଣ୍ଟ୍ ମାର୍କେଟର ଆକାର ୯.୪ ଟ୍ରିଲିୟନ୍‌ରେ ପହଞ୍ଚିବ । ଡିଜିଟାଲ ପେମେଣ୍ଟ କାରବାର ଏବେ ଅତ୍ୟନ୍ତ ସରଳ ହୋଇଯାଇଛି । ଏହାର ଶ୍ରେୟ ଭାରତ ଇଣ୍ଟରଫେସ୍ ଫର୍ ମନି (ଭିମ୍) ୟୁପିଆଏକୁ ଯାଏ । ଆମେ ମଧ୍ୟ ଏବେ ଗୁଗୁଲ୍ ତେଜ୍ ଓ ହ୍ୱାଟ୍‌ସ ଆପ୍ ପେମେଣ୍ଟର ଆବିର୍ଭାବ ଦେଖୁଛୁ । ୨୦୧୭-୧୮ ବର୍ଷରେ ଭାରତର ଡିଜିଟାଲ ପେମେଣ୍ଟ କାରବାର ସଂଖ୍ୟା ଏକ ବିଲିୟନ୍‌ରୁ ଅଧିକ ଥିଲା । ଏହା ମାଧ୍ୟମରେ ଏକ ଟ୍ରିଲିୟନରୁ ଅଧିକ ଟଙ୍କା କାରବାର ହୋଇଥିଲା । ନୂଆ ଟେକ୍‌ନୋଲୋଜି ଓ ନୂଆ ସଂସ୍ଥା ଆସିଲେ ଡିଜିଟାଲ କାରବାର ଆହୁରି ବଢ଼ିବ । ୨୦୨୩ ସୁଦ୍ଧା




ଭାରତର ଡିଜିଟାଲ କାରବାର ପରିମାଣ ଏକ ଟ୍ରିଲିୟନ ଅମେରିକୀୟ ଡଲାରରେ ପହଞ୍ଚିବ ବୋଲି କ୍ରେଡିଟ୍ ସୁଇସେ ସଂସ୍ଥା ପକ୍ଷରୁ ଆକଳନ କରାଯାଇଛି।

**ବିତ୍ତିୟ ବ୍ୟବସ୍ଥାର ଡିଜିଟାଲ ରୂପାୟନ:**


ଡିଜିଟାଲ ବ୍ୟବସ୍ଥାରେ ପ୍ରତ୍ୟକ୍ଷ କର ସଂଗ୍ରହର ଲାଭ ବହୁତ ମିଳିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ଆୟକର ବିଭାଗ ୬.୮୪ କୋଟି ଟଙ୍କରା ଆୟକର ରିଟର୍ଣ୍ଣ ପାଇଛି। ଏଥିରେ ୨୬ଶତାଂଶ ଅଭିବୃଦ୍ଧି ଘଟିଛି। ଏହାଛଡ଼ା ଏଥିରେ ଅତିରିକ୍ତ ଏକ କୋଟିରୁ ଅଧିକ ନୂଆ ଟିକସ ରିଟର୍ଣ୍ଣ ରହିଛି। ଏହି ରିଟର୍ଣ୍ଣ ମଧ୍ୟରୁ ୯୮.୫ ଶତାଂଶ ଅନ୍‌ଲାଇନ୍‌ରେ ଫାଇଲ କରାଯାଇଛି।

ଜିଏସ୍‌ଟି ପ୍ରବର୍ତ୍ତନ ପରେ ପରୋକ୍ଷ ଟିକସ ଦାତାଙ୍କ ସଂଖ୍ୟା ୫୦ଶତାଂଶ ବଢ଼ିଛି। ଏହାର ଅର୍ଥ ଦେଶର ଆନୁଷ୍ଠାନିକ ଅର୍ଥ ବ୍ୟବସ୍ଥା ପରିସରକୁ ୩.୪ ନିୟୁତ ନୂଆ ପରୋକ୍ଷ ଟିକସଦାତା ଆସିଛନ୍ତି।

**ଡିଜିଟାଲ ବ୍ୟବସ୍ଥାରେ ଶାସନ ଓ ତଦାରଖ:**

ସକ୍ରିୟ ଶାସନ ଓ ସମୟଭିତ୍ତିକ ରୂପାୟନ (ପ୍ରଗତି) କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆ ଟେକ୍‌ନୋଲୋଜି ବ୍ୟବହାର କରି ବିଭାଗ ବିଭାଗ ମଧ୍ୟରେ ଥିବା ଦ୍ୱରତ୍ୱ ଓ ଭୌଗୋଳିକ ପ୍ରତିବନ୍ଧକ ଦୂର କରି ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଗୁରୁତ୍ୱ ଦେଇଛନ୍ତି। ବିଭିନ୍ନ ସାମାଜିକ କ୍ଷେତ୍ରର କାର୍ଯ୍ୟକ୍ରମ ସମୁହର ଉପଯୁକ୍ତ ରୂପାୟନ ଓ ସଫଳତା ଆଦିକୁ ନିୟମିତ ତଦାରଖ କରିବାକୁ ସେ ବରିଷ୍ଠ ଅଧିକାରୀମାନଙ୍କୁ ସିଧାସଳଖ କହିଆସୁଛନ୍ତି। ପ୍ରକଳ୍ପ ବା କାର୍ଯ୍ୟକ୍ରମ ରୂପାୟନ କ୍ଷେତ୍ରରେ ସୃଷ୍ଟି ପ୍ରତିବନ୍ଧକ ଓ ତାହାର ନିରାକରଣ ଉପରେ ମଧ ସେ ଗୁରୁତ୍ୱ ହେଉଛନ୍ତି। ୨୫ଟି ପ୍ରଗତି ବୈଠକରେ ପ୍ରଧାନମନ୍ତ୍ରୀ ୧୦.୫ ଲକ୍ଷ କୋଟି ଟଙ୍କା ମୂଲ୍ୟର ୨୨୭ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି।

ନୂଆ ପ୍ରସ୍ତାବିତ ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମରେ ଦେଶର ପ୍ରାଥମିକ ଓ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ସମୂହ ଡିଜିଟାଲ ବ୍ୟବସ୍ଥାରେ ସଂଯୁକ୍ତ ହେବେ। ଏଥିରେ ୫୦ କୋଟି ଭାରତୀୟଙ୍କୁ ପ୍ରତ୍ୟେକ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ସୁବିଧା ମିଳିବ। ବିନା କାଗଜ କଲମ, ନଗଦ ଅର୍ଥରେ ଲୋକଙ୍କୁ ଡିଜିଟାଲ ବ୍ୟବସ୍ଥାରେ ସ୍ୱାସ୍ଥ୍ୟସେବା ଯୋଗାଇଦିଆଯିବ।






**ଫ୍ରଣ୍ଟିୟର ଟେକ୍‌ନୋଲୋଜିର ପ୍ରଭାବ:**

ଆକ୍‌ସେନଚର ଦ୍ୱାରା ହୋଇଥିବା ଏକ ଅନୁଶୀଳନ ଅନୁସାରେ କୃତ୍ରିମ ବୌଧିକତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ୨୦୩୫ ସୁଦ୍ଧା ଭାରତୀୟ ଅର୍ଥନୀତିରେ ୯୫୭ ବିଲିୟନ ଡଲାର ଅତିରିକ୍ତ ଆୟ ସାମିଲ କରିହେବ। ସେ ଦକ୍ଷତା ଭାରତର ରହିଛି। ଏହାଦ୍ୱାରା ଭାରତର ପ୍ରଚଳିତ ଅର୍ଥନୀତିର ମୋଟ୍ ମୂଲ୍ୟ ୧୫ ଶତାଂଶ ବଢ଼ିପାରିବ। ତେଣୁ ଆର୍ଟିଫିସିଅଲ ଇଣ୍ଟେଲିଜେନ୍ସର ଉପଯୋଗ ନିମନ୍ତେ ଭାରତ ପାଇଁ ଏକ ସୁଯୋଗ ଆସିଛି। ସେହିଭଳି ମାଇକ୍ରୋସଫ୍ଟ ଆନ୍ତର୍ଜାତିକ ଡେଟା କର୍ପୋରେସନର ଏକ ଅଧ୍ୟୟନ ଅନୁସାରେ ଡିଜିଟାଲ ଟ୍ରାନ୍ସଫରମେସନ ଦ୍ୱାରା ୨୦୨୧ ସୁଦ୍ଧା ଭାରତର ଜିଡିପିରେ ୧୫୪ ବିଲିୟନ ଡଲାର ସାମିଲ ହେବ। ଏହାର ଅର୍ଥ ଭାରତର ଜିଡିପି ବାର୍ଷିକ ଏକ ଶତାଂଶ ଭାବେ ଅତିରିକ୍ତ ଆକାରରେ ବଢ଼ିବ। ୨୦୧୭ରେ ଜିଡିପିର ପ୍ରାୟ ୪ ଶତାଂଶ ଡିଜିଟାଲ ଦ୍ରବ୍ୟ ଓ ସେବାରୁ ମିଳିଥିଲା। କ୍ଲାଉଡ୍, ଇଣ୍ଟରନେଟ୍ ଅଫ୍ ଥିଙ୍ଗ (ଆଇଓଟି) ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଉପଯୋଗ ମାଧ୍ୟମରେ ଏହି ଆୟ ଆସିଥିଲା।

ସରକାରୀ ପ୍ରକ୍ରିୟା ଓ ଯୋଜନାଗୁଡ଼ିକରେ ନୂଆ ଟେକ୍‌ନୋଲୋଜିର ଉପଯୋଗ ପାଇଁ ସରକାର ବିଭିନ୍ନ ସମ୍ଭାବନାକୁ ପରୀକ୍ଷା ନିରୀକ୍ଷା କରି ଦେଖୁଛନ୍ତି। ନୀତି ଅୟୋଗକୁ ଜାତୀୟ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପ୍ରୋଗ୍ରାମ ପ୍ରସ୍ତୁତି କରିବାର ଦାୟିତ୍ୱ ଅର୍ପଣ କରାଯାଇଛି। ଆୟୋଗ ଏ ନେଇ ବିଭିନ୍ନ ମନ୍ତ୍ରଣାଳୟ, ବୁଦ୍ଧିଜୀବୀ, ଶିକ୍ଷାବିତ୍, ବିଶେଷଜ୍ଞ, ଉଦ୍ୟୋଗ ଜଗତର ନେତୃମଣ୍ଡଳୀ, ଗବେଷକ ଓ ଷ୍ଟାର୍ଟଅପ୍ ସମୂହର ଉଦ୍ୟୋକ୍ତାମାନଙ୍କ ସହ ଆଲୋଚନା, ପର୍ଯ୍ୟାଲୋଚନା ଜାରି ରଖିଛନ୍ତି। ନୂଆ ଟେକ୍‌ନୋଲୋଜିକୁ ବୁଝିବା, ତାହାର ଉପଯୋଗିତାକୁ ଜାଣିବା, ଦେଶର ଅର୍ଥନୀତି ଓ ଶାସନ ଦୃଷ୍ଟିରୁ ଏହି ଟେକ୍‌ନୋଲୋଜିର ସମ୍ଭାବ୍ୟ ବିପଦକୁ ବିଚାରକୁ ନେବା, ଏହାର ଭବିଷ୍ୟତ ବିକାଶ ସମ୍ପର୍କରେ ବିଚାର କରିବା ଆଦି ଉଦ୍ଦମାନର ବିଚାର ବିମର୍ଶ ଓ ଉଦ୍ୟମ ଲୋଡ଼େ। ଜାତୀୟ ଅଗ୍ରାଧିକାରକୁ ବିଚାରକୁ ନେଇ ନୀତି ଆୟୋଗ ଏହି ନୂଆ ଟେକ୍‌ନୋଲୋଜିକୁ ନିର୍ଦ୍ଦିଷ୍ଟ କେତେକ କ୍ଷେତ୍ରରେ ଉପଯୋଗ କରିବାକୁ ବିଚାର କରୁଛି। ଏଥିରୁ କିପ୍ରକାର ଲାଭ ମିଳୁଛି ତାହା ପରୀକ୍ଷା କରି ଦେଖିବାକୁ ଆୟୋଗ ଆଗ୍ରହୀ। ଏସବୁ 'ପ୍ରୁଫ୍ ଅଫ୍ କନ୍‌ସେପ୍ଟ' ପ୍ରକଳ୍ପର ଅଂଶ ବିଶେଷ ଯାହା ବିଚାର ଓ ଫଳାଫଳ ମଧ୍ୟରେ ଥିବା ସମ୍ପର୍କକୁ ପ୍ରମାଣିତକରିବାକୁ ଉଦ୍ଦିଷ୍ଟ। ଏହି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ କୃଷି ଓ ସ୍ୱାସ୍ଥ୍ୟସେବା ଆଦି କ୍ଷେତ୍ରର ବ୍ୟବହାର କରିବାକୁ ବିଚାର କରାଯାଉଛି। ଯଦି ଏହି ଟେକ୍‌ନୋଲୋଜି ସମସ୍ୟା ସମାଧାନରେ ସଫଳ ହୁଏ ଏହା ଗ୍ରହଣୀୟ ହେବ। ତେବେ ସେଥିପାଇଁ ପରୀକ୍ଷା ନିରୀକ୍ଷା ଅବଶ୍ୟ ଲୋଡ଼ା। ଦୀର୍ଘ କାଳ ଧରି ଭାରତ ଏକ ଜଟିଳ ରାଷ୍ଟ୍ର ହୋଇ ରହିଆସିଛି। ଫଳରେ ସାଧାରଣ ଜନତା ସରକାରୀ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ନୂଆ ଜ୍ଞାନକୌଶଳ ଯଦି ଶାସନର ଏହି ସ୍ଥିତି ବଦଳାଇବାରେ ସଫଳ ହୁଏ ଓ ମଣିଷର ହସ୍ତକ୍ଷେପ ଜନିତ ପ୍ରତିବନ୍ଧକ ଦୂର କରେ ତେବେ ଶାସନ ଦକ୍ଷ ଓ ସଫଳ ହେବ।

**ଲେଖକ ହେଉଛନ୍ତି ନୀତି ଆୟୋଗର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ।**

# ମୋଦି ସରକାରଙ୍କ ବିକାଶ ରଣନୀତି: ଏକ ଅବଲୋକନ


● ରାଜୀବ ଆହୁଜା

ସାମ୍ପ୍ରତିକ ସରକାର ଏକଥା ଦୃଢ଼କଣ୍ଠରେ ଘୋଷଣା କରି ସାରିଛନ୍ତି ଯେ ଏହାଙ୍କର ତ୍ରିବିଧ କାର୍ଯ୍ୟସୂଚୀ ରହିଛି: ବିକାଶ, ଦ୍ରୁତ ଗତିସମ୍ପନ୍ନ ବିକାଶ, ସର୍ବାଙ୍ଗୀନ ବିକାଶ। ଅନ୍ୟ ଏକ ସନ୍ଦର୍ଭରେ ସରକାର ଏକଥାର ମଧ୍ୟ ସୂଚନା ପ୍ରଦାନ କରିଛନ୍ତି ଯେ ବିକାଶକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା ବର୍ତ୍ତମାନ ସମୟର ଆହ୍ୱାନ।

ପୂର୍ବରୁ ଭାରତୀୟ ରାଜନୀତିର ପ୍ରାଣକେନ୍ଦ୍ରରେ କେବେହେଲେ ହୋଇ ନଥିବା ଭଳି ବିକାଶ ଆଣିବାରେ ସାମ୍ପ୍ରତିକ ସରକାର ଯେ ସମର୍ଥ ହୋଇଛନ୍ତି, ଏକଥା ସହିତ କ୍ୱଚିତ୍ କେହି ଅରାଜି ହେବେ। ଅଭିବୃଦ୍ଧି ଏବଂ ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବାର ଲକ୍ଷ୍ୟ ରଖି ସରକାର ଅନେକଗୁଡ଼ିଏ ଯୋଜନାର ଶୁଭାରମ୍ଭ କରିଛନ୍ତି: ଜନଧନ ଯୋଜନା, ଡିଜିଟାଲ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ, ମୁଦ୍ରା (ଏମ୍ୟୁଡିଆର୍ଏ) ବ୍ୟାଙ୍କ୍ ଯୋଜନା, ସ୍ୱଚ୍ଛ ଭାରତ ଅଭିଯାନ, ଆୟୁଷ୍ମାନ୍ ଭାରତ, ଏବଂ ଏମିତି ଅନେକ ଯୋଜନା ଯେଉଁସବୁକୁ ଲେଖି ବସିଲେ ଲମ୍ବା ତାଲିକାଟାଏ ହେବ। ବିଗତ ୪ବର୍ଷ ଭିତରେ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅନେକଗୁଡ଼ିଏ କାର୍ଯ୍ୟକ୍ରମରୁ ଜଣେ ସାଧାରଣ ଲୋକ କ'ଣ ଅନୁମାନ କରିବ ?

ଏକ ସାଧାସିଧା ମତ ହେଉଛି, ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକୁ ଅର୍ଥନୈତିକ ଅଭିବୃଦ୍ଧି ଏବଂ ରୂପାନ୍ତରଣର ଉପକରଣଗୁଡ଼ିକ ଭାବରେ ବିଚାର କରିବା। ପରିସର ଦୃଷ୍ଟିରୁ ସୀମିତ ହେଲେ ମଧ୍ୟ ଏହି ମତ ଏକ ଉପଯୋଗୀ ଦୃଷ୍ଟିକୋଣ ପ୍ରଦାନ କରିଥାଏ। ଏହି ଦୃଷ୍ଟିକୋଣକୁ ପ୍ରୟୋଗ କରି ଜଣେ ଏହିସବୁ ସଂସ୍କାର/ କାର୍ଯ୍ୟକ୍ରମଗୁଡ଼ିକୁ ୩ଗୋଟି ବର୍ଗରେ ଅନ୍ତର୍ଭୁକ୍ତ କରି ପାରିବ: ୧) ଯେଉଁଗୁଡ଼ିକ 'ଶୀଘ୍ର ଫଳଦାୟୀ' ବା 'ହାତପାଆନ୍ତାରେ ଥିବା ଫଳ', ୨) ଯେଉଁଗୁଡ଼ିକ ମଧ୍ୟମଠାରୁ ଦୀର୍ଘକାଳୀନ ଲାଭର ପ୍ରତିଶ୍ରୁତି ପ୍ରଦାନ କରିଥାଏ, ଏବଂ ୩) ଯେଉଁଗୁଡ଼ିକ ପରବର୍ତ୍ତୀ ସମୟରେ ଉଲ୍ଲେଖନୀୟ ଲାଭ ପ୍ରଦାନ କରିବା ନିମନ୍ତେ ସ୍ୱଳ୍ପକାଳୀନ ବ୍ୟୟ/ କଷ୍ଟ ଆବଶ୍ୟକ କରିଥାଏ।

'ଶୀଘ୍ର ଫଳଦାୟୀ' ଯୋଜନାର ଉଦାହରଣଗୁଡ଼ିକ ମଧ୍ୟରେ ଭାରତରେ ଡାକ୍ତର ଅଭାବ ପୂରଣ କରିବା ନିମନ୍ତେ କେନ୍ଦ୍ରୀୟ ସ୍ୱାସ୍ଥ୍ୟସେବାରେ କାର୍ଯ୍ୟ କରୁଥିବା ସମସ୍ତ ଡାକ୍ତରଙ୍କ ଚାକିରିର ବୟସ ସୀମାରେ ବୃଦ୍ଧି ଘଟାଇବା ତଥା ଚାଷୀର ଆୟ ବଢ଼ାଇବାକୁ ଦୃଷ୍ଟିରେ ରଖି ଅଣଜଙ୍ଗଲ ଅଞ୍ଚଳଗୁଡ଼ିକରେ ବାଉଁଶ ଚାଷ କରିବା ନିମନ୍ତେ ଏହାକୁ ଭାରତୀୟ ଜଙ୍ଗଲ ଆଇନ୍ ତାଲିକାରୁ ବାଦ୍ ଦେବା ଅନ୍ତର୍ଭୁକ୍ତ। ମଧ୍ୟମରୁ ଦୀର୍ଘକାଳୀନ ଲାଭ ପ୍ରଦାନ କରିବାକୁ ଆରମ୍ଭ କରିବା କ୍ଷେତ୍ରରେ ହସ୍ତକ୍ଷେପର ଉଦାହରଣ ମଧ୍ୟରେ ଦେଶର ବିଭିନ୍ନ ରାଜ୍ୟ/ ଅଞ୍ଚଳଗୁଡ଼ିକରେ ଏଆଇଆଇଏମ୍ଏସ୍ (ଏମ୍ସ)- ଭଳି ନୂଆ ହସ୍ପିଟାଲଗୁଡ଼ିକ ପ୍ରତିଷ୍ଠା କରିବା, ହାଇଟେକ୍ ବୁଲେଟ୍ ଟ୍ରେନ୍ ଏବଂ ସେହିଭଳି ଯୋଜନାଗୁଡ଼ିକର ଶୁଭାରମ୍ଭ କରିବା ଅନ୍ତର୍ଭୁକ୍ତ। ସେହିଭଳି ସାଂଗଠନିକ ସଂସ୍କାର ଯଥା ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ଏବଂ ଅଧିକ ମୂଲ୍ୟସମ୍ପନ୍ନ ନୋଟ୍‌ଗୁଡ଼ିକର ବିମୁଦ୍ରାକରଣ ହେଉଛି ସେହିସବୁ ସଂସ୍କାରଗୁଡ଼ିକର ଉଦାହରଣ ଯାହା ଅଳ୍ପ ସମୟ ପାଇଁ ଯନ୍ତ୍ରଣା ବା ସ୍ୱାଭାବିକ ଜୀବନ ଯାତ୍ରାରେ ବ୍ୟାଘାତ ଘଟାଇଥାଏ ସତ, କିନ୍ତୁ ପରବର୍ତ୍ତୀ ସମୟରେ ଉଲ୍ଲେଖନୀୟ ଅର୍ଥନୀତିକ ଲାଭର ପ୍ରତିଶ୍ରୁତି ପ୍ରଦାନ କରିଥାଏ।



## ଅର୍ଥନୀତିଜ୍ଞଙ୍କ ଦୃଷ୍ଟିକୋଣ

ଅନ୍ୟ ଏକ ଉପଯୋଗୀ ଦୃଷ୍ଟିକୋଣ ହେଉଛି, ସରକାରଙ୍କର ବିଭିନ୍ନ ଅର୍ଥନୀତିକ କାର୍ଯ୍ୟକ୍ରମଗୁଡ଼ିକୁ ଜଣେ ଅର୍ଥନୀତିଜ୍ଞଙ୍କ ଦୃଷ୍ଟିରେ ଦେଖିବା: ସଂସ୍କାର/ କାର୍ଯ୍ୟକ୍ରମଗୁଡ଼ିକ ଯାହା ବଜାରର ବିଫଳତା ଏବଂ ସରକାରଙ୍କ ବିଫଳତାକୁ ସମାଧାନ କରିଥାଏ। ଏମିତିକି ବଜାର ବ୍ୟବସ୍ଥାର ଦୃଢ଼ ସମର୍ଥକମାନେ ମଧ୍ୟ ବିଶ୍ୱାସ କରିଥାନ୍ତି ଯେ ଏମିତି କିଛି ଅବସ୍ଥା ଥାଏ ଯେତେବେଳେ କି ବଜାର ବ୍ୟବସ୍ଥା ଭୁଶୁଡ଼ି ପଡ଼େ ଏବଂ ତଦ୍ଦ୍ୱାରା ତହିଁରେ ସୁଧାର ଆଣିବା ପାଇଁ ସରକାରଙ୍କୁ ହସ୍ତକ୍ଷେପ କରିବାକୁ ସୁଯୋଗ ପ୍ରଦାନ କରିଥାଏ। ସାର୍ବଜନିକ ପଦାର୍ଥର ବ୍ୟବସ୍ଥା କରିବା ହେଉ କି ଯେଉଁସବୁ କାର୍ଯ୍ୟକଳାପଗୁଡ଼ିକର ନକାରାତ୍ମକ/ ସକାରାତ୍ମକ ପ୍ରଭାବ ରହିଛି, ତାକୁ ସୀମିତ କରାଇବା/ ପ୍ରୋତ୍ସାହନ ଯୋଗାଇବା ହେଉ କିମ୍ବା ଯେଉଁସବୁ କମ୍ପାନୀଗୁଡ଼ିକ ସେମାନଙ୍କର ଆଧିପତ୍ୟ ଥିବା ବଜାର ଅବସ୍ଥାର ଫାଇଦା ନେଇ ଶୋଷଣ କରୁଛନ୍ତି, ସେମାନଙ୍କ ବିରୋଧରେ ପ୍ରତିରୋଧାତ୍ମକ କାର୍ଯ୍ୟ କରିବା ଅଥବା ସାଧାରଣ/ ବୃହତ୍ ଅର୍ଥନୀତିକ ସ୍ଥିରତାକୁ ଜଗୁଛନ୍ତି କିମ୍ବା କମ୍ ବା ସ୍ୱଳ୍ପ ଚାହିଦା କାରଣରୁ ତଥା ଅନ୍ୟ କେତେକ ଅନ୍ୟାନ୍ୟ ଅବସ୍ଥା ଯୋଗୁଁ 'ହଜି ଯାଇଥିବା' ବଜାରଗୁଡ଼ିକର ଶୂନ୍ୟସ୍ଥାନ ପୂରଣ କରିବାକୁ ଆଗେଇ ଆସିବା।

ପୂର୍ବରୁ ଭାରତୀୟ ରାଜନୀତିର ପ୍ରାଣକେନ୍ଦ୍ରରେ କେବେହେଲେ ହୋଇ ନଥିବା ଭଳି ବିକାଶ ଆଣିବାରେ ସାମ୍ପ୍ରତିକ ସରକାର ଯେ ସମର୍ଥ ହୋଇଛନ୍ତି, ଏକଥା ସହିତ କ୍ୱଚିତ୍ କେହି ଅରାଜି ହେବେ। ଅଭିବୃଦ୍ଧି ଏବଂ ବିକାଶକୁ ପ୍ରୋତ୍ସାହନ ପ୍ରଦାନ କରିବାର ଲକ୍ଷ୍ୟ ରଖି ସରକାର ଅନେକଗୁଡ଼ିଏ ଯୋଜନାର ଶୁଭାରମ୍ଭ କରିଛନ୍ତି: ଜନଧନ ଯୋଜନା, ଡିଜିଟାଲ ଇଣ୍ଡିଆ, ମେକ୍ ଇନ୍ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ, ମୁଦ୍ରା (ଏମ୍‌ୟୁଡିଆର୍‌ଏ) ବ୍ୟାଙ୍କ୍ ଯୋଜନା, ସ୍ୱଚ୍ଛ ଭାରତ ଅଭିଯାନ, ଆୟୁଷ୍ମାନ୍ ଭାରତ, ଏବଂ ଏମିତି ଅନେକ ଯୋଜନା ଯେଉଁସବୁକୁ ଲେଖି ବସିଲେ ଲମ୍ବା ତାଲିକାଟାଏ ହେବ। ବିଗତ ୪ବର୍ଷ ଭିତରେ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅନେକଗୁଡ଼ିଏ କାର୍ଯ୍ୟକ୍ରମରୁ ଜଣେ ସାଧାରଣ ଲୋକ କ'ଣ ଅନୁମାନ କରିବ ?

## ବଜାର ବିଫଳତା ସମସ୍ୟାର ସମାଧାନ କରିବା

ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ- କେବଳ ନୂଆ ପ୍ରକଳ୍ପ ନୁହେଁ, ବରଂ ପୂର୍ବ ସରକାରଙ୍କ ଅମଳରେ ବନ୍ଦ ହୋଇ ପଡ଼ିଥିବା ପ୍ରକଳ୍ପଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରାଇବାକୁ ସାମ୍ପ୍ରତିକ ସରକାରଙ୍କ ବଳିଷ୍ଠ ଉଦ୍ୟମ ଯଥେଷ୍ଟ ମହତ୍ୱ ରଖେ, କାରଣ ଏହା ସାର୍ବଜନୀନ ପଦାର୍ଥର ବଜାର ବିଫଳତାଜନିତ ବ୍ୟବସ୍ଥାଗତ ସମସ୍ୟାକୁ ସମାଧାନ କରିବାରେ ସହାୟକ ହୋଇଥାଏ। ପୁନଶ୍ଚ, ଆନ୍ତର୍ଜାତିକ ସୌରଶକ୍ତି ମେଣ୍ଟ (ଇଣ୍ଟରନ୍ୟାସନାଲ ସୋଲାର ଆଲାଏନ୍‌ସ୍)ର ଏକ ପ୍ରତିଷ୍ଠାତା ସଦସ୍ୟ ହୋଇ ସମଗ୍ର ବିଶ୍ୱରେ ସାର୍ବଜନୀନ ଦ୍ରବ୍ୟ ଭାବରେ ଆଦୃତ ହେବାକୁ ଥିବା ଏକ ସାମଗ୍ରୀର ସୃଷ୍ଟି ପାଇଁ ମଧ୍ୟ ସରକାର ଏକ ପ୍ରମୁଖ ଭୂମିକା ନେବାର ଆଗ୍ରହ ଦର୍ଶାଇଛନ୍ତି।

ଡିଜିଟାଲ କାରବାରକୁ ଦୃଢ଼ ପ୍ରୋତ୍ସାହନ ଯୋଗାଇବା ହେଉ କି ରାଷ୍ଟ୍ରୀୟ ପୋଷଣ ମିଶନ ଉପରେ ପୁନର୍ନବୀକୃତ ଗୁରୁତ୍ୱ ଆରୋପ କରିବା ଅଥବା ସ୍ୱଚ୍ଛ ଭାରତ ଅଭିଯାନର ଶୁଭାରମ୍ଭ କରିବା- ଏସବୁଯାକ ହେଉଛି ବିକାଶ ପ୍ରକ୍ରିୟାରେ ଏଥି ମଧ୍ୟରୁ ପ୍ରତ୍ୟେକଟିର ପ୍ରଭାବକୁ ଧରି ରଖିବାର ସକାରାତ୍ମକ ଉଦ୍ୟମ। ସେହିଭଳି ଯାନବାହନଜନିତ ପ୍ରଦୂଷଣର ମାରାତ୍ମକ ପ୍ରଭାବକୁ ହ୍ରାସ କରିବାର ଆଭିମୁଖ୍ୟ ନେଇ ଭାରତ ଷ୍ଟେଜ୍ ବା ପର୍ଯ୍ୟାୟ ନିର୍ଗମନ ନିୟମକୁ ଚାରିରୁ ଛଅକୁ ନେଇ କାର୍ଯ୍ୟାନ୍ୱୟନ କରିବା ନିମନ୍ତେ ଅଗ୍ରସର





ହେବା କିମ୍ବା ଏହାର ସମ୍ଭାବ୍ୟ ଅପବ୍ୟବହାରକୁ ପ୍ରତିରୋଧ କରିବା ନିମନ୍ତେ ଅକ୍ସିଟୋସିନ୍‌ର ବିକ୍ରୟ ଏବଂ ଆମଦାନୀକୁ ନିଷେଧ କରିବା- ଏସବୁ ହେଉଛି ନକାରାତ୍ମକ ପ୍ରଭାବକୁ ହ୍ରାସ କରିବାର ଉଦ୍ୟମ।


ଆହୁରି ମଧ୍ୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ଲକ୍ଷ୍ୟ ନେଇ ଜନଧନ ଯୋଜନା, ନିମ୍ନ ଆୟକାରୀ ବର୍ଗର ଲୋକମାନଙ୍କୁ ରିହାତି ଦରରେ ଗୃହଋଣ ପ୍ରଦାନ କରିବାର ଲକ୍ଷ୍ୟ ନେଇ ହାଉସିଂ ଫର୍ ଅଲ୍ (ସମସ୍ତଙ୍କ ପାଇଁ ବାସଗୃହ) ଯୋଜନା, ଧନ୍ଦାମୂଳକ ଶିକ୍ଷା ଏବଂ ବୈଷୟିକ ପ୍ରଶିକ୍ଷଣ ଯୋଗାଇବାର ଲକ୍ଷ୍ୟ ନେଇ ସ୍କିଲ୍ ଇଣ୍ଡିଆ ମିଶନ୍ ଏବଂ ଆହୁରି ଅନେକ ଯୋଜନା ଆରମ୍ଭ କରି ସରକାର 'ହଜି ଯାଇଥିବା' ବଜାରଗୁଡ଼ିକର ଶୂନ୍ୟସ୍ଥାନ ପୂରଣ ପାଇଁ ଉଦ୍ୟମ କରିଛନ୍ତି।

ବ୍ୟାପକ ଆର୍ଥିକ ସ୍ଥିରତାକୁ ବଜାୟ ରଖିବା ନିମନ୍ତେ ଅର୍ଥନୀତିକ ଅଭିବୃଦ୍ଧି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରିପୋଷଣୀୟ ଅର୍ଥନୀତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି- କୃଷି ଉତ୍ପାଦନ ଓ ଉତ୍ପାଦକତାକୁ ପ୍ରୋତ୍ସାହନ ଦେବା ନିମନ୍ତେ (ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ଫସଲ ବୀମା ଯୋଜନା ଇତ୍ୟାଦି), ସହଜ ବ୍ୟାଙ୍କ୍ ଋଣ (ମୁଦ୍ରା ଯୋଜନା, ଷ୍ଟାର୍ଟ ଅପ୍ ଇଣ୍ଡିଆ ଏବଂ ଷ୍ଟାଣ୍ଡ ଅପ୍ ଇଣ୍ଡିଆ) ମାଧ୍ୟମରେ କ୍ଷୁଦ୍ର ଉଦ୍ୟୋଗୀ/ ନବ ଉଦ୍ଭାବନକାରୀମାନଙ୍କୁ ଉତ୍ସାହିତ ତଥା ଏଇଭଳି ଅନେକ କିଛି। ପୁନଶ୍ଚ, ସରକାର ନିଜ ପାଇଁ ମଧ୍ୟ କେତେଗୁଡ଼ିଏ ଉଚ୍ଚାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି: ୨୦୨୨ ସୁଦ୍ଧା କୃଷକମାନଙ୍କ ଆୟକୁ ଦ୍ୱିଗୁଣିତ କରିବା, ଆଗାମୀ ୩ ବର୍ଷ ଭିତରେ ବିଦେଶୀ ପର୍ଯ୍ୟଟକଙ୍କ ଆଗମନକୁ ଦ୍ୱିଗୁଣିତ କରିବା, ୨୦୨୨ ସୁଦ୍ଧା ସୌରଶକ୍ତିରୁ ୧୦୦ ଜିଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବା ଇତ୍ୟାଦି ଅନେକ କିଛି। ଅର୍ଥନୀତିକ ଅଭିବୃଦ୍ଧିର ନିର୍ଦ୍ଦିଷ୍ଟ ମୁଖ୍ୟ କ୍ଷେତ୍ରଗୁଡ଼ିକୁ ଦେଖିଲେ ମନେହୁଏ ଯେ ସରକାର କେବଳ ଅଭିବୃଦ୍ଧିର ଉତ୍ସଗୁଡ଼ିକୁ ବହୁମୁଖୀ କରିବାର ଉଦ୍ୟମ କରିବାକୁ ଇଚ୍ଛା କରୁ ନାହାନ୍ତି, ବରଂ ସମାଜର ସବୁ ବର୍ଗର ଲୋକମାନଙ୍କ ସାମର୍ଥ୍ୟକୁ ଉପଯୋଗ କରି ଅଭିବୃଦ୍ଧିକୁ ଗଣତାନ୍ତ୍ରିକ କରିବାକୁ ଚାହୁଁଛନ୍ତି।

ବଜାରର ବିଫଳତା ସହିତ ସରକାରଙ୍କର ମଧ୍ୟ ବିଫଳତା ଥାଇପାରେ। ଏକ ସରକାର ବଜାର ବିଫଳତାକୁ ସୁଧାରିବାରେ ତଥା ନିଜର ମୌଳିକ କାର୍ଯ୍ୟଗୁଡ଼ିକ ଯଥା ଦାରିଦ୍ର୍ୟ ହ୍ରାସ କରିବା ଏବଂ ନିରପେକ୍ଷତାକୁ ପ୍ରୋତ୍ସାହନ ଯୋଗାଇବାରେ ବିଫଳ ହୋଇ ପାରନ୍ତି।

**ସରକାରଙ୍କ ବିଫଳତାକୁ ସମାଧାନ କରିବା ଦିଗରେ**

ଏକ ବଜାର ଅର୍ଥନୀତିରେ ଯେ କୌଣସି ସରକାରର ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ ହେଉଛି ଏକ ମାନ ଧାର୍ଯ୍ୟ କରିବା ଏବଂ ନୀତି ନିୟମଗୁଡ଼ିକ ବିକଶିତ କରିବା ଯଦ୍ୱାରା ବଜାରଗୁଡ଼ିକ ଉତ୍ତମ ରୂପେ କାର୍ଯ୍ୟ କରି



ପାରିବ। ନୂତନ ନିୟାମକ ସଂସ୍ଥା ପ୍ରତିଷ୍ଠା କରିବା ତଥା ବିଦ୍ୟମାନ/ ବର୍ତ୍ତମାନ ରହିଥିବା ନିୟାମକ ସଂସ୍ଥାଗୁଡ଼ିକୁ ଶକ୍ତିଶାଳୀ କରିବା ନିମନ୍ତେ ସରକାର କେତେକ ବ୍ୟବସ୍ଥା କରିଛନ୍ତି। ଉଦାହରଣ ସ୍ୱରୂପ, ରିୟଲ ଇଷ୍ଟେଟ୍ କାରବାରରେ ଅଧିକ ସ୍ୱଚ୍ଛତା ଆଣିବା ପାଇଁ ତଥା ବାସଗୃହ କ୍ରେତାଙ୍କ ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ରିୟଲ୍ ଇଷ୍ଟେଟ୍ ଆକ୍ଟ ବା ଆଇନ୍ ପ୍ରଣୟନ କରିଛନ୍ତି। ସେହିଭଳି ବ୍ୟାଙ୍କ୍ କାରବାରଜନିତ ତଥା ଅନ୍ୟାନ୍ୟ ନିୟମ କାନୁନ୍‌ଗୁଡ଼ିକୁ କଠୋର କରି ସରକାର ଭାରତରେ ଖାଦ୍ୟ ନିରାପତ୍ତା ନିୟମାବଳୀଗୁଡ଼ିକୁ ଶକ୍ତିଶାଳୀ କରାଇଛନ୍ତି। ବୃତ୍ତିଗତ/ ପେସାଗତ ନୀତିର ପାଳନକୁ ସୁନିଶ୍ଚିତ କରାଇବା ପାଇଁ ସରକାର ମଧ୍ୟ ମେଡିକାଲ ଡାକ୍ତର, ହିସାବ ରକ୍ଷକ (ଆକାଉଣ୍ଟାଣ୍ଟ), ନିରୀକ୍ଷକ (ଅଡିଟର) ଇତ୍ୟାଦିମାନଙ୍କ ପେସାଦାର ସଂଗଠନର ଦୈନନ୍ଦିନ ଆଚାର ବ୍ୟବହାର ଉପରେ ଲକ୍ଷ୍ୟ ରଖୁଛନ୍ତି। ସାମାଜିକ କ୍ଷେତ୍ରରେ ମଧ୍ୟ ସରକାର ନୀତି ନିୟମାବଳୀ ସମ୍ପର୍କିତ ପ୍ରସଙ୍ଗଗୁଡ଼ିକର ସମାଧାନ କରୁଛନ୍ତି। ଉଦାହରଣ ସ୍ୱରୂପ, ସ୍ୱାସ୍ଥ୍ୟ କ୍ଷେତ୍ରର ନିୟମାବଳୀ ଅଭାବରେ ବ୍ୟାପକ ପରିମାଣରେ କମିଶନ ଏବଂ ହାତଗୁଞ୍ଜା କାରବାର ଯୋଗୁଁ ଔଷଧ ଓ ଡାକ୍ତରୀ ଉପକରଣ ଶିଳ୍ପରେ ବଡ଼ ଧରଣର ବଜାର ବିଫଳତା ରହି ଆସିଥିଲା। ଏହି ପ୍ରସଙ୍ଗ ବର୍ତ୍ତମାନ ସରକାରଙ୍କର ତୀକ୍ଷ୍ଣ ଦୃଷ୍ଟିରେ ରହିଛି ଏବଂ ଏହାର ସମାଧାନ କରାଯିବା ପାଇଁ ଉଦ୍ୟମ ଆରମ୍ଭ କରାଯାଇଛି।

ସରକାରୀ କ୍ଷେତ୍ରର ଉଦ୍ୟୋଗଗୁଡ଼ିକର କାର୍ଯ୍ୟ ସମ୍ପାଦନରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ସରକାର ନିଜ ପାଇଁ ଉଚ୍ଚାକାଂକ୍ଷୀ ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏହା ମଧ୍ୟ ସରକାରୀ କ୍ଷେତ୍ରର ଉଦ୍ୟୋଗ/ ଅଣ୍ଡରଟେକିଂ (ସରକାରଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗ)ଗୁଡ଼ିକୁ ପରିବର୍ତ୍ତିତ ଅର୍ଥନୀତିକ ପରିପ୍ରେକ୍ଷୀ ସହିତ ତାଳଦେଇ କାମ କରିବା ଉପଯୋଗୀ ହେବା ନିମନ୍ତେ ଉତ୍ସାହିତ କରୁଛନ୍ତି। ଏହାର ଏକ ଉଦାହରଣ ହେଉଛି ଇଣ୍ଡିଆ ପୋଷ୍ଟ୍ ପେମେଣ୍ଟ୍‌ସ୍ ବ୍ୟାଙ୍କ୍ ଯାହା ଡାକ ବିଭାଗର ୧.୫ଲକ୍ଷ ଡାକଘରକୁ ପରିଚାଳିତ କରିବାର ଭାର ଗ୍ରହଣ କରିବ। ପୁନଶ୍ଚ, ଏହିସବୁ ଉଦ୍ୟୋଗଗୁଡ଼ିକର ପରିଚାଳନାରେ ରାଜନୀତିକ ହସ୍ତକ୍ଷେପକୁ ଯେତେଦୂର ସମ୍ଭବ କମ୍ କରିବାକୁ ସରକାର ଉଦ୍ୟମ କରୁଛନ୍ତି।

ବ୍ୟାପକ ଆର୍ଥିକ ସ୍ଥିରତାକୁ ବଜାୟ ରଖିବା ନିମନ୍ତେ ଅର୍ଥନୀତିକ ଅଭିବୃଦ୍ଧି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପରିପୋଷଣୀୟ ଅର୍ଥନୀତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି- କୃଷି ଉତ୍ପାଦନ ଓ ଉତ୍ପାଦକତାକୁ ପ୍ରୋତ୍ସାହନ ଦେବା ନିମନ୍ତେ (ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ୍, ଫସଲ ବୀମା ଯୋଜନା ଇତ୍ୟାଦି), ସହଜ ବ୍ୟାଙ୍କ୍ ଋଣ (ମୁଦ୍ରା ଯୋଜନା, ଷ୍ଟାର୍ଟ୍ ଅପ୍ ଇଣ୍ଡିଆ ଏବଂ ଷ୍ଟାଣ୍ଡ୍ ଅପ୍ ଇଣ୍ଡିଆ) ମାଧ୍ୟମରେ କ୍ଷୁଦ୍ର ଉଦ୍ୟୋଗୀ/ ନବ ଉଦ୍ଭାବନକାରୀମାନଙ୍କୁ ଉତ୍ସାହିତ ତଥା ଏଇଭଳି ଅନେକ କିଛି। ପୁନଶ୍ଚ, ସରକାର ନିଜ ପାଇଁ ମଧ୍ୟ କେତେଗୁଡ଼ିଏ ଉଚ୍ଚାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି: ୨୦୨୨ ସୁଦ୍ଧା କୃଷକମାନଙ୍କ ଆୟକୁ ଦ୍ୱିଗୁଣିତ କରିବା, ଆଗାମୀ ୩ ବର୍ଷ ଭିତରେ ବିଦେଶୀ ପର୍ଯ୍ୟଟକଙ୍କ ଆଗମନକୁ ଦ୍ୱିଗୁଣିତ କରିବା, ୨୦୨୨ ସୁଦ୍ଧା ସୌରଶକ୍ତିରୁ ୧୦୦ ଜିଗାୱାଟ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବା ଇତ୍ୟାଦି ଅନେକ କିଛି।



ନିଜର କାର୍ଯ୍ୟକ୍ରମ- ସର୍ବନିମ୍ନ ସରକାର, ସର୍ବାଧିକ ଶାସନ- ଅଧୀନରେ ଗୋଟିଏ ପକ୍ଷରେ ସରକାର ଜୀବନଧାରଣକୁ ଅଧିକ ସହଜ କରୁଥିବା ବେଳେ ଅନ୍ୟ ପକ୍ଷରେ ବ୍ୟବସାୟ ସମୂହ ଏବଂ ଉଦ୍ୟୋଗୀମାନଙ୍କୁ ତିଷ୍ଠି ରହିବାରେ ସାହାଯ୍ୟ କରିବାର ଆଭିମୁଖ୍ୟ ନେଇ ଲୋକମାନଙ୍କୁ ମୌଳିକ ସରକାରୀ ସେବା ଉପଲବ୍ଧ କରାଇବା ନିମନ୍ତେ ସେମାନଙ୍କ ସହିତ ସାମ୍ନାସାମ୍ନି କାରବାର ନ କରି ଡିଜିଟାଲ ଜ୍ଞାନକୌଶଳର ଉପଯୋଗକୁ ବଢ଼ାଉଛନ୍ତି।

**ନିରପେକ୍ଷତାକୁ ପ୍ରୋତ୍ସାହନ ଯୋଗାଇବା**

ନିରପେକ୍ଷତାକୁ ପ୍ରୋତ୍ସାହନ ଯୋଗାଇବା ଉଦ୍ଦେଶ୍ୟରେ ସରକାର ଅନେକଗୁଡ଼ିଏ କାର୍ଯ୍ୟକ୍ରମ ଚାଲୁ କରିଛନ୍ତି ଯାହାସବୁ କେତେକ ନିର୍ଦ୍ଦିଷ୍ଟ ଭୌଗୋଳିକ ଅଞ୍ଚଳ ତଥା ନିର୍ଦ୍ଦିଷ୍ଟ ଜନସଂଖ୍ୟା ବର୍ଗଙ୍କ ମଧ୍ୟରେ ସୀମିତ। ଉଦାହରଣ ସ୍ୱରୂପ, ସରକାର ଦୀର୍ଘକାଳ ଧରି ଅବହେଳିତ ହୋଇ ରହି ଆସିଥିବା ଉତ୍ତର- ପୂର୍ବ (ନର୍ଥ ଇଷ୍ଟ) ଅଞ୍ଚଳର ବିକାଶ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ସମଗ୍ର ଅଞ୍ଚଳର ନିରପେକ୍ଷ ବିକାଶ କରିବା ନିମନ୍ତେ ସରକାର ଉତ୍ତର- ପୂର୍ବ ଅଞ୍ଚଳ ପାଇଁ ଅନେକଗୁଡ଼ିଏ ବିକାଶମୂଳକ ପ୍ରକଳ୍ପ ଆରମ୍ଭ କରିଛନ୍ତି। ସେହିପରି ସରକାର ୧୦୦ରୁ ଅଧିକ ସଂଖ୍ୟକ 'ଅଭିଳାଷୀ' ଜିଲ୍ଲାକୁ ଚିହ୍ନଟ କରିଛନ୍ତି ଯେଉଁଗୁଡ଼ିକ ବିକାଶ ସୂଚକାଙ୍କର କେତେକ ପ୍ରମୁଖ କ୍ଷେତ୍ରରେ ପଛରେ ପଡ଼ିଛନ୍ତି। ନିଜର 'ଅଭିଳାଷୀ ଜିଲ୍ଲା ସମୂହର ରୂପାନ୍ତରଣ କାର୍ଯ୍ୟକ୍ରମ' ଅଧୀନରେ ସରକାର ଏହିସବୁ ଜିଲ୍ଲାଗୁଡ଼ିକରେ ବିକାଶର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ବିଶେଷ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ସେହିଭଳି ନିରପେକ୍ଷ ବିକାଶ ମୋଦିଙ୍କ ସରକାରର ୧୦୦୦ ଦିନ ମଧ୍ୟରେ ୧୦୦% ଗ୍ରାମକୁ ବିଦ୍ୟୁତ୍‌କରଣର ଲକ୍ଷ୍ୟ ହାସଲ କରିବା ପଛରେ ପ୍ରେରଣାଦାୟୀ ଶକ୍ତି ଭାବରେ କାମ କରୁଛି। ଏହି କାର୍ଯ୍ୟକ୍ରମ ମଧ୍ୟ ଅନ୍ୟ ଏକ କାର୍ଯ୍ୟକ୍ରମ ଦ୍ୱାରା ଅନୁପ୍ରେରିତ ହେଉଛି ଯାହା ପ୍ରତି ପରିବାରକୁ ବିଜୁଳି ଶକ୍ତି ଆଣିବାର ଲକ୍ଷ୍ୟ ବହନ କରୁଛି।

ମହିଳା ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ସରକାର ଉଜ୍ଜ୍ୱଳା ଯୋଜନା ଆରମ୍ଭ କରିଛନ୍ତି ଯାହା ଅଧୀନରେ ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା (ବିପିଏଲ୍) ପରିବାରମାନଙ୍କର ମହିଳାମାନଙ୍କୁ ମାଗଣାରେ ଏଲ୍‌ପିଜି (ସ୍ୱଚ୍ଛ ରନ୍ଧନ ଜାଳେଣି) ସଂଯୋଗ ପ୍ରଦାନ କରାଯାଉଛି। ସେହିପରି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା (ନ୍ୟାସନାଲ ହେଲ୍‌ଥ୍ ପ୍ରୋଟେକ୍‌ସନ୍ ସ୍କିମ୍) ଗରିବ ଏବଂ ବିପଦାପନ୍ନ ପରିବାରମାନଙ୍କୁ ଅସୁସ୍ଥତା ସମୟରେ ଡାକ୍ତରଖାନାଜନିତ ବ୍ୟୟ ବା ଖର୍ଚ୍ଚ ବହନ କରିବାରୁ ସୁରକ୍ଷା ପ୍ରଦାନ କରିବାର ପ୍ରତିଶ୍ରୁତି ରଖେ। ନିର୍ଦ୍ଦିଷ୍ଟ ଜନସମୁଦାୟର ଉପ- ଗୋଷ୍ଠୀମାନଙ୍କ ମଧ୍ୟରେ ନିରପେକ୍ଷତାକୁ ପ୍ରୋତ୍ସାହନ ଦେବା ନିମନ୍ତେ କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ଏସବୁ ହେଉଛି ଉଦାହରଣ।

ଶାସନରେ ଉନ୍ନତି ଆଣିବା ନିମନ୍ତେ ତଥା ବିଭିନ୍ନ ଯୋଜନାରେ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଉଥିବା ଆର୍ଥିକ ପ୍ରୋତ୍ସାହନ/ ଆର୍ଥିକ ହସ୍ତାନ୍ତରଣରେ ହେଉଥିବା ବାଟମାରଣା କମାଇବା ପାଇଁ ସେଭଳି ହସ୍ତାନ୍ତରଣଗୁଡ଼ିକୁ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ (ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର୍) ଯୋଜନା ଅଧୀନରେ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାକୁ ହସ୍ତାନ୍ତରଣ କରାଯାଉଛି।

**ଅନ୍ୟ ଏକ ଉତ୍ତମ କାର୍ଯ୍ୟ**

ବଜାର ବିଫଳତା ଏବଂ ନିରପେକ୍ଷତା ଅବଲମ୍ବନ କରାଯିବାର ଲକ୍ଷ୍ୟ ହାସଲ କରିବା ସହିତ ସରକାରଙ୍କ ହସ୍ତକ୍ଷେପର ଏକ ନୂତନ ଉତ୍ତମ କାର୍ଯ୍ୟ ବ୍ୟବହାରିକ ଅର୍ଥନୀତିରୁ ଆସିଥାଏ ଯାହା ଲୋକମାନଙ୍କର ବ୍ୟବହାର ଓ ପସନ୍ଦକୁ ପ୍ରଭାବିତ କରିବାରେ ସରକାରଙ୍କ ଭୂମିକାକୁ ଯଥାର୍ଥ ବୋଲି ପ୍ରତିପାଦିତ କରିଥାଏ। ବସ୍ତୁତଃ ସରକାର ଲୋକମାନଙ୍କ ଚିନ୍ତାଧାରାର ପ୍ରକ୍ରିୟା, ବ୍ୟବହାର ସମୂହ ଏବଂ ପସନ୍ଦକୁ କେତେକ ଅଞ୍ଚଳରେ ସାମାଜିକ ବାର୍ତ୍ତା ଜରିଆରେ ପ୍ରଭାବିତ କରିବାକୁ ଉଦ୍ୟମ କରୁଛନ୍ତି: ତାହା କନ୍ୟା ସନ୍ତାନମାନଙ୍କୁ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ ହେଉ କି ଗ୍ରାମଗୁଡ଼ିକୁ ଖୋଲାରେ ମଳତ୍ୟାଗ ମୁକ୍ତ କରିବା କ୍ଷେତ୍ରରେ ହେଉ।

ବାସ୍ତବରେ ଏହାକୁ ହାସଲ କରିବାରେ ନିଜର ସବୁଠୁ ବଳିଷ୍ଠ ସମ୍ପତ୍ତି କଣ୍ଠସ୍ୱର ଅର୍ଥାତ୍ ଏହାକୁ ମୁକ୍ତକଣ୍ଠରେ ଘୋଷଣା କରିବାରୁ ପ୍ରଧାନମନ୍ତ୍ରୀ ଦୂରେଇ ରହି ନାହାନ୍ତି। ଉଦାହରଣ ସ୍ୱରୂପ, ସୁସ୍ଥ ରହିବା ନିମନ୍ତେ ଲୋକମାନଙ୍କୁ ଯୋଗ ଅଭ୍ୟାସ କରିବାକୁ ନିବେଦନ କରିବା, ଖଦି ବସ୍ତ୍ର ବ୍ୟବହାର କରିବା ପାଇଁ ଯାହା ଖଦି ଶ୍ରମିକମାନଙ୍କ ନିମନ୍ତେ ଆୟର ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ, ଯେଉଁମାନେ ଏଲ୍‌ପିଜି

> ସରକାରୀ କ୍ଷେତ୍ରର ଉଦ୍ୟୋଗଗୁଡ଼ିକର କାର୍ଯ୍ୟ ସମ୍ପାଦନରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ସରକାର ନିଜ ପାଇଁ ଉଚ୍ଚାକାଂକ୍ଷୀ ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଏହା ମଧ୍ୟ ସରକାରୀ କ୍ଷେତ୍ରର ଉଦ୍ୟୋଗ/ ଅଣ୍ଡରଟେକିଂ (ସରକାରଙ୍କ ଦ୍ୱାରା ପରିଚାଳିତ ଉଦ୍ୟୋଗ)ଗୁଡ଼ିକୁ ପରିବର୍ତ୍ତିତ ଅର୍ଥନୀତିକ ପରିପ୍ରେକ୍ଷୀ ସହିତ ତାଳଦେଇ କାମ କରିବା ଉପଯୋଗୀ ହେବା ନିମନ୍ତେ ଉତ୍ସାହିତ କରୁଛନ୍ତି। ଏହାର ଏକ ଉଦାହରଣ ହେଉଛି ଇଣ୍ଡିଆ ପୋଷ୍ଟ୍ ପେମେଣ୍ଟ୍‌ସ୍ ବ୍ୟାଙ୍କ୍ ଯାହା ଡାକ ବିଭାଗର ୧.୫ଲକ୍ଷ ଡାକଘରକୁ ପରିଚାଳିତ କରିବାର ଭାର ଗ୍ରହଣ କରିବ। ପୁନଶ୍ଚ, ଏହିସବୁ ଉଦ୍ୟୋଗଗୁଡ଼ିକର ପରିଚାଳନାରେ ରାଜନୀତିକ ହସ୍ତକ୍ଷେପକୁ ଯେତେଦୂର ସମ୍ଭବ କମ୍ କରିବାକୁ ସରକାର ଉଦ୍ୟମ କରୁଛନ୍ତି।




## ସ୍ୱଚ୍ଛ ଇନ୍ଧନ ଉତ୍ତମ ଜୀବନ

କ୍ରୟ କରି ପାରିବେ ନାହିଁ, ସେମାନଙ୍କର ସହାୟତା କରିବା ନିମନ୍ତେ ଏଥିରେ ମିଳୁଥିବା ରିହାତି (ସବ୍‌ସିଡି)କୁ ସ୍ୱତଃପ୍ରବୃତ୍ତ ଭାବରେ ତ୍ୟାଗ କରିବା, ବିଦ୍ୟୁତ୍ ଶକ୍ତିର ସଂରକ୍ଷଣ ପାଇଁ ଏଲ୍‌ଇଡି ବଲ୍‌ବର ବ୍ୟବହାର କରିବାକୁ ଆଗେଇ ଆସିବା ଏମିତି ଅନେକ କିଛି ପ୍ରସଙ୍ଗରେ ସେ ଲୋକମାନଙ୍କୁ ନିବେଦନ କରିବାକୁ କୁଣ୍ଠିତ ହୋଇ ନାହାନ୍ତି ।

**ବିକାଶକୁ ଉତ୍ତମ ରାଜନୀତିରେ ପରିଣତ କରିବା**

ଉପରେ ବର୍ଣ୍ଣିତ ଉଦାହରଣଗୁଡ଼ିକ କେବଳ ଭାତ ହାଣ୍ଡିରୁ ଗୋଟିଏ ଲେଖାଏଁ ନମୁନା ମାତ୍ର । କାର୍ଯ୍ୟକ୍ରମର ତାଲିକା ପ୍ରକୃତରେ କିନ୍ତୁ ବହୁତ ଲମ୍ବା । ସଂସ୍କାର/ କାର୍ଯ୍ୟକ୍ରମଗୁଡ଼ିକର ରୂପରେଖ ସବୁକୁ ସମୀକ୍ଷା କଲେ ଜଣେ ଅନୁଭବ କରି ପାରିବ ଯେ ଏସବୁକୁ କାର୍ଯ୍ୟକାରୀ କରି ସରକାର ଅନେକାଂଶରେ ଲୋକପ୍ରିୟତା ଅର୍ଜନ କରିବାର ଉଦ୍ଦେଶ୍ୟଠାରୁ ଦୂରେଇ ରହିଛନ୍ତି । ଏହାର ଅର୍ଥ, ବିକାଶକୁ ଅବହେଳା ପ୍ରଦର୍ଶନ କରି ସରକାର ଲୋକପ୍ରିୟତା ଅର୍ଜନ ପଛରେ ଧାଇଁ ନାହାନ୍ତି । ପ୍ରାୟତଃ ସମାଜର ସବୁ ବର୍ଗର, ସବୁ ବୟସ ବର୍ଗର ଏବଂ ଅନ୍ୟାନ୍ୟ ନିର୍ବାଚନମଣ୍ଡଳୀ, ତାହା ଯେମିତି ବି ସଂଜ୍ଞାଭୁକ୍ତ ହୋଇଥାଉ ନା କାହିଁକି, ସେମାନଙ୍କ ପାଇଁ କାର୍ଯ୍ୟକ୍ରମ ରହିଛି ।

ଲୋକମାନଙ୍କର ବର୍ଦ୍ଧିତ ଆଶା ଆକାଂକ୍ଷା ଅନୁସାରେ ବିକାଶ କ୍ଷେତ୍ରରେ ବ୍ୟାପକ ଅଭାବ ରହିଥିବା ଏକ ଦେଶରେ ସରକାରଙ୍କ ଧ୍ୟାନ ଆକର୍ଷଣ କରିବା ଯୋଗ୍ୟ ଅନେକଗୁଡ଼ିଏ କ୍ଷେତ୍ର ରହିଛି । ସରକାର ଅନେକଗୁଡ଼ିଏ ଦିଗରେ ଆଗଉଛନ୍ତି- ସବୁଗୁଡ଼ିକ କ୍ଷେତ୍ରରେ ଏକା ସମୟରେ । ଦିଗଗତ ଦୃଷ୍ଟିରୁ ସରକାର ଉତ୍ତମ କାର୍ଯ୍ୟ କରୁଛନ୍ତି । ତେବେ ସଂସ୍କାର ବା କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ସରକାରଙ୍କ ଆନ୍ତରିକତା ଅନ୍ତର୍ଭୁକ୍ତ ଥିବା ଅନେକଗୁଡ଼ିଏ ଉପାଦାନର କାର୍ଯ୍ୟକାରିତା ଉପରେ ନିର୍ଭରଶୀଳ, ସଂସ୍କାରକୁ ଭଣ୍ଡୁର କରିବା ନିହିତ ସ୍ୱାର୍ଥ ବହନ କରୁଥିବା ଶକ୍ତିମାନଙ୍କ ଦ୍ୱାରା ଉପସ୍ଥାପିତ ଆହ୍ୱାନ ଇତ୍ୟାଦି ଦ୍ୱାରା ଆପ୍ଳୁତ । ଯେହେତୁ ଏହି ସ୍ତମ୍ଭ କେବଳ ସରକାରଙ୍କର ସଂସ୍କାର/ କାର୍ଯ୍ୟକ୍ରମଗୁଡ଼ିକର ଉତ୍ତମ ଦିଗ ସମ୍ବନ୍ଧରେ ଏକ ଡାଆଁପତ୍ର ପ୍ରଦାନ କରିବା ସହିତ ସଂଶ୍ଳିଷ୍ଟ, ଏବଂ ସେସବୁ କାର୍ଯ୍ୟକ୍ରମର ସମ୍ପାଦନ ସମ୍ବନ୍ଧିତ ନୁହେଁ, ତେଣୁ ପ୍ରଗତିର ଗତି ଉପରେ କୌଣସି ପ୍ରକାରର ମନ୍ତବ୍ୟ ପ୍ରଦାନ କରାଯାଇ ନାହିଁ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଯାହା ଅନ୍ୟ ଏକ ସ୍ତମ୍ଭର ଅପେକ୍ଷା ରଖେ- ସମ୍ଭବତଃ ଅନ୍ୟ କୌଣସି ଏକ ସମୟରେ ।

ଲେଖକ ହେଉଛନ୍ତି ଜଣେ ବିକାଶ ଅର୍ଥନୀତିଜ୍ଞ ।

# ସ୍ୱଚ୍ଛଭାରତ – ସ୍ୱଚ୍ଛତା ଆଡ଼କୁ ଗୋଟିଏ ପାଦ

● ପରମେଶ୍ୱରନ ଆୟାର

ସ୍ୱଚ୍ଛ ପରିମଳସ୍ଥିତି ଏବଂ ପରିଷ୍କାର ପାଣି ସୁସ୍ଥ ଜନସଂଖ୍ୟା ପାଇଁ ଏକ ମୌଳିକ ଆବଶ୍ୟକତା। ଏହା ମାନବ ବିକାଶ ସହ ମୂଳତଃ ଜଡ଼ିତ। ଅସ୍ୱାସ୍ଥ୍ୟକର ପରିବେଶ, ଅପରିଚ୍ଛନ୍ନ ଅବସ୍ଥା ଓ ଦୂଷିତ ପାନୀୟ ଜଳ ଯୋଗୁଁ ପ୍ରତିବର୍ଷ ବିଶ୍ୱରେ ନିୟୁତ ନିୟୁତ ଲୋକ ପ୍ରାଣ ହରାଇଥାନ୍ତି। ଏହି ମୃତକଙ୍କ ମଧ୍ୟରୁ ପୁଣି ଅଧିକାଂଶ ଶିଶୁ। ପରିଷ୍କାର ପାଣି ଓ ନିରାପଦ ପରିମଳସ୍ଥିତି ମଣିଷର ଜୀବନଧାରଣ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହାର ଅଭାବରେ ଲୋକଙ୍କ ସ୍ୱାସ୍ଥ୍ୟ, ଖାଦ୍ୟ ସୁରକ୍ଷା ଓ ଜୀବିକା ବିପନ୍ନ ହୋଇଥାଏ। ମାନବାଧିକାର ଏକ ମୌଳିକ ଅଧିକାର ଦୃଷ୍ଟିରୁ ପରିମଳ ଅଭିଯାନକୁ ଗୋଟିଏ ପରେ ଗୋଟିଏ ସରକାର ଦୀର୍ଘ କାଳଧରି ଆଗକୁ ବଢ଼ାଇ ଆସିଛନ୍ତି। ଏହି ଅଭିଯାନ ମଧ୍ୟରେ ଖୋଲାରେ ମଳତ୍ୟାଗ ଅଭ୍ୟାସର ଅବସାନ ଘଟାଇବା, ଋତୁସ୍ରାବଜନିତ ସ୍ୱାସ୍ଥ୍ୟକର ନିୟମ ପାଳନ କରିବା ଆଦି ବିଶେଷ ଗୁରୁତ୍ୱ ଲାଭ କରିଛି। ସ୍ୱଚ୍ଛଭାରତ ମିଶନ ଏକ ଅଭୂତପୂର୍ବ ପ୍ରୟାସ। ଲୋକଙ୍କ ଅଭ୍ୟାସ ପରିବର୍ତ୍ତନ ପୂର୍ବକ ସେମାନଙ୍କୁ ଖୋଲା ମଳତ୍ୟାଗ ଅଭ୍ୟାସରୁ ନିବୃତ୍ତ କରି ପାଇଖାନା ମୁହାଁ କରିବା ବାସ୍ତବିକ ସାରା ବିଶ୍ୱର ସବୁଠୁ ଏକ ବଡ଼ ଅଭିଯାନ। ୨୦୧୯ ସୁଦ୍ଧା ସ୍ୱଚ୍ଛଭାରତ ଲକ୍ଷ୍ୟ ହାସଲର ପରିକଳ୍ପନା ରହିଛି। ଏହା ମାଧ୍ୟମରେ ଗ୍ରାମାଞ୍ଚଳ ଲୋକଙ୍କ ଜୀବନଧାରଣମାନରେ ଏକ ଗ୍ରହଣଯୋଗ୍ୟ ଉନ୍ନତି ଆଣିବା ସହ ଲୋକଙ୍କ ଅଭ୍ୟାସ ପରିବର୍ତ୍ତନ କରିବା ଏବଂ ଉଭୟ କଠିନ ଓ ତରଳ ବର୍ଜ୍ୟବସ୍ତୁର ପରିଚାଳନା କରିବାର ଲକ୍ଷ୍ୟ ରଖାଯାଇଛି।

୨୦୧୪ ସ୍ୱାଧୀନତା ଦିବସ ଭାଷଣରେ ଲାଲକିଲ୍ଲାର ପ୍ରାଚୀର ଉପରୁ ପ୍ରଧାନମନ୍ତ୍ରୀ ଏହି ସ୍ୱଚ୍ଛଭାରତ ଅଭିଯାନର ଡାକରା ଦେଇଥିଲେ। ୨୦୧୯ ଅକ୍ଟୋବର ୨ ତାରିଖ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏହି ଘୋଷଣା ସହ ଭାରତରେ ଆରମ୍ଭ ହୋଇଯାଇଥିଲା ସ୍ୱଚ୍ଛତା ସଂକ୍ରାନ୍ତ ବିଚାରର ସର୍ବବୃହତ୍ ଏକ ଅବିଶ୍ୱସନୀୟ ଯାତ୍ରା। ଲକ୍ଷ୍ୟ ରଖାଗଲା ୨୦୧୯ ଅକ୍ଟୋବର ୨ ସୁଦ୍ଧା ଭାରତରୁ ଖୋଲା ମଳତ୍ୟାଗ ଅଭ୍ୟାସର ପରିସମାପ୍ତି ଘଟାଇବା। ଏହି ଅଭିଯାନ ସଫଳତାର ସହ ଆଗେଇ ଚାଲିଛି ସମସ୍ତଙ୍କ ସହଯୋଗରେ। ସ୍ୱଚ୍ଛଭାରତ ଘୋଷଣା ବେଳେ ସାରା ଦେଶରେ ୫୫କୋଟି ଲୋକ ଖୋଲାରେ ମଳତ୍ୟାଗ କରୁଥିଲେ। ଏବେ ତାହା ହ୍ରାସ ପାଇ ୨୦କୋଟିରେ ପହଞ୍ଚିଛି।

ସ୍ୱଚ୍ଛଭାରତ ଭଳି କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଦେଶର ଜାତୀୟ କାର୍ଯ୍ୟସୂଚୀରେ ଅଗ୍ରାଧିକାର ପାଇବା ଏକ ବଡ଼ କଥା। ଏକବିଂଶ ଶତାବ୍ଦୀରେ ଭାରତ ଏକ ବିଶ୍ୱ ଶକ୍ତିରେ ପରିଣତ ହେବାକୁ ଯାଉଥିବାବେଳେ ସେଠାରେ ଅପରିଚ୍ଛନ୍ନତା ଓ ଖୋଲାରେ ମଳତ୍ୟାଗର ସ୍ଥାନ ନାହିଁ। ତେଣୁ ପ୍ରଧାନମନ୍ତ୍ରୀ ସ୍ୱଚ୍ଛଭାରତ ଅଭିଯାନକୁ ଜାତୀୟ ଅଗ୍ରାଧିକାର ସୂଚୀରେ ସ୍ଥାନିତ କରି ଏହା ପଛରେ ନିଜର ରାଜନୈତିକ ପୁଞ୍ଜିକୁ ଲଗାଇଛନ୍ତି। ଏହା ହେଉଛି ସ୍ୱଚ୍ଛଭାରତ ଅଭିଯାନର ସବୁଠୁ ବଡ଼ ବିଶେଷତ୍ୱ ଏବଂ ଅନ୍ୟାନ୍ୟ ପରିଚ୍ଛନ୍ନତା କାର୍ଯ୍ୟକ୍ରମରୁ ଏହା କିପରି ଭିନ୍ନ ତାହାକୁ ପ୍ରମାଣିତ କରୁଛି।

୨୦୧୪ ଅକ୍ଟୋବର ୨ ତାରିଖଠାରୁ ସମଗ୍ର ଦେଶରେ ୭.୧କୋଟି ଶୌଚାଳୟ ନିର୍ମିତ ହୋଇଛି। ଏହାର ଅର୍ଥ ଗ୍ରାମାଞ୍ଚଳରେ ସ୍ୱଚ୍ଛତା ପରିସର ୨୦୧୪ ହିସାବରେ ୩୯ ଶତାଂଶରୁ ବଢ଼ି ୮୩ ଶତାଂଶରେ ପହଞ୍ଚିଛି। ସରଳ ଭାବେ କହିଲେ ସ୍ୱାଧୀନତାର ୬୭ବର୍ଷ ଭିତରେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯେଉଁ ସଫଳତା ମିଳିଥିଲା ଗତ ସାଢ଼େ ତିନି ବର୍ଷ ମଧ୍ୟରେ ତାହା ତିନିଗୁଣ ବଢ଼ିଛି। ଦେଶର ୩.୬ ଲକ୍ଷରୁ ଅଧିକ ଗାଁ, ୩୮୨ ଜିଲ୍ଲା, ୧୩ଟି ରାଜ୍ୟ (ଅରୁଣାଚଳ ପ୍ରଦେଶ, ଛତିଶଗଡ଼, ଗୁଜରାଟ, ହରିୟାଣା, ହିମାଚଳପ୍ରଦେଶ, କେରଳ, ମହାରାଷ୍ଟ୍ର, ମେଘାଳୟ,

> ଜାତୀୟ ଗ୍ରାମୀଣ ବାର୍ଷିକ ସ୍ୱଚ୍ଛତା ସର୍ଭେ (୨୦୧୭-୧୮) ମାଧ୍ୟମରେ ବିଶ୍ୱବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମ ଅନ୍ତର୍ଗତ ୬୧୩୬ ଗ୍ରାମର ୯୨ହଜାର ପରିବାରର ନମୁନା ତଥ୍ୟ କହୁଛି ଯେ ୯୩.୪୦% ପରିବାର ଶୌଚାଳୟ ବ୍ୟବହାର କରୁଥିବାବେଳେ ୯୫.୬% ଗାଁ ବାହ୍ୟମଳତ୍ୟାଗ ମୁକ୍ତ ପ୍ରମାଣିତ ହୋଇଛି। ଏହି ସର୍ଭେ ସ୍ୱାଧୀନ ତଦାରଖ ଗୋଷ୍ଠୀ ଦ୍ୱାରା ହୋଇଥିବାବେଳେ ଏଥିରେ ବିଶ୍ୱବ୍ୟାଙ୍କ, ୟୁନିସେଫ୍, ସୁଲଭ ଇଣ୍ଟରନେଶନାଲ, ନୀତି ଆୟୋଗ, ୱାଟର ଏଡ୍, ବିଲ ଓ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନର ପ୍ରତିନିଧି ସାମିଲ ହୋଇଥିଲେ।



ମିଜୋରାମ, ପଞ୍ଜାବ, ରାଜସ୍ଥାନ, ସିକ୍କିମ୍, ଉତ୍ତରାଖଣ୍ଡ ଓ ଚାରିଟି କେନ୍ଦ୍ର ଶାସିତ ଅଞ୍ଚଳ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଚଣ୍ଡିଗଡ଼, ଡାମନ ଓ ଡିଉ ତଥା ଦାଦ୍ରା ଓ ନଗରହାବେଳି ଇତିମଧ୍ୟରେ ଖୋଲାମଳତ୍ୟାଗ ମୁକ୍ତ ମର୍ଯ୍ୟାଦା ଲାଭ କରିପାରିଛନ୍ତି। ଏଥିରୁ ମନେ ହେଉଛି ସ୍ୱଚ୍ଛଭାରତ ଲକ୍ଷ୍ୟ ହାସଲ ୨୦୧୯ ଅକ୍ଟୋବର ୨ ତାରିଖ ସୁଦ୍ଧା ସମ୍ଭବ।

ଏହି ସଫଳତା ପଛରେ ରହିଛି ଗ୍ରାମାଞ୍ଚଳରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମର ଉତ୍ତମ ରୂପାୟନ। ପ୍ରାରମ୍ଭରୁ ଏହି କାର୍ଯ୍ୟକ୍ରମ ପାଇଁ ସରକାରୀ ସ୍ତରରେ ସମସ୍ତ ପ୍ରୋତ୍ସାହନ ମିଳୁଥିବାବେଳେ ପ୍ରଧାନମନ୍ତ୍ରୀ ସ୍ୱୟଂ ଏ କ୍ଷେତ୍ରରେ ମୁଖ୍ୟ ବାର୍ତ୍ତାବହ ସାଜିଛନ୍ତି। ତାଙ୍କ ପ୍ରେରଣା ଓ ଦିଗଦର୍ଶନରେ ଲୋକେ ଅନୁପ୍ରାଣିତ ହୋଇ ସ୍ୱଚ୍ଛତାକୁ ସମସ୍ତଙ୍କ ଦାୟିତ୍ୱରେ ପରିଣତ କରିଛନ୍ତି। ସେହିଭଳି ଏହି କାର୍ଯ୍ୟକ୍ରମର ନକ୍ସା ମଧ୍ୟ ବେଶ୍ ପ୍ରଭାବୀ ହୋଇଛି। ସମସ୍ତଙ୍କ ପାଖରେ, ସବୁଠି ପହଞ୍ଚି ସ୍ୱଚ୍ଛଭାରତର ବାର୍ତ୍ତାଦେବା ଏବଂ ଏଥିରେ ସମସ୍ତଙ୍କୁ ସାମିଲ କରିବାର ପରିକଳ୍ପନା ସଫଳ ହୋଇଛି। ସରକାର, ଜନସାଧାରଣ, ସମ୍ପୃକ୍ତ ବିଭିନ୍ନ ପକ୍ଷ ବେଶ୍ ସଫଳତାର ସହ ଏଥିରେ ସାମିଲ ହୋଇପାରିଥିବାରୁ ଏହା ସଫଳତା ପଥରେ ଆଗେଇ ଚାଲିଛି। ଗାଁଠାରୁ ଜିଲ୍ଲା, ରାଜ୍ୟ ଓ ଦେଶ ସବୁ କ୍ଷେତ୍ରରୁ ଏହି ଆନ୍ଦୋଳନ ପ୍ରତି ଅକୁଣ୍ଠ ସମର୍ଥନ ମିଳୁଛି। ଫଳରେ ଏହା ନିର୍ବିଘ୍ନରେ ଆଗେଇ ଚାଲିଛି ଓ ବାସ୍ତବରେ ଏହା ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ଏହି ଜନଆନ୍ଦୋଳନ ପ୍ରକ୍ରିୟା ଦିନକୁ ଦିନ ମଜବୁତ ହେଉଥିବାବେଳେ ସଂପୃକ୍ତ ମନ୍ତ୍ରଣାଳୟର ଦାୟିତ୍ୱ ହେଲା ଉନ୍ନତ ମାନର ଉତ୍ତମ ଗୃହ ପରିଚାଳନା ଅଭ୍ୟାସ ନିଶ୍ଚିତ କରିବା। ଏହାକୁ ଦୃଷ୍ଟିରେ ରଖି ମନ୍ତ୍ରଣାଳୟ ପକ୍ଷରୁ ସ୍ୱଚ୍ଛଭାରତ ମିଶନ ପାଇଁ ଏକ ପୂର୍ଣ୍ଣାଙ୍ଗ ଓ ସଶକ୍ତ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରାଯାଇଛି। ଏହାର ପରିଚାଳନା ସୂଚନା ବ୍ୟବସ୍ଥା (ମ୍ୟାନେଜମେଣ୍ଟ ଇନଫରମେସନ୍ ସିଷ୍ଟମ)ରେ ୨୦୧୨-୧୩କୁ ମୂଳ ବର୍ଷ ଭାବେ ଧରାଯାଇ ସବୁ ଗାଁର ପ୍ରତ୍ୟେକ ଘରର ସ୍ୱଚ୍ଛତା ସଂକ୍ରାନ୍ତ ତଥ୍ୟାବଳୀ ସ୍ଥାନିତ କରାଯାଇଛି। ତୃତୀୟ ପକ୍ଷ ଦ୍ୱାରା ଜାତୀୟ ନମୁନା ସର୍ଭେ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସଫଳତା ବିଫଳତାର ତଥ୍ୟାବଳୀ ସଂଗୃହୀତ ହେଉଥିବାରୁ ଏଥିରେ ସ୍ୱଚ୍ଛତା ଓ ଦାୟିତ୍ୱବୋଧ ବଜାୟ ରହୁଛି। ଆହୁରି ମଧ୍ୟ ଭାରତୀୟ ମାନକ ପରିଷଦ (କ୍ୟୁସିଆଇ) ୨୦୧୭ ମେ ଓ ଜୁନ୍‌ରେ ଦେଶର ୪୬୨୬ଟି ଗାଁକୁ ଆକସ୍ମିକ ଭାବେ ବାଛି ୧.୪ ଲକ୍ଷ ଘରର ସ୍ୱଚ୍ଛତା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଥିଲା। ଏଥିରୁ ଜଣାପଡ଼ିଲା ଯେ ସଂପୃକ୍ତ ପରିବାରଗୁଡ଼ିକ ମଧ୍ୟରୁ ୯୧.୨୯ଭାଗ ଶୌଚାଳୟ ବ୍ୟବହାର କରୁଛନ୍ତି।

ଜାତୀୟ ଗ୍ରାମୀଣ ବାର୍ଷିକ ସ୍ୱଚ୍ଛତା ସର୍ଭେ (୨୦୧୭-୧୮) ମାଧ୍ୟମରେ ବିଶ୍ୱବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମ ଅନ୍ତର୍ଗତ ୬୧୩୬ ଗ୍ରାମର ୯୨ହଜାର ପରିବାରର ନମୁନା ତଥ୍ୟ କହୁଛି ଯେ ୯୩.୪୦% ପରିବାର ଶୌଚାଳୟ ବ୍ୟବହାର କରୁଥିବାବେଳେ ୯୫.୬% ଗାଁ ବାହ୍ୟମଳତ୍ୟାଗ ମୁକ୍ତ ପ୍ରମାଣିତ ହୋଇଛି। ଏହି ସର୍ଭେ ସ୍ୱାଧୀନ ତଦାରଖ ଗୋଷ୍ଠୀ ଦ୍ୱାରା ହୋଇଥିବାବେଳେ ଏଥିରେ ବିଶ୍ୱବ୍ୟାଙ୍କ, ୟୁନିସେଫ୍, ସୁଲଭ ଇଣ୍ଟରନେଶନାଲ, ନୀତି ଆୟୋଗ, ୱାଟର ଏଡ୍, ବିଲ ଓ ମେଲିଣ୍ଡା ଗେଟ୍‌ସ ଫାଉଣ୍ଡେସନର ପ୍ରତିନିଧି ସାମିଲ ହୋଇଥିଲେ।

ଗ୍ରାମୀଣ ସ୍ୱଚ୍ଛଭାରତ ମିଶନର ପ୍ରଧାନ ଲକ୍ଷ୍ୟ ହେଲା ଖୋଲାରେ ମଳତ୍ୟାଗକୁ ଯଥା ସମ୍ଭବ ହ୍ରାସ କରିବା ଓ ଶୌଚାଳୟ ବ୍ୟବହାରକୁ ପାରୁପର୍ଯ୍ୟନ୍ତ ପ୍ରୋତ୍ସାହିତ କରିବା। କାରଣ ଏକ ଗ୍ରାମ ମଳରେ ଏକ କୋଟି ଭୂତାଣୁ, ୧୦ଲକ୍ଷ ବ୍ୟାକ୍‌ଟେରିଆ ଓ ଏକ ହଜାର ପରଜୀବୀ ସିଷ୍ଟ ଥାଆନ୍ତି। ତେଣୁ ଗୋଟିଏ ଗାଁ ସମ୍ପୂର୍ଣ୍ଣ ଖୋଲା ମଳତ୍ୟାଗ ମୁକ୍ତ ନ ହେବା ପର୍ଯ୍ୟନ୍ତ ସେଠାରେ ମୌଖିକ ସଂକ୍ରମଣ ପଥ ପୂର୍ବବତ୍ ଉନ୍ମୁକ୍ତ ରହିବ। ତେଣୁ ଆସନ୍ତାକାଲିର ସୁସ୍ଥ ଜୀବନ ବିଚାର କେବଳ ବ୍ୟକ୍ତିଗତ ନୁହେଁ, ଏହା ସମଗ୍ର ସମୁଦାୟ ବା ଗୋଷ୍ଠୀର ବିଚାର ବୁଦ୍ଧି ଏବଂ କାର୍ଯ୍ୟ ଉପରେ ନିର୍ଭର କରେ। ସେଥିପାଇଁ ସମସ୍ତଙ୍କୁ ପୁରୁଣା ଅଭ୍ୟାସ ବଦଳାଇବାକୁ ପଡ଼ିବ। ଏଇ କେଇ ବର୍ଷର ସ୍ୱଚ୍ଛଭାରତ ମିଶନର ପ୍ରଭାବ ତୃଣମୂଳ ସ୍ତରରେ ଜନସ୍ୱାସ୍ଥ୍ୟ ଓ ଅର୍ଥନୀତି ଉପରେ ପଡ଼ିଛି। ୟୁନିସେଫର ହିସାବ ଅନୁସାରେ ଖୋଲା ମଳମୁକ୍ତ ଗାଁର ପ୍ରତ୍ୟେକ ପରିବାର ବାର୍ଷିକ ସ୍ୱାସ୍ଥ୍ୟ ଓ ଚିକିତ୍ସାବାବଦ ୫୦ହଜାର ଟଙ୍କାର ଖର୍ଚ୍ଚ ବଞ୍ଚାଇପାରୁଛନ୍ତି। କାରଣ ଅସ୍ୱଚ୍ଛ ପରିବେଶରେ

ଡାଇରିଆ ଓ ଅନ୍ୟାନ୍ୟ ଜଳବାହିତ ରୋଗ ବେଶୀ ବ୍ୟାପେ। ଏହାଛଡ଼ା ଏହି ପରିବେଶରେ ଶିଶୁଙ୍କ ସ୍ୱାଭାବିକ ମାନସିକ ଅଭିବୃଦ୍ଧି ବ୍ୟାହତ ହୋଇଥାଏ।

ଜନସହଯୋଗ ଫଳରେ ସ୍ୱଚ୍ଛ ଭାରତ ମିଶନ ଅଧିକ ସଫଳ ହେଉଛି। ଲୋକେ ଗ୍ରାମରେ ସାଧାରଣ (ଆମ୍) ସଭା ଡାକି ଗାଁକୁ ଖୋଲା ମଳତ୍ୟାଗ ମୁକ୍ତ କରିବାକୁ ସଂକଳ୍ପ ନେବା ସହ ସବୁ ପରିବାର ଶୌଚାଳୟ ବ୍ୟବହାର କରିବାକୁ ଅଙ୍ଗୀକୃତ ହେଉଛନ୍ତି, ଯେଉଁମାନେ ଏହାକୁ ପାଳନ କରୁନାହାନ୍ତି 'ଆମ୍ ସଭା' ପକ୍ଷରୁ ସେମାନଙ୍କ ଉପରେ ନଜର ରଖାଯାଉଛି। ସେଥିପାଇଁ ସମିତିମାନ ମଧ୍ୟ ଗଠନ କରାଯାଉଛି।

ସ୍ୱଚ୍ଛ ଭାରତ ଅଭିଯାନରେ ଉଭୟ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି। ଏହାକୁ କିପରି ଅଳ୍ପ ଖର୍ଚ୍ଚରେ ଓ ନିରାପଦରେ ନଷ୍ଟ, ପରିହାର କରିହେବ ସେଥିପାଇଁ ଜ୍ଞାନକୌଶଳ ଓ ସହଯୋଗ ଲୋକଙ୍କୁ ଯୋଗାଇ ଦିଆଯାଉଛି। ଗାଁର ସ୍ୱଚ୍ଛତା ମାପିବା ପାଇଁ ଏକ ପୂର୍ଣ୍ଣାଙ୍ଗ ସ୍ୱଚ୍ଛତା ସୂଚୀ ପ୍ରସ୍ତୁତ କରାଯାଇଛି। ସ୍ୱଚ୍ଛତା ସମ୍ପର୍କରେ କେଉଁ କାମ କଲେ କେତେ ଅଙ୍କ ମିଳିବ ତାହା ଏଥିରେ ଉଲ୍ଲେଖ ଅଛି। ସେହି ଅଙ୍କକୁ ଗ୍ରାମ ସଭା ପକ୍ଷରୁ ଲିପିବଦ୍ଧ କରାଯାଇ ଗ୍ରାମର ସ୍ୱଚ୍ଛତା ମପା ଯାଉଛି। ୨୦୧୮ ଏପ୍ରିଲ ସୁଦ୍ଧା ଚାରିଲକ୍ଷ ଗାଁକୁ ସ୍ୱଚ୍ଛତା ସୂଚୀ ଯୋଗାଇ ଦିଆଯାଇଛି।

ଏହା ବାରମ୍ବାର ଅନୁଭୂତ ହେଉଛି ଯେ ଯେତେବେଳେ କୌଣସି ଏକ ସମୁଦାୟ ବା ଗୋଷ୍ଠୀ ନିଜର ସମ୍ପତ୍ତି, ନିର୍ଦ୍ଦିଷ୍ଟ ଭାବେ ନିଜର ଆର୍ଥିକ ସମ୍ବଳକୁ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଲଗାଏ ସେତେବେଳେ ସମ୍ପୃକ୍ତ କାର୍ଯ୍ୟଟି ସ୍ଥିର ନିରନ୍ତର ହୁଏ। ଶୌଚାଳୟ ନିର୍ମାଣ କଥା ଦେଖାଯାଉ। ଲୋକେ ନିଜର ପୁରୁଣା ଅଭ୍ୟାସ ନ' ଛାଡ଼ିଲେ ଶୌଚାଳୟ ନିର୍ମାଣର କୌଣସି ଅର୍ଥନାହିଁ। ତେଣୁ ବଜେଟ ବ୍ୟବସ୍ଥା ଦ୍ୱାରା ଅର୍ଥ ଖର୍ଚ୍ଚ କରି

> ୨୦୧୪ ସ୍ୱାଧୀନତା ଦିବସ ଭାଷଣରେ ଲାଲକିଲ୍ଲାର ପ୍ରାଚୀର ଉପରୁ ପ୍ରଧାନମନ୍ତ୍ରୀ ଏହି ସ୍ୱଚ୍ଛଭାରତ ଅଭିଯାନର ଡାକରା ଦେଇଥିଲେ। ୨୦୧୯ ଅକ୍ଟୋବର ୨ ତାରିଖ ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ସୁଦ୍ଧା ଭାରତକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏହି ଘୋଷଣା ସହ ଭାରତରେ ଆରମ୍ଭ ହୋଇଯାଇଥିଲା ସ୍ୱଚ୍ଛତା ସଂକ୍ରାନ୍ତ ବିଚାରର ସର୍ବବୃହତ୍ ଏକ ଅବିଶ୍ୱସନୀୟ ଯାତ୍ରା। ଲକ୍ଷ୍ୟ ରଖାଗଲା ୨୦୧୯ ଅକ୍ଟୋବର ୨ ସୁଦ୍ଧା ଭାରତରୁ ଖୋଲା ମଳତ୍ୟାଗ ଅଭ୍ୟାସର ପରିସମାପ୍ତି ଘଟାଇବା। ଏହି ଅଭିଯାନ ସଫଳତାର ସହ ଆଗେଇ ଚାଲିଛି ସମସ୍ତଙ୍କ ସହଯୋଗରେ। ସ୍ୱଚ୍ଛଭାରତ ଘୋଷଣା ବେଳେ ସାରା ଦେଶରେ ୫୫କୋଟି ଲୋକ ଖୋଲାରେ ମଳତ୍ୟାଗ କରୁଥିଲେ। ଏବେ ତାହା ହ୍ରାସ ପାଇ ୨୦କୋଟିରେ ପହଞ୍ଚିଛି।



ସ୍ୱଚ୍ଛଭାରତ ଅଭିଯାନକୁ ସଫଳ କରିହେବ ନାହିଁ। ଏଥିପାଇଁ ଲୋକଙ୍କ ଅଭ୍ୟାସ ପରିବର୍ତ୍ତନ ପ୍ରଥମ ଆବଶ୍ୟକତା। ଏହା ଏକ ଗଣ ଆନ୍ଦୋଳନରେ ପରିଣତ ହେବା ଆବଶ୍ୟକ।

ତେବେ ଅଭ୍ୟାସ ପରିବର୍ତ୍ତନ ବ୍ୟକ୍ତି ଉପରେ ଅଧିକ ନିର୍ଭର କରେ। ତେଣୁ ବ୍ୟକ୍ତିର ଅଭ୍ୟାସ ଓ ବିଚାର ପରିବର୍ତ୍ତନ ଉପରେ ସ୍ୱଚ୍ଛଭାରତ ମିଶନର ଭବିଷ୍ୟତ ସମ୍ପୂର୍ଣ୍ଣ ଭାବେ ନିର୍ଭର କରୁଛି। ଭାରତର ବିବିଧତା ଏ କ୍ଷେତ୍ରରେ ମଧ୍ୟ ଏକ ବଡ଼ ଆହ୍ୱାନ। ସେଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ। ଲୋକଙ୍କ ଅଭ୍ୟାସ ପରିବର୍ତ୍ତନ ପାଇଁ ଦୁଇଟି ସଫଳ ବାଟ ଚିହ୍ନଟ ହୋଇଛି। ଗୋଟିଏ ହେଲା ଏ ଦିଗରେ କିଛି ଗଠନମୂଳକ ପ୍ରୟାସ ଓ ଅନ୍ୟଟି ପ୍ରାକ୍ ପ୍ରସ୍ତୁତି। ପ୍ରାକ୍ ପ୍ରସ୍ତୁତିରେ ଗ୍ରାମବାସୀଙ୍କର ସାଧାରଣ ଅଭ୍ୟାସ ଓ ରୀତିନୀତି ସମ୍ପର୍କରେ ଆଗୁଆ ତଥ୍ୟାବଳୀ ସଂଗ୍ରହ କରିବା ଏବଂ ଗଠନମୂଳକ ପ୍ରୟାସରେ ସେହି ଅଭ୍ୟାସ ଓ ବିଚାର ବଦଳାଇବାକୁ ଲୋକଙ୍କୁ ବୁଝାଇବା ସହିତ ସେମାନଙ୍କୁ ଆବଶ୍ୟକ ବିକଳ୍ପ ଯୋଗାଇବା। ଏହି ଅଭ୍ୟାସ ପରିବର୍ତ୍ତନ କାର୍ଯ୍ୟରେ ପରିବାର, ଏହାର ସଦସ୍ୟ ଓ ସମୁଦାୟ ଗୋଷ୍ଠୀ ସହ ଯୋଗାଯୋଗ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ବୁଝାଇ, ସେମାନଙ୍କୁ ଅଭ୍ୟାସ ପରିବର୍ତ୍ତନ ପାଇଁ ରାଜି କରାଇବାକୁ ପଡ଼ିବ। ଦରକାର ପଡ଼ିଲେ ଏଥିପାଇଁ ଦାୟିତ୍ୱ ନେବାକୁ ହେବ। ଏହି ଦୁଇ ମାଧ୍ୟମ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହାୟକ ହେଉଛି।

ଏଥିପାଇଁ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନଙ୍କୁ ସାମିଲ କରାଯାଉଛି। ସେମାନେ ପଦାତିକ ସୈନିକ ଭାବେ ଗାଁରେ ବୁଲି ବୁଲି ସ୍ୱଚ୍ଛଭାରତର ବାର୍ତ୍ତା ପ୍ରଚାର କରିବା ସହ ଏହାର ଉପକାରିତା ସମ୍ପର୍କରେ ଲୋକଙ୍କୁ ବୁଝାଉଛନ୍ତି। ସେମାନେ ଅଭ୍ୟାସ ପରିବର୍ତ୍ତନରେ ଘଟକ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସ୍ୱେଚ୍ଛାଗ୍ରହୀମାନଙ୍କୁ ପଞ୍ଚାୟତିରାଜ ପ୍ରତିଷ୍ଠାନ,

> ଜାତୀୟ ଗ୍ରାମୀଣ ବାର୍ଷିକ ସ୍ୱଚ୍ଛତା ସର୍ଭେ (୨୦୧୭-୧୮) ମାଧ୍ୟମରେ ବିଶ୍ୱବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମ ଅନ୍ତର୍ଗତ ୬୧୩୬ ଗ୍ରାମର ୯୨ହଜାର ପରିବାରର ନମୁନା ତଥ୍ୟ କହୁଛି ଯେ ୯୩.୪୦% ପରିବାର ଶୌଚାଳୟ ବ୍ୟବହାର କରୁଥିବାବେଳେ ୯୫.୬% ଗାଁ ବାହ୍ୟମଳତ୍ୟାଗ ମୁକ୍ତ ପ୍ରମାଣିତ ହୋଇଛି। ଏହି ସର୍ଭେ ସ୍ୱାଧୀନ ତଦାରଖ ଗୋଷ୍ଠୀ ଦ୍ୱାରା ହୋଇଥିବାବେଳେ ଏଥିରେ ବିଶ୍ୱବ୍ୟାଙ୍କ, ୟୁନିସେଫ୍, ସୁଲଭ ଇଣ୍ଟରନେଶନାଲ, ନୀତି ଆୟୋଗ, ୱାଟର ଏଡ୍, ବିଲ ଓ ମେଲିଣ୍ଡା ଗେଟ୍ସ ଫାଉଣ୍ଡେସନର ପ୍ରତିନିଧି ସାମିଲ ହୋଇଥିଲେ।

ସମବାୟ ସଂସ୍ଥା, ଆଶା, ଅଙ୍ଗନବାଡ଼ି କର୍ମୀ, ମହିଳା ଗୋଷ୍ଠୀ, ଗୋଷ୍ଠୀଭିତ୍ତିକ ସଂଗଠନ, ସ୍ୱୟଂସହାୟକ ଗୋଷ୍ଠୀ ଆଦିରୁ ମଧ୍ୟ ଅଣାଯାଇପାରିବ। ଏବେ ସ୍ୱଚ୍ଛଭାରତ ମିଶନ ପାଇଁ ସମଗ୍ର ଦେଶରେ ୪.୩ ଲକ୍ଷ ସ୍ୱେଚ୍ଛାଗ୍ରହୀ ନାମ ପଞ୍ଜୀକୃତ କରିଛନ୍ତି। ପ୍ରତ୍ୟେକ ଗ୍ରାମରେ ଏଭଳି ସ୍ୱେଚ୍ଛାସେବୀଙ୍କୁ ରଖିବା ସହ ୨୦୧୯ ସୁଦ୍ଧା ସେମାନଙ୍କର ସଂଖ୍ୟା ୬.୫ ଲକ୍ଷରେ ପହଞ୍ଚାଇବାର ଲକ୍ଷ୍ୟ ରହିଛି।

ସ୍ୱଚ୍ଛଭାରତ ଅଭିଯାନକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ସଂପୃକ୍ତ ମନ୍ତ୍ରଣାଳୟ ପକ୍ଷରୁ ଉଦ୍ୟମ ଜାରି ରହିଛି। ଗତ ଏପ୍ରିଲ ମାସରେ ମନ୍ତ୍ରଣାଳୟ ପକ୍ଷରୁ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ବିରାଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ପ୍ରାୟ ଶହେ ବର୍ଷ ତଳେ ୨୦୧୭ ଏପ୍ରିଲ ୧୦ରେ ମହାତ୍ମା ଗାନ୍ଧୀ ଚମ୍ପାରଣରେ ସତ୍ୟାଗ୍ରହ ଆରମ୍ଭ କରିଥିଲେ। ଏଥିସହିତ ସେ ବିହାର ଜନତାଙ୍କ ସ୍ଥିତିରେ ଉନ୍ନତି ଆଣିବା ପାଇଁ ମୌଳିକ ଶିକ୍ଷା, ଦକ୍ଷତା ବିକାଶ, ମହିଳା ସଶକ୍ତୀକରଣ ଓ ସ୍ୱଚ୍ଛତାକୁ ମଧ୍ୟ ଗୁରୁତ୍ୱ ଦେଇଥିଲେ। ୨୦୧୮ ଏପ୍ରିଲ ୧୦ରେ ଚମ୍ପାରଣ ସତ୍ୟାଗ୍ରହର ଶତବାର୍ଷିକ ଉତ୍ସବ ପାଳନ ପରିସମାପ୍ତି ହୋଇଥିଲା। ତେବେ ଏହି ଉତ୍ସବପାଳନର ବାର୍ତ୍ତା ଥିଲା 'ସତ୍ୟାଗ୍ରହରୁ ସ୍ୱଚ୍ଛଗ୍ରହ'। ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟ ବିହାର ସରକାରଙ୍କ ସହଯୋଗରେ ଏଥିପାଇଁ ବିହାରରେ ସତ୍ୟାଗ୍ରହରୁ ସ୍ୱଚ୍ଛଗ୍ରହ ଅଭିଯାନ ଏପ୍ରିଲ ୩ ରୁ ୧୦ ତାରିଖ ପର୍ଯ୍ୟନ୍ତ ପାଳନ କରିଥିଲା। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ୧୦ ହଜାରରୁ ଅଧିକ ସ୍ୱେଚ୍ଛାଗ୍ରହୀ ଯୋଗଦେଇଥିଲେ। ସେମାନଙ୍କ ସହ ବିହାରର ୧୦ହଜାର ସ୍ୱେଚ୍ଛାଗ୍ରହୀ ମିଶି ରାଜ୍ୟରେ ୩୮ଟି ଜିଲ୍ଲାରେ ସ୍ୱଚ୍ଛଭାରତକୁ ଏକ ଜନଆନ୍ଦୋଳନରେ ପରିଣତ କରିବାକୁ ପ୍ରୟାସ ଆରମ୍ଭ କରିଥିଲେ।

ସ୍ୱଚ୍ଛଭାରତ ଅଭିଯାନ କ୍ଷେତ୍ରରେ ଦେଶର ଚାରିଟି ସମସ୍ୟା ବହୁଳ ରାଜ୍ୟ ରହିଛି। ସେଗୁଡ଼ିକ ହେଲା - ବିହାର, ଉତ୍ତରପ୍ରଦେଶ, ଓଡ଼ିଶା ଓ ଜାମ୍ମୁ-କାଶ୍ମୀର। ତେବେ ଏସବୁ ରାଜ୍ୟରେ ମାର୍ଚ୍ଚ ୧୩ରୁ ଏପ୍ରିଲ ୧୦ ତାରିଖ ମଧ୍ୟରେ ୩୦ ଲକ୍ଷ ୯୧ ହଜାର ନୂଆ ଶୌଚାଳୟ ନିର୍ମାଣ କରାଯାଇଛି। ସେଥିମଧ୍ୟରୁ ୧୪ଲକ୍ଷ ୮୨ ହଜାର ଶୌଚାଳୟ ସାତ ଦିନ ମଧ୍ୟରେ ଏପ୍ରିଲ ୪ ରୁ ୧୦ ମଧ୍ୟରେ ନିର୍ମିତ ହୋଇଛି।

ସ୍ୱଚ୍ଛଭାରତ ଅଭିଯାନ ପ୍ରତି ବିଭିନ୍ନ ମହଲରୁ ଯେଉଁ ସମର୍ଥନ ଓ ସଦିଚ୍ଛା ପ୍ରକାଶ ପାଉଛି ତାହା ଏହାକୁ ଏକ ଜନଆନ୍ଦୋଳନରେ ପରିଣତ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ଗଣଆନ୍ଦୋଳନ ହିଁ ଭାରତକୁ ଖୋଲା ମଳତ୍ୟାଗ ଅଭ୍ୟାସରୁ ମୁକ୍ତ କରିପାରିବ। ସ୍ୱଚ୍ଛଭାରତ ସମଗ୍ର ବିଶ୍ୱ ପାଇଁ ଏକ ଉଦାହରଣ ହେବାକୁ ଯାଉଛି। ସ୍ୱଚ୍ଛଭାରତର ସଫଳତା ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ - ୬କୁ ପୂରଣ କରିପାରିବ; କାରଣ ଏହା ମାଧ୍ୟମରେ ଜଳ ଓ ପରିମଳ ପରିଚାଳନା ଲକ୍ଷ୍ୟ ସମ୍ଭବ ହେବ।

**ଲେଖକ ହେଉଛନ୍ତି ଭାରତ ସରକାରଙ୍କ ପାନୀୟଜଳ ଓ ପରିମଳ ମନ୍ତ୍ରଣାଳୟର ସଚିବ।**

ଫୋକସ୍

# ମହିଳା ଓ ଶିଶୁଙ୍କ ସୁରକ୍ଷା ବ୍ୟବସ୍ଥା

● ରାକେଶ ଶ୍ରୀବାସ୍ତବ

ମହିଳା ଓ ଶିଶୁମାନେ ଦୀର୍ଘକାଳ ଧରି ସମାଜରେ ଉଚିତ ବିଚାରରୁ ବଂଚିତ ହୋଇଆସୁଛନ୍ତି। ଏମାନଙ୍କ ସଂଖ୍ୟା ଆମ ମୋଟ୍ ଜନସଂଖ୍ୟାର ଦୁଇ ତୃତୀୟାଂଶ ହୋଇଥିଲେ ହେଁ ସେମାନଙ୍କ ଗୁରୁତ୍ୱକୁ ଉପେକ୍ଷା କରାଯାଉଛି। ବିକାଶ ପ୍ରକ୍ରିୟାରେ ସେମାନେ ମଧ୍ୟ ଉପେକ୍ଷିତ। ସମାଜର ଏଡ଼େବଡ଼ ବର୍ଗଙ୍କୁ ଉପେକ୍ଷା କରି ଯେଉଁ ବିକାଶ ପ୍ରକ୍ରିୟା ଚାଲେ ତାହା ସଫଳ ହୁଏନାହିଁ। ମହିଳା ଓ ଶିଶୁଙ୍କ ଅଧିକାରର ସୁରକ୍ଷା ଏବଂ ସେମାନଙ୍କୁ ସମାଜରେ ଅନ୍ୟମାନଙ୍କ ସହ ସମମର୍ଯ୍ୟାଦା ଓ ସ୍ଥାନ ପ୍ରଦାନ ବିନା କୌଣସି ସଂସ୍କୃତି କିମ୍ବା ଜାତି ବାସ୍ତବ ପ୍ରଗତି ହାସଲ କରିପାରିନାହିଁ। ସରକାର ଦେଶର ମହିଳା ଓ ଶିଶୁଙ୍କ ଅଧିକାର ସୁରକ୍ଷିତ କରିବା ସହ ସମାଜରେ ସେମାନଙ୍କୁ ଉପଯୁକ୍ତ ସ୍ଥାନ ଦେଇ ବିକାଶର ଏକ ଆଦର୍ଶ ପର୍ଯ୍ୟାୟ ସୃଷ୍ଟି କରିବାକୁ ଅଙ୍ଗୀକାରବଦ୍ଧ।

ମହିଳା ଓ ଶିଶୁମାନଙ୍କ ସୁରକ୍ଷା ଓ ସାମଗ୍ରିକ ବିକାଶ ପାଇଁ ସରକାର ନାନାବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ସଶକ୍ତୀକରଣ ଓ ସୁରକ୍ଷା ବିଶେଷ ଗୁରୁତ୍ୱପୂର୍ଣ୍ଣ। ଏହି ଦୁଇଟିଯାକ ପ୍ରସଙ୍ଗ ମହିଳା ଓ ଶିଶୁଙ୍କ ସ୍ୱାର୍ଥ ରକ୍ଷା ପାଇଁ ଅଙ୍ଗାଙ୍ଗୀ ଭାବେ ସଂପୃକ୍ତ। ଗୋଟିଏ ବିନା ଅନ୍ୟଟିକୁ ହାସଲ କରିହେବ ନାହିଁ। ତେବେ ଏହି ଲେଖାରେ ମୁଁ ଭାରତ ସରକାର ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରିବି।

ଶିଶୁ ଓ ମହିଳାଙ୍କ କଲ୍ୟାଣ ତଥା ସୁରକ୍ଷା ପାଇଁ ନାନାବିଧ କାର୍ଯ୍ୟକ୍ରମ ସରକାର କାର୍ଯ୍ୟକାରୀ କରିଛନ୍ତି। ଏହି ପଦକ୍ଷେପ ସବୁର ଅନ୍ୟ ଉଦ୍ଦେଶ୍ୟ ହେଲା ମହିଳା ଓ ଶିଶୁଙ୍କ ପାଇଁ ସମାନ ସୁଯୋଗ ସୁବିଧା ସୃଷ୍ଟି କରିବା ସହିତ ବିକାଶ ପ୍ରକ୍ରିୟାରେ ସେମାନଙ୍କୁ ସକ୍ରିୟତା ସହ ସାମିଲ କରିବାକୁ ଏକ ପରିବେଶ ସୃଷ୍ଟି କରିବା। ଏସବୁ ପ୍ରୟାସ ପରିବର୍ତ୍ତିତ ଆବଶ୍ୟକତା ସବୁକୁ ପୂରଣ କରିବା ପାଇଁ ଗତିଶୀଳ ଏବଂ ଉପଯୋଗୀ ହେବା ସହ ନୂଆ ପ୍ରଯୁକ୍ତି (ଟେକ୍ନୋଲୋଜି)କୁ ସହଜରେ ଆପଣାଇବାକୁ ସମର୍ଥ।

**ପରିବର୍ତ୍ତିତ ମାନସିକତା:**

ମହିଳା ଓ ଶିଶୁଙ୍କ ପାଇଁ ଏକ ନିରାପଦ ଓ ଗଠନମୂଳକ ପରିବେଶ ତିଆରି କରିବା ପାଇଁ ପ୍ରଥମ ଆବଶ୍ୟକତା



ହେଲା ମାନସିକତାରେ ପରିବର୍ତ୍ତନ । ସମାଜରେ ଯେଉଁ ରୁଢ଼ିବାଦୀ ବିଚାର ଓ ମାନସିକତା ଏହି ବର୍ଗର ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରୁଛି ସେ ସବୁ ସମସ୍ୟାକୁ ପ୍ରଥମେ ଶକ୍ତ ଆଘାତ ଦେବାକୁ ପଡ଼ିବ । ଏହାକୁ ଦୃଷ୍ଟିରେ ରଖି ସରକାର ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମକୁ ଦେଶର ସବୁ ଜିଲ୍ଲାକୁ ସଂପ୍ରସାରିତ କରିଛନ୍ତି । କନ୍ୟାଭ୍ରୂଣ ହତ୍ୟାକୁ ରୋକିବା ପାଇଁ ଆଇନଗତ ପଦକ୍ଷେପ ନିଆଯିବା ସହିତ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଉଛି । କନ୍ୟାଭ୍ରୂଣଜନିତ ଗର୍ଭପାତ ରୋକିବା ଉପରେ ସତର୍କ ଦୃଷ୍ଟି ରଖାଯାଇଛି । ଝିଅଙ୍କ ପାଠପଢ଼ା ପାଇଁ ସରକାର ବିଭିନ୍ନ ପ୍ରୋତ୍ସାହନ ଯୋଗାଉଛନ୍ତି । ଏହା ଫଳରେ ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ ସଫଳ ହେଉଛି । ପ୍ରାରମ୍ଭିକ ଅବସ୍ଥାରେ ଯେଉଁସବୁ ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ସେଠାରେ ସଫଳତା ମିଳିଛି ଏବଂ କନ୍ୟାଙ୍କ ଜନ୍ମ ସମୟର ଲିଙ୍ଗଗତ ଅନୁପାତ ବଢ଼ିଛି ।

ସେହିଭଳି ଲିଙ୍ଗଗତ ବୈଷମ୍ୟ ଦୂର କରି ଝିଅମାନଙ୍କୁ ପୁଅଙ୍କ ସହିତ ଆଗକୁ ଆଣିବା ପାଇଁ ଶିକ୍ଷାନୁଷ୍ଠାନ ସମୂହରେ 'ଜେଣ୍ଡର ଚମ୍ପିଅନ୍' ପ୍ରୟାସ ଆରମ୍ଭ ହୋଇଛି । ମହିଳା ଓ କନ୍ୟା ସନ୍ତାନମାନେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଯେପରି ପାତରଅନ୍ତରର ସମ୍ମୁଖୀନ ନ'ହୁଅନ୍ତି ସେଥିପାଇଁ ନାନାବିଧ ପଦକ୍ଷେପ ଗ୍ରହଣ କରାଯାଇଛି । ଦେଶର ୧୫୦ ବିଶ୍ୱବିଦ୍ୟାଳୟ ଓ ୨୩୦ କଲେଜରେ ଏହି ଜେଣ୍ଡର ଚମ୍ପିଅନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି ।

**ଖବର ଦେବା ଓ ପୀଡ଼ିତାଙ୍କୁ ସାହାଯ୍ୟ ସମର୍ଥନ କରିବା ପ୍ରୟାସ:**

ଅନେକ ମହିଳା ଓ ଶିଶୁ ନିର୍ଯାତନା, ଶୋଷଣ ଓ ଅନ୍ୟାନ୍ୟ ବିଦ୍ୱେଷମୂଳକ କାର୍ଯ୍ୟ ସମ୍ପର୍କରେ ପୁଲିସକୁ ଜଣାଇବାକୁ ମାନସିକ ଭାବେ ପ୍ରସ୍ତୁତ ନ ଥାନ୍ତି । ଏହାକୁ ଦୃଷ୍ଟିରେ ରଖି ସାରା ଦେଶରେ ଅଭିଯୋଗ କରିବା ପାଇଁ ଏକକ ପୁଲିସ ନେଟ୍‌ୱାର୍କ ଖୋଲାଯାଇଛି । ନିର୍ଭୟା ପାଣ୍ଠିରେ କାର୍ଯ୍ୟକାରୀ ହୋଇଥିବା ଏହି ବ୍ୟବସ୍ଥାରେ ସମଗ୍ର ଦେଶରେ ୧୮୨ଟି ୱାନ୍‌ଷ୍ଟପ୍ ସେଣ୍ଟର (ଅଭିଯୋଗ କେନ୍ଦ୍ର) ପ୍ରତିଷ୍ଠା କରାଯାଇଛି । ଏହି କେନ୍ଦ୍ରଗୁଡ଼ିକ ମହିଳାଙ୍କ ଉପରେ ହେଉଥିବା ବିଭିନ୍ନ ଅତ୍ୟାଚାରର ଅଭିଯୋଗ ଗ୍ରହଣ କରି ଏକକ ବାତାୟନ (ସିଙ୍ଗଲ ଉଇଣ୍ଡୋ) ନୀତିରେ ପ୍ରତିକାର ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଦ୍ଦିଷ୍ଟ । ଏହି କେନ୍ଦ୍ରସବୁ ପୀଡ଼ିତା ମହିଳାଙ୍କୁ ପୁଲିସ ସହାୟତା ବ୍ୟତୀତ ଚିକିତ୍ସା, ଆଇନଗତ ଓ ମନସ୍ତାତ୍ତ୍ୱିକ ପ୍ରତିକାର ବ୍ୟବସ୍ଥା ଯୋଗାଉଛନ୍ତି । ଆବଶ୍ୟକସ୍ଥଳେ ପୀଡ଼ିତାମାନଙ୍କୁ ଏହି କେନ୍ଦ୍ରସମୂହରେ କିଛିକାଳ ନିରାପଦ ରହଣିର ସୁବିଧା ମଧ୍ୟ ଯୋଗାଇ ଦିଆଯାଉଛି । ଏ ପର୍ଯ୍ୟନ୍ତ ଏସବୁ କେନ୍ଦ୍ରଗୁଡ଼ିକ ଦ୍ୱାରା ୧.୩ ଲକ୍ଷ ମହିଳାଙ୍କ ନିର୍ଯାତନା ମାମଲା ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।




ଆହୁରି ମଧ୍ୟ ୧୮୧ ହେଲ୍ପଲାଇନ୍‌କୁ ଫୋନ୍ କରି ମହିଳାମାନେ ସମ୍ମୁଖୀନ ହେଉଥିବା ହିଂସା ଓ ଅତ୍ୟାଚାର ସମ୍ପର୍କରେ ଅଭିଯୋଗ କରିବାର ସୁବିଧା ପାଇଛନ୍ତି । ଏହି ନମ୍ବରକୁ ଫୋନ୍ କଲେ ପଇସା ଦେବାକୁ ପଡ଼ି ନ ଥାଏ । ଅସୁବିଧାର ସମ୍ମୁଖୀନ ହୋଇଥିବା ମହିଳାଙ୍କୁ ଉଭୟ ଜରୁରୀ ଓ ଅଣଜରୁରୀ ଭିତ୍ତିରେ ଏହି ହେଲ୍ପଲାଇନ ଜରିଆରେ ସହାୟତା ଯୋଗାଇ ଦିଆଯାଉଛି । ଅସୁବିଧାର ସମ୍ମୁଖୀନ ହୋଇଥିବା ମହିଳା ୧୮୧ନମ୍ବରକୁ ଫୋନ୍ କରି ଜରୁରୀ, ଆଇନଗତ, ପୁଲିସ, ପରାମର୍ଶ ବା ଅନ୍ୟାନ୍ୟ ସହାୟତା ଲୋଡ଼ିପାରିବେ । ଏ ପର୍ଯ୍ୟନ୍ତ ୩୦ଟି ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳରେ ଓମେନ୍ ହେଲ୍ପଲାଇନ୍ ପ୍ରତିଷ୍ଠା

କରାଯାଇ ୧୬ଲକ୍ଷ ୫୦ହଜାରରୁ ଅଧିକ ମହିଳାଙ୍କୁ ସହାୟତା ଯୋଗାଇ ଦିଆଯାଇଛି। ସେହିଭଳି ଶିଶୁମାନଙ୍କ ପାଇଁ ଏକ ହେଲ୍ପଲାଇନ୍ ଦେଶବ୍ୟାପୀ କାର୍ଯ୍ୟକାରୀ ହେଉଛି। ଏହାର ନମ୍ବର ୧୦୯୮। ଗତବର୍ଷ ଏହି ହେଲ୍ପଲାଇନ୍‌କୁ ୧.୮କୋଟି କଲ୍ ଆସିଥିଲା ଓ ତାହାର ସମାଧାନ କରିବାକୁ ପ୍ରୟାସ ହୋଇଥିଲା।

ପୁଲିସ ବାହିନୀରେ ମହିଳାଙ୍କ ପାଇଁ ୩୩ ଶତାଂଶ ସ୍ଥାନ ସଂରକ୍ଷଣ ମହିଳା ସୁରକ୍ଷା ଓ ସଶକ୍ତୀକରଣ ଦିଗରେ ଆଉ ଏକ ଉଲ୍ଲେଖନୀୟ ପଦକ୍ଷେପ। ଏହାଫଳରେ ନିର୍ଯାତନା ଓ ଶୋଷଣର ସମ୍ମୁଖୀନ ଅଧିକରୁ ଅଧିକ ମହିଳା ପୁଲିସର ସହାୟତା ଲୋଡ଼ିବା ସହ ଅଭିଯୋଗ କରିବାକୁ ଆଗ୍ରହୀ ହେବେ। ଏହି ପ୍ରସଙ୍ଗରେ ସରକାରଙ୍କ ପକ୍ଷରୁ ଏକ ପରାମର୍ଶ ସୂଚୀ ଜାରି କରାଯାଇଛି। ଏହାର ସୁଫଳ ମଧ୍ୟ ବିଭିନ୍ନ ରାଜ୍ୟରେ ଦେଖିବାକୁ ମିଳୁଛି। ଲିଙ୍ଗଗତ ସମ୍ବେଦନଶୀଳ ମାମଲାରେ ପୁଲିସ ଯେପରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ସେଥିପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହ ମିଶି କାମ କରୁଛି। ସେଥିପାଇଁ ପୁଲିସବଳରେ ଅଧିକ ସଂଖ୍ୟକ ମହିଳାଙ୍କୁ ନିଯୁକ୍ତି ଦିଆଯାଉଛି। କେବଳ ଅଧିକ ମହିଳା ପୁଲିସ ନିଯୁକ୍ତି ନୁହେଁ, ସମଗ୍ର ପୁଲିସ ବାହିନୀ ମହିଳା ଓ ଶିଶୁଙ୍କ ପ୍ରତି ଯେପରି ବନ୍ଧୁତ୍ୱପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରନ୍ତି ତାହା ନିଶ୍ଚିତ କରିବାକୁ ଉଦ୍ୟମ ଜାରି ରହିଛି।

ମହିଳା ଓ ଶିଶୁମାନଙ୍କ ସୁରକ୍ଷା ଓ ସାମଗ୍ରିକ ବିକାଶ ପାଇଁ ସରକାର ନାନାବିଧ ପଦକ୍ଷେପ ଗ୍ରହଣ କରିଛନ୍ତି। ସେଥିମଧ୍ୟରୁ ସଶକ୍ତୀକରଣ ଓ ସୁରକ୍ଷା ବିଶେଷ ଗୁରୁତ୍ୱପୂର୍ଣ୍ଣ। ଏହି ଦୁଇଟିଯାକ ପ୍ରସଙ୍ଗ ମହିଳା ଓ ଶିଶୁଙ୍କ ସ୍ୱାର୍ଥ ରକ୍ଷା ପାଇଁ ଅଙ୍ଗାଙ୍ଗୀ ଭାବେ ସଂପୃକ୍ତ। ଗୋଟିଏ ବିନା ଅନ୍ୟଟିକୁ ହାସଲ କରିହେବ ନାହିଁ। ତେବେ ଏହି ଲେଖାରେ ମୁଁ ଭାରତ ସରକାର ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପାଇଁ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରିବି। ଶିଶୁ ଓ ମହିଳାଙ୍କ କଲ୍ୟାଣ ତଥା ସୁରକ୍ଷା ପାଇଁ ନାନାବିଧ କାର୍ଯ୍ୟକ୍ରମ ସରକାର କାର୍ଯ୍ୟକାରୀ କରିଛନ୍ତି। ଏହି ପଦକ୍ଷେପ ସବୁର ଅନ୍ୟ ଉଦ୍ଦେଶ୍ୟ ହେଲା ମହିଳା ଓ ଶିଶୁଙ୍କ ପାଇଁ ସମାନ ସୁଯୋଗ ସୁବିଧା ସୃଷ୍ଟି କରିବା ସହିତ ବିକାଶ ପ୍ରକ୍ରିୟାରେ ସେମାନଙ୍କୁ ସକ୍ରିୟତା ସହ ସାମିଲ କରିବାକୁ ଏକ ପରିବେଶ ସୃଷ୍ଟି କରିବା। ଏସବୁ ପ୍ରୟାସ ପରିବର୍ତ୍ତିତ ଆବଶ୍ୟକତା ସବୁକୁ ପୂରଣ କରିବା ପାଇଁ ଗତିଶୀଳ ଏବଂ ଉପଯୋଗୀ ହେବା ସହ ନୂଆ ପ୍ରଯୁକ୍ତି (ଟେକ୍‌ନୋଲୋଜି)କୁ ସହଜରେ ଆପଣାଇବାକୁ ସମର୍ଥ।



## ହେଲ୍ପଲାଇନ୍ ନମ୍ବର ୧୮୧

ଅଧିକାଂଶ ସମୟରେ ଶିଶୁମାନେ ଅଧିକ ଅତ୍ୟାଚାରିତ ଓ ନିର୍ଯାତିତ ହୋଇଥାନ୍ତି। ସେମାନେ ମଧ୍ୟ ଅନେକ ସମୟରେ ସେମାନଙ୍କର ନିର୍ଯାତନାର କାହାଣୀ କହିବାର ସୁଯୋଗ ପାଆନ୍ତି ନାହିଁ। ଶିଶୁମାନେ ଯେପରି ସହଜରେ ନିଜର ନିର୍ଯାତନା ଓ କଷ୍ଟର କାହାଣୀ ପ୍ରକାଶ କରିପାରିବେ ସେଥିପାଇଁ ଏକ ଅନ୍‌ଲାଇନ୍ ପୋର୍ଟାଲ 'ପକ୍‌ସୋ ଇ ବକ୍ସ' ପ୍ରତିଷ୍ଠା କରାଯାଇଛି। ନିର୍ଯାତିତ ଶିଶୁ ନିଜେ କିମ୍ବା ତା' ପକ୍ଷରୁ ଯେ କେହି ଏହି ପୋର୍ଟାଲ ଜରିଆରେ ସଂକ୍ଷେପରେ ଅଭିଯୋଗ ଦାଖଲ କରିପାରିବେ। ଅଭିଯୋଗ ଦରଜ ହେବାମାତ୍ରେ ଜଣେ ତାଲିମପ୍ରାପ୍ତ ପରାମର୍ଶଦାତା (କାଉନସିଲର) ତୁରନ୍ତ ସେହି ଶିଶୁଙ୍କୁ ଠାବ କରି ଆବଶ୍ୟକ ସହାୟତା ଯୋଗାଇବା ସହ ଦରକାର ପଡ଼ିଲେ ଆନୁଷ୍ଠାନିକ ଭାବେ ଏକ ଏତଲା ଦାଏର କରିବେ।

**ଦୃଢ଼ ଆଇନଗତ ଢାଞ୍ଚା:**

ମହିଳା ଓ ଶିଶୁଙ୍କୁ ମନ୍ଦଉଦ୍ଦେଶ୍ୟରେ ଚାଲାଣ କରିବା ଭଳି ଅଦୃଶ୍ୟ ଅପରାଧକୁ ରୋକିବା ସହ ସେମାନଙ୍କୁ ସୁରକ୍ଷିତ କରିବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଆଇନଗତ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି। ନିର୍ବାଚନରେ ମନ୍ତ୍ରଣାଳୟ ପକ୍ଷରୁ ମାନବ ଚାଲାଣ ନିରାକରଣ, ସୁରକ୍ଷା ଓ ଥଇଥାନ ବିଲ୍ ୨୦୧୮ ପ୍ରସ୍ତୁତ କରାଯାଇଛି। ଏହି ବିଲ୍ ଦ୍ୱାରା ମାନବଚାଲାଣ ସଂକ୍ରାନ୍ତ ପ୍ରଚଳିତ ଆଇନରେ ଥିବା ତ୍ରୁଟି ବିଚ୍ୟୁତି ସବୁକୁ ସୁଧାରି ହେବ। ଏହାଛଡ଼ା ଏ କ୍ଷେତ୍ରରେ ପ୍ରଭାବିତ ଲୋକଙ୍କ ପାଇଁ ଏକ ସୁଦୃଢ଼, ଆଇନଗତ, ଆର୍ଥିକ ଓ ସାମାଜିକ ବାତାବରଣ ସୃଷ୍ଟି ହୋଇପାରିବ। ମାନବଚାଲାଣ, ବିଶେଷତଃ ମହିଳା ଓ ଶିଶୁ ଚାଲାଣ ରୋକିବା ପାଇଁ ଜିଲ୍ଲା, ପ୍ରଦେଶ ଓ ଜାତୀୟ ସ୍ତରରେ ଉତ୍ସର୍ଗୀକୃତ ଅନୁଷ୍ଠାନ ପ୍ରତିଷ୍ଠା କରାଯିବ।

ବାଲ୍ୟ ବିବାହରୁ ଝିଅ ପିଲାମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଯେଉଁ ଆଇନଗତ ବ୍ୟବସ୍ଥା ରହିଛି ତାହାକୁ ଅଧିକ ସୁଦୃଢ଼ କରାଯିବା ସହ ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଉଛି। ୨୦୦୬ର ବାଲ୍ୟ ବିବାହ ଆଇନରେ ଏହି କାର୍ଯ୍ୟକୁ ପ୍ରୋତ୍ସାହିତ କରୁଥିବା,

ଏଥିରେ ସଂପୃକ୍ତ ଥିବା ବା ଏହାକୁ ସମର୍ଥନ କରୁଥିବା ଲୋକଙ୍କ ବିରୋଧରେ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ଜିଲ୍ଲାପାଳ ଓ ରାଜ୍ୟସରକାରଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ରଖି ଏହି ପ୍ରସଙ୍ଗରେ କେନ୍ଦ୍ର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ କାର୍ଯ୍ୟ କରୁଛି। ଯେକୌଣସି ପ୍ରକାର ବାଲ୍ୟ ବିବାହକୁ ଆଇନଗତଭାବେ ଅବୈଧ କରିବାକୁ ଏବେ ମନ୍ତ୍ରଣାଳୟ ପକ୍ଷରୁ ପ୍ରୟାସ ଜାରି ରହିଛି। ଏଥିପାଇଁ ଆଇନରେ ଆବଶ୍ୟକ ସଂଶୋଧନ କରାଯିବ।

କାର୍ଯ୍ୟସ୍ଥଳରେ ମହିଳାଙ୍କୁ ଯୌନ ଶୋଷଣ ଓ ହରକତରୁ ରକ୍ଷା କରିବା ପାଇଁ ଉଦ୍ଦିଷ୍ଟ ୨୦୧୩ ମସିହାର ଆଇନର କଡ଼ାକଡ଼ି କାର୍ଯ୍ୟକାରିତା ଉପରେ ଏବେ ମନ୍ତ୍ରଣାଳୟ ଗୁରୁତ୍ୱ ଦେଉଛି। ଏହି ଆଇନ ସମ୍ପର୍କରେ ବ୍ୟାପକ ଜନସଚେତନା ସୃଷ୍ଟି, ଆଲୋଚନାଚକ୍ର ଓ ତାଲିମ କାର୍ଯ୍ୟକ୍ରମ ଆଦି ଆୟୋଜନ କରିବା ପାଇଁ ୧୧୨ ପ୍ରତିଷ୍ଠାନ ତାଲିକାଭୁକ୍ତ ହୋଇଛନ୍ତି। ଏହାଛଡ଼ା ଟିଭି, ରେଡିଓ ଓ ଅନଲାଇନ୍‌ରେ ଏ ସମ୍ପର୍କରେ ବ୍ୟାପକ ପ୍ରଚାର ଅଭିଯାନ ଚାଲିଛି। ଅନ୍‌ଲାଇନ୍ ଅଭିଯୋଗ ପାଇଁ 'ଶି-ବକ୍ସ' ପୋର୍ଟାଲ ଖୋଲାଯାଇଛି। ନିଜର ପଦ, କାର୍ଯ୍ୟ ଓ କର୍ମସ୍ଥଳ ନିର୍ବିଶେଷରେ ଯୌନ ହରକତର ସମ୍ମୁଖୀନ ହେଉଥିବା ଯେକୌଣସି ମହିଳା ଏହି ପୋର୍ଟାଲ ମାଧ୍ୟମରେ ନିଜର ଅଭିଯୋଗ ଦରଜ କଲେ ତା'ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ହୋଇଛି। କାର୍ଯ୍ୟସ୍ଥଳରେ ଏକ ନିରାପଦ ପରିବେଶ ବଜାୟ ରହିଲେ ଅଧିକରୁ ଅଧିକ ମହିଳା ଶ୍ରମଶକ୍ତିରେ ସାମିଲ ହେବାକୁ ଉତ୍ସାହିତ ହେବେ।

ଉଭୟ ଘରେ ଓ ବାହାରେ ମହିଳାମାନଙ୍କୁ ସୁରକ୍ଷିତ ରଖିବାକୁ ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟ କରାଯାଉଛି। ୨୦୦୫ରେ ସାରା ଦେଶରେ ମହିଳାମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷିତ ରଖିବା ସଂକ୍ରାନ୍ତ ଆଇନ କାର୍ଯ୍ୟକାରୀ ହେବା ପରେ ମହିଳାମାନେ ସେମାନଙ୍କ ଉପରେ ନିଜ ଘରେ ହେଉଥିବା ଅତ୍ୟାଚାର ସମ୍ପର୍କରେ କିପରି ପୁଲିସରେ ଅଭିଯୋଗ କରିପାରିବେ ସେଥିପାଇଁ ସରକାରୀ ସ୍ତରରେ ଆବଶ୍ୟକ ସହାୟତା ବ୍ୟବସ୍ଥା କରାଯାଇଛି। ଯୌତୁକ ଭଳି ସାମାଜିକ କଳଙ୍କର ଅବସାନ ପାଇଁ ଯୌତୁକ ନିବାରଣ ଆଇନକୁ ନିଷ୍ଠାର ସହ କାର୍ଯ୍ୟକାରୀ କରାଯାଉଛି। ଏହି ନିୟମ ଅନୁସାରେ ଯୌତୁକ ଦେବା ଓ ନେବା ଉଭୟ ଦଣ୍ଡନୀୟ। ଯୌତୁକକୁ ପ୍ରୋତ୍ସାହିତ କରିବା ମଧ୍ୟ ଆଇନତଃ ଏକ ଦଣ୍ଡନୀୟ ଅପରାଧ।



ଏହିସବୁ ଆଇନର ଏକ ଗଣମାଧ୍ୟମ ଅଭିଯାନ ରୂପରେଖ ପ୍ରସ୍ତୁତ ହୋଇ ରେଡିଓ, ଟିଭି ଓ ଅନ୍‌ଲାଇନ ଜରିଆରେ ପ୍ରଚାରିତ ହେଉଛି। ଏତଦ୍‌ଭିନ୍ନ ନୂଆ ଟାକ୍ସି ନିର୍ଦ୍ଦେଶାଳବଳୀ ପ୍ରବର୍ତ୍ତନ କରାଯାଇ ମହିଳାଯାତ୍ରୀଙ୍କ ସୁରକ୍ଷାକୁ ନିଶ୍ଚିତ କରାଯାଇଛି। ଟାକ୍ସିରେ ଜିପିଏସ୍ ପ୍ୟାନିକ ଡିଭାଇସ୍, ଚାଇଲ୍ଡ ଲକିଂ ସିଷ୍ଟମ ବ୍ୟବହାର ବାଧ୍ୟତାମୂଳକ ହୋଇଥିବାବେଳେ ଚାଳକର ଫଟୋ ସମ୍ବଳିତ ବିବରଣୀ, ରେଜିଷ୍ଟ୍ରେସନ ନମ୍ବର ଓ ପରିଚୟ ପତ୍ର ସ୍ପଷ୍ଟଭାବେ ଗାଡ଼ିରେ ପ୍ରଦର୍ଶନ କରିବା ଆଦି କାର୍ଯ୍ୟ ହୋଇଛି। ମହିଳାଯାତ୍ରୀଙ୍କ ଅନୁମତି ବିନା ତାଙ୍କ ସହ ଅନ୍ୟ କେହି ଗୋଟିଏ ସିଟ୍‌ରେ ବସିପାରିବେ ନାହିଁ। ସର୍ବସାଧାରଣ ଟାକ୍ସି ବ୍ୟବହାର ସମୟରେ ମହିଳା ଓ ଶିଶୁ ଯାତ୍ରୀଙ୍କ ନିରାପତ୍ତାକୁ ନଜରରେ ରଖି ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି।

**ଅଭିନବ ପ୍ରକଳ୍ପ ପାଇଁ ପାଣ୍ଠି ଯୋଗାଣ:** ନିର୍ଭୟା ପାଣ୍ଠି ଖର୍ଚ୍ଚ ହୋଇପାରୁନାହିଁ ବୋଲି ପ୍ରାୟତଃ ଅଭିଯୋଗ ହେଉଛି; ମାତ୍ର ସତକଥା ହେଲା ଏହି ପାଣ୍ଠିରୁ ମୋଟ୍ ୬୨୨୩ କୋଟି ୭୯ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ବିଭିନ୍ନ ମହିଳା ସୁରକ୍ଷା ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି।

ପ୍ୟାନିକ୍ ବଟନ୍ ବିଶେଷତ୍ୱ ଥିବା ମୋବାଇଲ ଫୋନ୍‌ମାନ ଖୁବ୍‌ଶୀଘ୍ର ବଜାରକୁ ଆସିବ। ଏହାର ବିଶେଷତ୍ୱ ହେଲା ଅସୁବିଧାରେ ପଡ଼ିଥିବା ମହିଳା ମୋବାଇଲର ଏହି ପ୍ୟାନିକ୍ ବଟନ୍ ଟିପିଲେ ତାଙ୍କୁ ଜରୁରୀକାଳୀନ ସହାୟତା ଯୋଗାଇଦିଆଯିବ। ଏହି ପ୍ୟାନିକ୍ ବଟନ ନିକଟସ୍ଥ ପୁଲିସ ନିୟନ୍ତ୍ରଣ କକ୍ଷ (ପିସିଆର୍), ସଂପୃକ୍ତ ମହିଳାଙ୍କ ପରିବାରର ସଦସ୍ୟ / ବନ୍ଧୁ ପରିଜନଙ୍କୁ ଉପଗ୍ରହ ଭିତ୍ତିକ ଜିପିଏସ୍‌ରେ ସିଗ୍‌ନାଲ ପ୍ରେରଣ କରି ସେ ଥିବା ସ୍ଥାନ ସମ୍ପର୍କରେ ସୂଚାଇ ଦେବ। ଏହି ଫୋନ୍‌ର ପ୍ରଥମ ପର୍ଯ୍ୟାୟ ବ୍ୟାବହାରିକ ପରୀକ୍ଷା ଇତିମଧ୍ୟରେ ଉତ୍ତରପ୍ରଦେଶରେ ଶେଷ ହୋଇଛି। ଖୁବ୍ ଶୀଘ୍ର ଦେଶର ଅନ୍ୟ ଅଞ୍ଚଳରେ ଏହା କରାଯିବ।

ଦେଶର ଆଠଟି ପ୍ରମୁଖ ସହରକୁ ମହିଳାମାନଙ୍କ ନିମନ୍ତେ ସୁରକ୍ଷିତ କରିବା ପାଇଁ ଯେଉଁ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି ସେଥିପାଇଁ ମଧ୍ୟ ନିର୍ଭୟା ପାଣ୍ଠିରୁ ଅର୍ଥ ଯୋଗାଇ ଦିଆଯାଉଛି। ଏହି ଅର୍ଥ ସଂପୃକ୍ତ ସହରର ଆଲୋକୀକରଣ, ନିରାପଦ ସାଧାରଣ ପରିବହନ ବ୍ୟବସ୍ଥା, ଉନ୍ନତ ପୁଲିସ ବନ୍ଦୋବସ୍ତ ଆଦି ପାଇଁ ଖର୍ଚ୍ଚ କରାଯାଉଛି। ଏହି ସହର ଢାଞ୍ଚାରେ ଅନ୍ୟାନ୍ୟ ସହର/ ନଗରଗୁଡ଼ିକୁ ମହିଳାଙ୍କ ପାଇଁ ନିରାପଦ କରାଯିବ। ବଳାତ୍କାର ଓ ଯୌନ ଉତ୍ପୀଡ଼ନ ଭଳି ଘଟଣାରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା ଓ ଫୋରେନ୍‌ସିକ୍ ପରୀକ୍ଷା ପାଇଁ ଲାବରେଟୋରୀ ଓ କେନ୍ଦ୍ରଗୁଡ଼ିକର ଦକ୍ଷତାବୃଦ୍ଧି ପାଇଁ ନିଭୟା ପାଣ୍ଠି ମଧ୍ୟ ବିନିଯୋଗ ହେଉଛି। ଏହାଦ୍ୱାରା ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡବିଧାନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ।

**ଆଇଟିର ସହାୟତା:**

ଟେକ୍‌ନୋଲୋଜିର ବିକାଶ ଘଟୁଥିବାରୁ ଏହାର ସୁଯୋଗ ନେଇ ଡିଜିଟାଲ ସ୍ପେଶକୁ ମହିଳା ଓ ଶିଶୁ ବିରୋଧୀ ହିଂସାକାଣ୍ଡ ବୃଦ୍ଧି ନିମନ୍ତେ ବ୍ୟବହାର କରାଯାଉଛି। ସରକାର ଏଥିପ୍ରତି ସତର୍କ ରହିବା ସହ ପ୍ରଚଳିତ ଭିତ୍ତିଭୂମି ଓ ବ୍ୟବସ୍ଥାରେ ପରିବର୍ତ୍ତନ କରି ଡିଜିଟାଲ ସ୍ପେଶର ଦୁରୁପଯୋଗ ଏଡ଼ାଇବାକୁ ଚେଷ୍ଟା କରୁଛନ୍ତି। ଏଥିପାଇଁ ଏକ କେନ୍ଦ୍ରୀୟ ରିପୋଟିଂ ମେକାନିଜିମ୍ ପ୍ରସ୍ତୁତ ହେଉଛି ଯାହା ଏକ ହଟ୍ ଲାଇନ୍ ଭାବେ କାର୍ଯ୍ୟ କରିବ। ସାଇବର ଅପରାଧ ସଂକ୍ରାନ୍ତ ଯେକୌଣସି ତଥ୍ୟ ଏହି ହଟ୍‌ଲାଇନ୍ ମାଧ୍ୟମରେ ପୁଲିସ ବା କର୍ତ୍ତୃପକ୍ଷଙ୍କୁ ଅବଗତ କରିହେବ। ସେହିଭଳି ଅନ୍‌ଲାଇନରେ ଅଥବା ଅନ୍ୟ ମାଧ୍ୟମରେ ପ୍ରଦର୍ଶିତ ହେଉଥିବା ଚାଇଲ୍ଡ ପୋର୍ଣ୍ଣୋଗ୍ରାଫି, ଧର୍ଷଣ, ଗଣଧର୍ଷଣ ଇତ୍ୟାଦିର ଚିତ୍ର, ଭିଡିଓ ଓ ଇମେଜେରୀ ଆଦିକୁ ହଟାଇବାକୁ ପଦକ୍ଷେପ ଆରମ୍ଭ ହୋଇଯାଇଛି। ସାଇବର ଅପରାଧ ସମ୍ପର୍କରେ ସଚେତନ ରହିବାକୁ ବ୍ୟାପକ ଜନସଚେତନା ସୃଷ୍ଟି କରାଯାଉଛି।

ଶିଶୁଙ୍କ ସୁରକ୍ଷା ବୃଦ୍ଧି ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଆଇଟିକୁ ଏକ ଆୟୁଧ ଭାବେ ବ୍ୟବହାର କରାଯାଉଛି। ଏହା ସାହାଯ୍ୟରେ ଏକ ଅନ୍‌ଲାଇନ୍ ନାଗରିକଭିତ୍ତିକ ପୋର୍ଟାଲ 'ଖୋୟା ପାୟା' ଆରମ୍ଭ ହୋଇଛି। ଏଥିରେ ନିରୁଦ୍ଦିଷ୍ଟ କିମ୍ବା ଠାବ ହୋଇଥିବା ଅପରିଚିତ ପିଲାଙ୍କ ସମ୍ପର୍କରେ ତଥ୍ୟ ଆଦାନପ୍ରଦାନ କରାଯାଇ ସେମାନଙ୍କୁ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇପାରୁଛି। ୨୦୧୫ଠାରୁ ଏହି ପୋର୍ଟାଲରେ ୧୦ହଜାରରୁ ଅଧିକ ନିରୁଦ୍ଦିଷ୍ଟ ଓ ଠାବ ହୋଇଥିବା ପିଲାଙ୍କ ତଥ୍ୟ ଉପସ୍ଥାପିତ ହୋଇଛି। ଏଭଳି ଶିଶୁମିତ୍ର ପ୍ରୟାସ ସମ୍ପର୍କରେ ମଧ୍ୟ ଏନ୍‌ସିଇଆର୍‌ଟି ପାଠ ବହିର ଭିତର ଓ ବାହାର



ପୃଷ୍ଠାରେ ତଥ୍ୟ ପ୍ରକାଶ କରାଯାଇ ପିଲାଙ୍କ ମଧ୍ୟରେ ସର୍ବାଧିକ ସଚେତନତା ମଧ୍ୟ ସୃଷ୍ଟି କରାଯାଉଛି।

**ହିଂସା ପୀଡ଼ିତଙ୍କ ଥଇଥାନ:**

ଯୌନ ପୀଡ଼ିତଙ୍କ ଉପଯୁକ୍ତ ଥଇଥାନ ପୂର୍ଣ୍ଣାଙ୍ଗ ସରକାରୀ ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଏଥିପାଇଁ କେନ୍ଦ୍ର ସରକାରଙ୍କ ନିର୍ଭୟା ପାଣ୍ଠିରୁ ଆବଶ୍ୟକ ଅର୍ଥ ଯୋଗାଣର ବ୍ୟବସ୍ଥା କରାଯାଇଛି। ଏହି ପାଣ୍ଠିରୁ ରାଜ୍ୟ ସରକାରମାନଙ୍କୁ ଅତିରିକ୍ତ ସହାୟତା ଯୋଗାଇ ଦିଆଯାଉଛି ଯାହା ହିଂସା ପୀଡ଼ିତ ମହିଳାଙ୍କୁ ପ୍ରାଦେଶିକ ସହାୟତା ବାହାରେ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏସିଡ୍ ଆକ୍ରମଣ ଭଳି ଘଟଣାରେ କ୍ଷତିଗ୍ରସ୍ତ ମହିଳାଙ୍କର ନିୟମିତ ଦୀର୍ଘକାଳୀନ ଚିକିତ୍ସାର ଆବଶ୍ୟକତା ଥିବାରୁ ସଂପୃକ୍ତ ମହିଳାଙ୍କୁ ସ୍ୱତନ୍ତ୍ର ଶାରୀରିକ ଅକ୍ଷମ ତାଲିକାଭୁକ୍ତ କରି ସହାୟତା ଯୋଗାଇଦେବାକୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଥିଲା। ତଦନୁସାରେ ୨୦୧୬ରେ ପ୍ରଣିତ ଭିନ୍ନକ୍ଷମ ଆଇନରେ ଏସିଡ୍ ପୀଡ଼ିତ ମହିଳାଙ୍କୁ ସ୍ୱତନ୍ତ୍ର ଭିନ୍ନକ୍ଷମର ମାନ୍ୟତା ଦିଆଯାଇ ସରକାରୀ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି।

ଏକ ଅଭିନବ ପ୍ରୟାସ ମାଧ୍ୟମରେ ଦେଶର ୬୦ଟି ବୃହତ୍ ରେଳଷ୍ଟେସନରେ ଶିଶୁ ସହାୟତା ଡେସ୍କ ଖୋଲାଯାଇ ଶିଶୁଚାଲାଣ ଉପରେ ଦୃଷ୍ଟି ଦିଆଯାଉଛି। ଉଦ୍ଧାର ଶିଶୁଙ୍କୁ ଏହି ଡେସ୍କ ମାଧ୍ୟମରେ ନିଜର ପରିବାର ଓ ନିକଟ ସମ୍ପର୍କୀୟଙ୍କ ପାଖକୁ ପଠାଇବା କିମ୍ବା ସ୍ୱଳ୍ପକାଳୀନ ରହଣୀର ବ୍ୟବସ୍ଥା କରାଯାଉଛି। ଏହି ଡେସ୍କ ଚାଲାଣ ହେଉଥିବା ପିଲାଙ୍କୁ ଠାବ, ଉଦ୍ଧାର, ଥଇଥାନ, ଚିହ୍ନଟ, ପୁନର୍ମିଳନ ଆଦି କାର୍ଯ୍ୟ କରୁଛି। ଏହି ସେବା ଦ୍ୱାରା ଏ ପର୍ଯ୍ୟନ୍ତ ୩୪ ହଜାରରୁ ଅଧିକ ପିଲାଙ୍କୁ ସହାୟତା ଯୋଗାଇ ଦିଆଯାଇଛି।

**ଅନ୍ତିମ ପଥ ପରିକ୍ରମା:**

ସରକାରଙ୍କ ମହିଳା ଓ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମର ସୁଫଳ ଦେଶର ଗ୍ରାମାଞ୍ଚଳରେ ଯେପରି ପହଞ୍ଚିପାରିବ ସେଥିପାଇଁ ନିକଟରେ ମହିଳା ଶକ୍ତି କେନ୍ଦ୍ର ଯୋଜନା କାର୍ଯ୍ୟକାରୀ ହୋଇଛି। ଏହି ଯୋଜନାରେ ଗ୍ରାମୀଣ ମହିଳାଙ୍କୁ ସେମାନଙ୍କ ଘରପାଖରେ ସହାୟତା ଯୋଗାଇ ଦିଆଯାଉଛି। ଏଥିପାଇଁ ପ୍ରାରମ୍ଭିକ ଭାବରେ ଦେଶର ୧୧୫ ପଛୁଆ ଜିଲ୍ଲାରେ ତିନି ଲକ୍ଷ ଛାତ୍ର ସ୍ୱେଚ୍ଛାସେବୀଙ୍କୁ କାର୍ଯ୍ୟରେ ଲଗାଯାଇଛି। ଏହି ଛାତ୍ରମାନେ ମହିଳାମାନଙ୍କୁ ହିଂସା ପୀଡ଼ିତ ମହିଳାଙ୍କ ଥଇଥାନ ଓ ସହାୟତା ସମ୍ପର୍କରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ବିଷୟରେ ସଚେତନ କରାଉଛନ୍ତି। ଭାରତୀୟ ମହିଳାମାନେ ଦେଶରେ ଯେତେବେଳେ ନିଜକୁ ସୁରକ୍ଷିତ ମଣିବେ ସେତେବେଳେ ଯାଇ ସେମାନେ ସାଧାରଣ ଜୀବନରେ ସମ୍ପୂର୍ଣ୍ଣଭାବେ ସାମିଲ ହୋଇ ଦେଶର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବେ। ସେହିଭଳି ଶିଶୁମାନେ ଯଦି ହିଂସାମୁକ୍ତ ପରିବେଶ ନ ପାଇବେ ସେମାନେ ସ୍ୱାଭାବିକ ଭାବେ ବଢ଼ିବାର ସୁଯୋଗ ପାଇବେ ନାହିଁ। ଏକ ଦାୟିତ୍ୱବାନ ସରକାର ହିସାବରେ ଆମେ ଚାହୁଁ ଯେ ଦେଶର ପ୍ରତ୍ୟେକ ମହିଳା ଓ ଶିଶୁ ନିର୍ଭୟରେ ନିଜ ଘରୁ ଗୋଡ଼ କାଢ଼ନ୍ତୁ। ସେହି ଲକ୍ଷ୍ୟ ପୂରଣ କରିବାକୁ ଆମେ ସଂକଳ୍ପବଦ୍ଧ।

## ଚାଇଲ୍ଡଲାଇନ୍ ୧୦୯୮ (ଶିଶୁଙ୍କ ପାଇଁ)

- ଭିକ୍ଷାବୃତ୍ତି କରୁଥିବା ଶିଶୁ
- ନିଶା ଆସକ୍ତ ଶିଶୁ
- ସ୍ୱାସ୍ଥ୍ୟ ସହାୟତା ଲୋଡୁଥିବା ଶିଶୁ
- ନିଖୋଜ ଶିଶୁ
- ପୀଡ଼ିତ ଶିଶୁ
- ମାନସିକ ବ୍ୟାଧି ଭୋଗୁଥିବା ଶିଶୁ
- ଶିଶୁ ଶ୍ରମିକ
- ଏଚ୍‌ଆଇଭି/ଏଡ୍‌ସ ସଂକ୍ରମିତ ଶିଶୁ
- ଭିନ୍ନକ୍ଷମ ଶିଶୁ

ଉଭୟ ଘରେ ଓ ବାହାରେ ମହିଳାମାନଙ୍କୁ ସୁରକ୍ଷିତ ରଖିବାକୁ ମନ୍ତ୍ରଣାଳୟ ପକ୍ଷରୁ କାର୍ଯ୍ୟ କରାଯାଉଛି। ୨୦୦୫ରେ ସାରା ଦେଶରେ ମହିଳାମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷିତ ରଖିବା ସଂକ୍ରାନ୍ତ ଆଇନ କାର୍ଯ୍ୟକାରୀ ହେବା ପରେ ମହିଳାମାନେ ସେମାନଙ୍କ ଉପରେ ନିଜ ଘରେ ହେଉଥିବା ଅତ୍ୟାଚାର ସମ୍ପର୍କରେ କିପରି ପୁଲିସରେ ଅଭିଯୋଗ କରିପାରିବେ ସେଥିପାଇଁ ସରକାରୀ ସ୍ତରରେ ଆବଶ୍ୟକ ସହାୟତା ବ୍ୟବସ୍ଥା କରାଯାଇଛି। ଯୌତୁକ ଭଳି ସାମାଜିକ କଳଙ୍କର ଅବସାନ ପାଇଁ ଯୌତୁକ ନିବାରଣ ଆଇନକୁ ନିଷ୍ଠାର ସହ କାର୍ଯ୍ୟକାରୀ କରାଯାଉଛି। ଏହି ନିୟମ ଅନୁସାରେ ଯୌତୁକ ଦେବା ଓ ନେବା ଉଭୟ ଦଣ୍ଡନୀୟ। ଯୌତୁକକୁ ପ୍ରୋତ୍ସାହିତ କରିବା ମଧ୍ୟ ଆଇନତଃ ଏକ ଦଣ୍ଡନୀୟ ଅପରାଧ।

ଲେଖକ ହେଉଛନ୍ତି ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସଚିବ।

ଯୋଗ ଦିବସ ବିଶେଷ

# ସିଦ୍ଧର ଯୋଗ

● ଆର୍.ଏସ୍. ରାମସ୍ୱାମୀ

ଯୋଗ ଅର୍ଥ ହେଉଛି ମିଳନ। ଅର୍ଥାତ୍ ଜୀବାତ୍ମା ଓ ପରମାତ୍ମାଙ୍କ ମିଳନ। ଏହା ହିଁ ହେଉଛି ଜୀବନର ଅନ୍ତିମ ଲକ୍ଷ୍ୟ। ଅନ୍ୟ ଏକ ଅର୍ଥରେ ଯୋଗ ହେଉଛି ପଞ୍ଚଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ ହାସଲ ପୂର୍ବକ କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟ ଉପରେ ଧ୍ୟାନ କେନ୍ଦ୍ରିତ କରି ଲକ୍ଷ୍ୟ ହାସଲ କରିବା। 'ଥିରୁମନ୍ଥିରମ' ପୁସ୍ତକରେ ସିଦ୍ଧର ଥିରୁମୁଲ୍ଲାର ଯୋଗ ସମ୍ପର୍କରେ ସବିଶେଷ ବ୍ୟାଖ୍ୟା କରିଛନ୍ତି। ଏହି ଲେଖାଟିରେ ସିଦ୍ଧ ଭେଷଜ ବ୍ୟବସ୍ଥାର ଏକ ଅଂଶବିଶେଷ ହୋଇସାରିଥିବା 'ଯୋଗ' ସମ୍ପର୍କିତ ଥିରୁମୁଲ୍ଲାରଙ୍କ କେତେକ ମୁଖ୍ୟାଂଶକୁ ଉଦ୍ଧୃତ କରାଯାଇଛି।

ଥିରୁମନ୍ଥିରମ୍‌ରେ ସିଦ୍ଧର ଥିରୁମୁଲ୍ଲାର ସିଦ୍ଧ ଭେଷଜ ବ୍ୟବସ୍ଥା ସମ୍ପର୍କରେ କୁହନ୍ତି-

*ଯାହା ଶାରିରୀକ ଓ ମାନସିକ ବ୍ୟାଧିକୁ ପ୍ରତିହତ କରେ ବା ଆରୋଗ୍ୟ କରିଥାଏ ଏବଂ ଯାହା ଅମରତ୍ୱ ପ୍ରଦାନ କରେ ତାହା ହେଉଛି ଔଷଧ।*


ସିଦ୍ଧ ଭେଷଜ ବ୍ୟବସ୍ଥାରେ କେବଳ ଶରୀର ଓ ମନ ନୁହଁ ବରଂ ଆତ୍ମାକୁ ମଧ୍ୟ ଚିକିତ୍ସା ପରିସରକୁ ଅଣାଯାଇଥାଏ। ଏଥିରେ ଆତ୍ମାସୁଦ୍ଧି ମାଧ୍ୟମରେ ମୋକ୍ଷ ପ୍ରାପ୍ତି ଉପରେ ଗୁରୁତ୍ୱ ଦିଆଯାଏ। ଆଧୁନିକ ଚିକିତ୍ସା ବ୍ୟବସ୍ଥା କେବଳ ଶାରିରୀକ ଓ ମାନସିକ ବ୍ୟାଧି ପାଇଁ ଉଦ୍ଦିଷ୍ଟ। ଉପରୋକ୍ତ ବ୍ୟାଖ୍ୟା ଅନୁଯାୟୀ ସିଦ୍ଧ ଚିକିତ୍ସା ବ୍ୟବସ୍ଥା କିନ୍ତୁ ଆଧାତ୍ମିକ ସ୍ୱାସ୍ଥ୍ୟ ପାଇଁ ଉଦ୍ଦିଷ୍ଟ। ବ୍ୟାଧିରହିତ ଜୀବନ ଜୀଇଁବା ପାଇଁ ଥିରୁମୁଲ୍ଲାର, ଯୋଗାଭ୍ୟାସ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ତାଙ୍କ ଅନୁଯାୟୀ ଯୋଗର ଆଠଟି ଅଙ୍ଗ ରହିଛି। ତେଣୁ ତାହାକୁ 'ଅଷ୍ଟାଙ୍ଗ ଯୋଗ' କୁହାଯାଏ।

**ଅଷ୍ଟାଙ୍ଗ ଯୋଗ-** ଏହାର ଆଠଟି ଅଙ୍ଗ ହେଉଛି ଯମ, ନିୟମ, ଆସନ, ପ୍ରାଣାୟମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି। ସିଦ୍ଧ ଚିକିତ୍ସା ପଦ୍ଧତିରେ 'କାୟାକଳ୍ପ' ବା ପୁନର୍ଜୀବନ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯାଇଥାଏ। ଏହାକୁ 'କଳ୍ପ ଅଭିଯଥମ୍' ଓ 'କଳ୍ପ ଯୋଗମ୍' କୁହାଯାଏ। 'କଳ୍ପ ଅଭିଯଥମ୍' ପ୍ରକ୍ରିୟାରେ ରୋଗ ନିବାରଣ ଓ ନିରାକରଣ ଏ ଉଭୟ ଦିଗ ଉପରେ ଧ୍ୟାନ ଦିଆଯାଇଥାଏ। ତେବେ 'କଳ୍ପ ଯୋଗମ୍'ରେ ଯୋଗ ଉପରେ ଗୁରୁତ୍ୱ ଦିଆଯାଏ। ଯଦ୍ୱାରା ଶାରିରୀକ, ମାନସିକ ଓ ଆତ୍ମିକ ସୁସ୍ଥତାକୁ ସୁନିଶ୍ଚିତ କରାଯାଇପାରିବ। ଥିରୁମୁଲ୍ଲାରଙ୍କ ଅନୁଯାୟୀ ଯୋଗର ପ୍ରଥମ ଅଙ୍ଗ ହେଉଛି ଯମ ଓ ଶେଷ କିନ୍ତୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ସମାଧି, ଯାହା ମଣିଷ ଜନ୍ମର ଅନ୍ତିମ ଲକ୍ଷ୍ୟ।

**ଯମ:** ଏହା ମାନସିକ ସ୍ୱାସ୍ଥ୍ୟ ପାଇଁ ଉଦ୍ଦିଷ୍ଟ। 'ମନ'କୁ ଲୋଭ, କ୍ରୋଧ, ଅଂହକାର, ଗର୍ବ ଆଦି କଳୁଷିତ ବିଷୟରୁ ମୁକ୍ତ ରଖାଗଲେ ମନ ସୁସ୍ଥ ରହେ। କଳୁଷିତ ହେଉନଥିବା ମନ ହିଁ ହେଉଛି ରୋଗମୁକ୍ତ ମନ।

**ନିୟମ:** ଦୈନନ୍ଦିନ କାର୍ଯ୍ୟ ସମ୍ପାଦକ ଅର୍ଥାତ୍ ପ୍ରାତଃ କାଳରେ ଶଯ୍ୟା ତ୍ୟାଗ କରିବା ଠାରୁ ଆରମ୍ଭ କରି ରାତ୍ରୀ ବିଶ୍ରାମ ପର୍ଯ୍ୟନ୍ତ ଏ ସମସ୍ତ କାର୍ଯ୍ୟ ପାଇଁ ଯୋଗର ଏହି ଦ୍ୱିତୀୟ ପର୍ଯ୍ୟାୟ ଉଦ୍ଦିଷ୍ଟ। ନିୟମର ସରଳ ଅର୍ଥ ହେଉଛି ନିଜ କାର୍ଯ୍ୟରେ ଶୁଦ୍ଧତା ବଜାୟ ରଖିବା। ନିୟମ ଦ୍ୱାରା କାର୍ଯ୍ୟ ପରିବେଶରେ ସୁଦ୍ଧତା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇଥାଏ।

**ଆସନ:** ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଶରୀରକୁ ବିନା ହଲଚଲ୍‌ରେ ସିଧା ରଖିବା ପ୍ରକ୍ରିୟାକୁ ଆସନ କୁହାଯାଏ। ଥିରୁମୁଲ୍ଲାରଙ୍କ ଅନୁଯାୟୀ ଏଭଳି ଶହ ଶହ ଆସନ ରହିଛି। ଆସନ ମାଧ୍ୟମରେ ଅନେକ ରୋଗ ପ୍ରତିହତ କରାଯାଇପାରେ। ବ୍ୟାୟାମ ମାଧ୍ୟମରେ ଅତିଶୟ ଶକ୍ତି ବିନିଯୋଗ ହେଉଥିବା ବେଳେ ଆସନ ଦ୍ୱାରା କିନ୍ତୁ ଜୈବ-ଚୁମ୍ବକୀୟ ଶକ୍ତି ଆହରଣ କରାଯାଇଥାଏ। ଆସନ ଦ୍ୱାରା ନା' କେବଳ ଶରୀରର ବାହ୍ୟ ଅଙ୍ଗ ଓ ମାଂସପେଶୀ ସଶକ୍ତ ହୁଏ, ବରଂ ହୃଦୟ, ଫୁସ୍‌ଫୁସ୍,



ପାକସ୍ଥଳୀ, ବୃକକ୍ ଓ ଗର୍ଭାଶୟ ମଧ୍ୟ ହୃଷ୍ଟପୁଷ୍ଟ ହୋଇଥାଏ। ଏହାଦ୍ୱାରା ରକ୍ତ ସଞ୍ଚାଳନ ଓ ଶରୀରର ଉତ୍ତାପ ଆଦି ନିୟନ୍ତ୍ରିତ ହୋଇଥାଏ। ଏହାଦ୍ୱାରା ଏଣ୍ଡୋକ୍ରିନ୍ ଗ୍ରନ୍ଥି ସୁବ୍ୟବସ୍ଥିତ ହୋଇଥାଏ। ଆସନ କରିବା ଦ୍ୱାରା ରକ୍ତକୋଷିକା, ସ୍ନାୟୁ ଓ ମାଂସପେଶୀ ଆଦି କୋମଳତା ବଜାୟ ରଖିପାରନ୍ତି। ବ୍ୟାୟାମ ଦ୍ୱାରା ଏଗୁଡ଼ିକ କଠିନ ହୋଇପଡ଼ନ୍ତି।

**ପ୍ରାଣାୟାମ:** ଏହା ହେଉଛି ନିଃଶ୍ୱାସ ପ୍ରଶ୍ୱାସ ନିୟନ୍ତ୍ରଣର ଏକ ପ୍ରକ୍ରିୟା। ଏହାଦ୍ୱାରା ଆମ ସ୍ନାୟବିକ ବ୍ୟବସ୍ଥା ଅଧିନସ୍ଥ କୋଷିକାଗୁଡ଼ିକ ସକ୍ରିୟ ହୋଇଥାନ୍ତି। ଥିରୁମୁଲ୍ଲାରଙ୍କ ଅନୁଯାୟୀ ପ୍ରାଣାୟାମ ହେଉଛି ଗଣନା ଦ୍ୱାରା ଶ୍ୱାସ ନିୟନ୍ତ୍ରଣର ଏକ ପ୍ରକ୍ରିୟା। ପ୍ରାଣାୟମ ଦ୍ୱାରା ମୃତ୍ୟୁର ସମ୍ଭାବନାକୁ ଦୂରକୁ ଠେଲି ଦିଆଯାଇପାରେ। ଏହା ରୋଗ ନିବାରଣ ଓ ନିରାକରଣ କରିବା ସହିତ ବିଭିନ୍ନ ଶାରିରୀକ ବ୍ୟବସ୍ଥାକୁ ପୁନର୍ଜୀବିତ କରିଥାଏ। ଫୁସ୍‌ଫୁସ୍‌ର କାର୍ଯ୍ୟକୁ ସୁବ୍ୟବସ୍ଥିତ କରି ଏହି ପ୍ରକ୍ରିୟା ଶରୀରର କୋଷିକାଗୁଡ଼ିକୁ ଅଧିକ ଅମ୍ଳଜାନ ଯୋଗାଇଥାଏ। ଏହାକୁ 'ବାସି ଯୋଗ' ମଧ୍ୟ କୁହାଯାଏ। ପ୍ରାଣାୟମ ପ୍ରକ୍ରିୟାରେ ନିଃଶ୍ୱାସ ପ୍ରଶ୍ୱାସ ଓ ଶ୍ୱାସକୁ ଅଟକାଇ ରଖିବାର ସମୟସୀମା ମଧ୍ୟ ଥିରୁମୁଲ୍ଲାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଛି।

**ପ୍ରତ୍ୟାହାର:** ପ୍ରତ୍ୟାହାର ହେଉଛି ପଞ୍ଚଇନ୍ଦ୍ରିୟ ଉପରେ ନିୟନ୍ତ୍ରଣ ଆଣିବା। ପଞ୍ଚଇନ୍ଦ୍ରିୟ ଅର୍ଥାତ୍ ଆଖି, କାନ, ନାକ, ଜିଭ ଓ ଚର୍ମ। ସିଦ୍ଧ ଭେଷଜ ବ୍ୟବସ୍ଥାରେ କୁହାଯାଇଛି ଯେ ବିଶ୍ୱ ୫ଟି ତତ୍ତ୍ୱ ବା ପଞ୍ଚଭୂତକୁ ନେଇ ଗଠିତ। ସେଗୁଡ଼ିକ ହେଲା- ପୃଥିବୀ, ଜଳ, ଆକାଶ, ଅଗ୍ନି ଓ ଶୂନ୍ୟତା ବା ଇଥର। ଅନ୍ୟପକ୍ଷରେ ପଞ୍ଚଇନ୍ଦ୍ରିୟ ଅର୍ଥାତ୍ ଆଖି, ନାକ, କାନ, ଜିଭ ଓ ଚର୍ମର ଦୃଶ୍ୟ, ଗନ୍ଧ, ଶବ୍ଦ, ସ୍ୱାଦ ଓ ସ୍ପର୍ଶ ସହିତ ସିଧାସଳଖ ସମ୍ପର୍କ ରହିଛି। ତେଣୁ ପଞ୍ଚଭୂତ ଓ ପଞ୍ଚଇନ୍ଦ୍ରିୟ ମଧ୍ୟରେ ମଧ୍ୟ ସମ୍ପର୍କ ରହିଛି। ମଣିଷର ଏକ ଷଷ୍ଠ ଇନ୍ଦ୍ରିୟ ରହିଛି। ତାମିଲ୍ ବ୍ୟାକରଣ ଓ ସାହିତ୍ୟର ସର୍ବପୁରାତନ ଗ୍ରନ୍ଥ 'ତୁଲ୍‌କାପିୟମ୍'ରେ ଉଲ୍ଲେଖ ଅଛି ଯେ ଏହି ଷଷ୍ଠ ଇନ୍ଦ୍ରୀୟ ଯୋଗୁଁ ମଣିଷ ଅନ୍ୟ ପ୍ରାଣୀଙ୍କ ଠାରୁ ଭିନ୍ନ। ଏହି ଷଷ୍ଠ ଇନ୍ଦ୍ରୀୟ ଦ୍ୱାରା





ମଣିଷ ଚିନ୍ତା କରିପାରେ ଏବଂ ଭଲମନ୍ଦ ବୁଝିବିଚାରି କାର୍ଯ୍ୟ କରିବା ଦ୍ୱାରା ଏକ ଶୃଙ୍ଖଳିତ ଜୀବନଯାପନ କରିପାରେ। ଏହାଦ୍ୱାରା ମଣିଷକୁ ମୋକ୍ଷପ୍ରାପ୍ତ କରିବା ସମ୍ଭବ ହୋଇପାରେ। ପୁନଶ୍ଚଃ ନୈତିକତା ଉପରେ ଆଧାରିତ ଥିରୁମୁଲ୍ଲାରଙ୍କ ରଚିତ 'ଥିରୁକୁରାଲ୍'ରେ ଉଲ୍ଲେଖ ଅଛି ଯେ ଏହି ପୃଥିବୀ ସେହି ବ୍ୟକ୍ତିମାନଙ୍କ ଦ୍ୱାରା ପରିଚାଳିତ, ଯେଉଁମାନେ ପାଞ୍ଚଟିଯାକ ଇନ୍ଦ୍ରୀୟକୁ ସଠିକ୍ ଭାବରେ ପରିଚାଳିତ କରିଥାନ୍ତି। ପଞ୍ଚ ଇନ୍ଦ୍ରୀୟକୁ ନିୟନ୍ତ୍ରଣ କରିବା ସମ୍ପର୍କରେ ସିଦ୍ଧର କୁହନ୍ତି- 'ଆତ୍ମ ଗର୍ବକୁ ଦମନ କରି ପଞ୍ଚଇନ୍ଦ୍ରିୟଙ୍କୁ ଆୟତ୍ତ କରି ଆତ୍ମ ପରିଚୟ ପ୍ରାପ୍ତ ପର୍ଯ୍ୟନ୍ତ ଧ୍ୟାନ କର।'

ଇନ୍ଦ୍ରିୟ ସୁଖର ଏକ ନିର୍ଦ୍ଦିଷ୍ଟ ସୀମା ରହିବା ଉଚିତ୍। କାରଣ ଇନ୍ଦ୍ରିୟ ଉପଯୋଗରେ ମଧ୍ୟ ଶକ୍ତି ବିନିଯୋଗ ହୋଇଥାଏ। ତେଣୁ ଇନ୍ଦ୍ରିୟଗୁଡ଼ିକର ଅତ୍ୟଧିକ ଉପଯୋଗ ଦ୍ୱାରା ଜୀବନୀଶକ୍ତି ଅପଚୟ ହୁଏ। ସିଦ୍ଧରଙ୍କ ଅନୁଗାମୀମାନେ ପଞ୍ଚ ଇନ୍ଦ୍ରିୟଙ୍କୁ ଦମନ କରି ଜୀବନୀ ଶକ୍ତି ସଞ୍ଚୟ କରନ୍ତି, ଦୀର୍ଘାୟୁ ହୁଅନ୍ତି, ଆତ୍ମଜ୍ଞାନ ହାସଲ କରନ୍ତି ଓ ପରୋପକାର କରିଥାନ୍ତି। ପଞ୍ଚ ଇନ୍ଦ୍ରିୟର ନିୟନ୍ତ୍ରଣ କରିବା କାର୍ଯ୍ୟକୁ ଥିରୁମୁଲ୍ଲାର ଏକ ମଞ୍ଜି ସହିତ ତୁଳନା କରି କହିଛନ୍ତି ଯେ ଏହି କାର୍ଯ୍ୟ ଦ୍ୱାରା ପ୍ରାଣୀ ରୂପକ ବୀଜଟିକୁ ମୋକ୍ଷ ମିଳିଥାଏ।

**ଧାରଣା:** ଏହା ହେଉଛି ଚିତ୍ତକୁ ସ୍ଥିର କରିବା ଅଭ୍ୟାସ। ଏହା ଧ୍ୟାନର ପୂର୍ବ ଆବଶ୍ୟକତା।

**ଧ୍ୟାନ:** ଚିତ୍ତ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହିଁ ହେଉଛି ଧ୍ୟାନ। ଏ ପ୍ରକ୍ରିୟାରେ ବିଚାରଶୂନ୍ୟ ଅବସ୍ଥା ଆସିଥାଏ। ଅର୍ଥାତ୍ ଧ୍ୟାନ ସମୟରେ ସମସ୍ତ ପ୍ରକାରର ଚିନ୍ତା ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଅଣାଯାଇଥାଏ। କୌଣସି ଯୋଗଗୁରୁଙ୍କ ପରାମର୍ଶ କ୍ରମେ ଭୂମି ଉପରେ ପ୍ରତ୍ୟହ ପ୍ରାତଃ କାଳରେ ୨୦ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ଧ୍ୟାନ କରି ଜଣେ ବ୍ୟକ୍ତି ବିଭିନ୍ନ ରୋଗ ବିଶେଷ ଭାବେ ମାନସିକ ଚାପ ସମ୍ପର୍କିତ ରୋଗରୁ ତ୍ରାହି ପାଇଯାଇପାରେ। ଧ୍ୟାନ ଦ୍ୱାରା ମଣିଷ ଦିନ ସାରା ସତେଜ ରୁହେ, ରାତିରେ ସୁଖନିଦ୍ରା ପାଏ ଓ ସମସ୍ୟାଗୁଡ଼ିକର ସମ୍ମୁଖୀନ ହେବାପାଇଁ ସାହସ ପାଏ ତଥା ସେଗୁଡ଼ିକୁ ସମାଧାନ ମଧ୍ୟ କରିଥାଏ।





ଯଦିଓ ଧ୍ୟାନ ଯେକୌଣସି ସମୟରେ ମଧ୍ୟ କରାଯାଇପାରେ, ତଥାପି ପ୍ରାତଃ ଓ ସାୟଂ କାଳକୁ ଏଥିପାଇଁ ଅଧିକ ପ୍ରଯୁଜ୍ୟ ବୋଲି ବିବେଚନା କରାଯାଏ। ଉତ୍ତର କିମ୍ବା ପୂର୍ବ ଦିଗକୁ ମୁହଁକରି ଧ୍ୟାନ କରିବା ବାଞ୍ଛନୀୟ।

**ସମାଧି:** ଯୋଗର ଶେଷ ପର୍ଯ୍ୟାୟ ହେଉଛି ସମାଧି। ପଥି, ପଶୁ ଓ ପାଶମ୍ ସମ୍ପର୍କିତ ଦର୍ଶନ ଆଧାରରେ କୁହାଯାଇପାରେ ଯେ ସମାଧି ହେଉଛି ସେହି ଅବସ୍ଥା, ଯେଉଁଥିରେ ପଶୁ ବା ଜୀବାତ୍ମା, ନିଜକୁ ପାଶମ୍ ବା ବନ୍ଧନମୁକ୍ତ କରି ପଥି ବା ପରମାତ୍ମାଙ୍କ ସହିତ ମିଳନ ହୁଏ। ସମାଧିକୁ ବିଚାରଶୂନ୍ୟ ଅବସ୍ଥା କୁହାଯାଏ। ଏହା ହେଉଛି ଇନ୍ଦ୍ରିୟଗୁଡ଼ିକର ଉପସ୍ଥିତି ସତ୍ତ୍ୱେ ଆତ୍ମାର କାମନା, ବାସନା ରହିତ ହେବା ଅବସ୍ଥା। ଏହା ହେଉଛି ଏକ ଚେତନାଶୂନ୍ୟ ଓ ଅନୁଭବ ଶୂନ୍ୟ ଅବସ୍ଥା।

**ରାଜଯୋଗ:** ସିଦ୍ଧରଙ୍କ ଅନୁଯାୟୀ ରାଜଯୋଗ ଦ୍ୱାରା ମୂଳାଧାରରୁ ସହସ୍ରାର ଚକ୍ର ପର୍ଯ୍ୟନ୍ତ କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରାଯାଇ ଅସୀମ ଆନନ୍ଦ ପ୍ରାପ୍ତି ସମ୍ଭବ ହୁଏ।

**ଉପସଂହାର:**

ଯୋଗ ହେଉଛି ଆଧ୍ୟାତ୍ମିକ ବିଜ୍ଞାନ। ପ୍ରତ୍ୟେକ ବର୍ଷ ଜୁନ୍ ମାସ ୨୧ ତାରିଖରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଏ। ସମଗ୍ର ବିଶ୍ୱକୁ ଭାରତ ଏହି ଯୋଗ ରୂପକ ଉପହାର ପ୍ରଦାନ କରି ସର୍ବତ୍ର ଶାନ୍ତି ଓ ସଦାଚାର ବଜାୟ ରଖିବାକୁ ପ୍ରଚେଷ୍ଟା କରିଆସିଛି।


ଲେଖକ ହେଉଛନ୍ତି ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟର ସିଦ୍ଧ ଗବେଷଣା କେନ୍ଦ୍ରୀୟ ପରିଷଦର ମହାନିର୍ଦ୍ଦେଶକ।

# ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧୀ ପରିଯୋଜନା

● ବିପ୍ଲବ ଚାଟାର୍ଜୀ

ଭାରତ ସ୍ୱାଧୀନ ହେବାର ୭୦ ବର୍ଷ ବିତିଗଲାଣି । ତେବେ ବିଡ଼ମ୍ବନା ହେଉଛି ଯେ ବର୍ତ୍ତମାନ ମଧ୍ୟ ନାମିଦାମୀ ଔଷଧ କିଣିବା ପାଇଁ ଦେଶର କେବଳ ୪୦% ଜନସାଧାରଣ ହିଁ ସମର୍ଥ । ଅର୍ଥାତ୍ ପ୍ରତ୍ୟେକ ୧୦ ଜଣରେ ବ୍ରାଣ୍ଡେଡ୍ ଔଷଧ କିଣିବା ପାଇଁ ୬ ଜଣ ଅସମର୍ଥ । ବ୍ରାଣ୍ଡେଡ୍ ଔଷଧ ବଜାରର ମୂଲ୍ୟ ହେଉଛି ୧ ଲକ୍ଷ ୨୦ ହଜାର କୋଟି ଟଙ୍କା । ତେବେ ଖୁସିର କଥା ଯେ, ବିଶ୍ୱସ୍ତରୀୟ ଜେନେରିକ୍ ଔଷଧ ରପ୍ତାନି କରିବାରେ ଭାରତ ଏକ ଅଗ୍ରଣୀ ରାଷ୍ଟ୍ର । ବିଶ୍ୱର ପ୍ରାୟ ୨୦୦ ଦେଶକୁ ଭାରତ ଏହି ଔଷଧ ରପ୍ତାନି କରିଥାଏ । ପରିଣାମସ୍ୱରୂପ ସମଗ୍ର ବିଶ୍ୱରେ ଉପଯୋଗ କରାଯାଉଥିବା ପ୍ରତ୍ୟେକ ୬ଟି ଔଷଧ ମଧ୍ୟରୁ ଗୋଟିଏ ଔଷଧ ଭାରତରୁ ଆସିଥାଏ । କିନ୍ତୁ ବିସଙ୍ଗତି ହେଉଛି ଯେ ଦେଶର ପ୍ରତ୍ୟେକ ୧୦ ଜଣରୁ ୬ ଜଣ ବ୍ୟକ୍ତି ଔଷଧ କିଣିବାକୁ ଅସମର୍ଥ ଥିବାବେଳେ ଭାରତ ହେଉଛି ବିଶ୍ୱର ଚାରୋଟି ଦେଶ ମଧ୍ୟରୁ ଅନ୍ୟତମ, ଯିଏ ଅନ୍ୟାନ୍ୟ ଦେଶକୁ ଜେନେରିକ୍ ଔଷଧ ବା ଜନଔଷଧୀ ରପ୍ତାନି କରିଥାଏ । ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧୀ ପରିଯୋଜନା ବା ପିଏମ୍‌ବିଜେପି ଯୋଜନାଟି ଉପରୋକ୍ତ ବିସଙ୍ଗତିକୁ ଦୂର କରିବା ପାଇଁ ଉଦ୍ଦିଷ୍ଟ । ଜାତି, ଧର୍ମ ଓ ଆର୍ଥିକ କ୍ଷମତା ନିର୍ବିଶେଷରେ ଦେଶର ପ୍ରତ୍ୟେକ ନାଗରିକଙ୍କୁ ଶସ୍ତା ମୂଲ୍ୟରେ ଗୁଣବତ୍ତା ସମ୍ପନ୍ନ ଔଷଧ ଯୋଗାଇଦେବା ପାଇଁ ଏହି ଯୋଜନାରେ ପ୍ରତିବଦ୍ଧତା ପ୍ରକାଶ କରାଯାଇଛି । ଉଦ୍ଦେଶ୍ୟ ହେଉଛି, ଦେଶବାସୀଙ୍କୁ ଯେତେଶୀଘ୍ର ସମ୍ଭବ ସ୍ୱାସ୍ଥ୍ୟ ସୁରକ୍ଷା ପ୍ରଦାନ କରିବା ।

ଏହି ଉଦ୍ଦେଶ୍ୟ ରଖି ଭାରତ ସରକାରଙ୍କ ରସାୟନ ଓ ସାର ମନ୍ତ୍ରଣାଳୟ ଅଧିନସ୍ଥ ଫାର୍ମାସ୍ୟୁଟିକାଲ୍ ବିଭାଗ ଦ୍ୱାରା ୨୦୦୮ ମସିହା ନଭେମ୍ବର ମାସରେ ସମଗ୍ର ଦେଶରେ 'ଜନଔଷଧୀ' ଯୋଜନାଟିକୁ ଲାଗୁ କରାଯାଇଥିଲା । ହରିଆଣାର ଗୁରୁଗାଓଁସ୍ଥିତ ବ୍ୟୁରୋ ଅଫ୍ ଫାର୍ମା ପିଏସ୍‌ୟୁ ଅଫ୍ ଇଣ୍ଡିଆ (ବିପିପିଆଇ) ମାଧ୍ୟମରେ ଏହି ଯୋଜନାଟି ସଞ୍ଚାଳିତ ହେଉଛି । ତେବେ ୨୦୧୫ ମସିହା ସୁଦ୍ଧା କେବଳ ୯୯ଟି ପିଏମ୍‌ବିଜେପି କେନ୍ଦ୍ର କାର୍ଯ୍ୟକ୍ଷମ ଥିଲା । ୨୦୧୫ ସେପ୍ଟେମ୍ବର ମାସରେ ଜନଔଷଧି ଯୋଜନାଟିକୁ ପରିବର୍ତ୍ତନ କରାଯାଇ ପ୍ରଧାନମନ୍ତ୍ରୀ ଜନୌଷଧୀ ପରିଯୋଜନା ଲାଗୁ କରାଗଲା । ୨୦୧୬ ଡିସେମ୍ବର ମାସରେ ଏହି ଯୋଜନାର ଦକ୍ଷତା ବୃଦ୍ଧି ଓ ବିସ୍ତାର ପାଇଁ ଏହାକୁ 'ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧୀ ପରିଯୋଜନା' ବା ପିଏମ୍‌ବିଜେପି ଭାବେ ପୁନଃ ନାମିତ କରାଗଲା ଏବଂ ଜାତୀୟ ଓ ଆଞ୍ଚଳିକ ଗଣମାଧ୍ୟମରେ ଏହି ଯୋଜନାରେ ସାମିଲ୍ ହେବାପାଇଁ ଜନସାଧାରଣଙ୍କୁ ଆହ୍ୱାନ କରାଗଲା ।





**ପରିଯୋଜନାର ମୂଳବିନ୍ଦୁ**

● ଦେଶର ସବୁବର୍ଗର ଜନସାଧାରଣ ବିଶେଷ ଭାବେ ବଞ୍ଚିତବର୍ଗଙ୍କ ପାଇଁ ଗୁଣବତ୍ତା ସମ୍ପନ୍ନ ଔଷଧର ଉପଲବ୍ଧତା ସୃଷ୍ଟିକରିବା।

● ଏହା ମାଧ୍ୟମରେ ମୁଣ୍ଡପିଛା ଚିକିତ୍ସା ଖର୍ଚ୍ଚ ହ୍ରାସ କରିବା।

● 'ଦାମୀ ଔଷଧ ହିଁ ଭଲ ଔଷଧ'- ଭଳି ଲୋକଙ୍କ ମନରେ ଥିବା ଧାରଣାକୁ ପ୍ରତିହତ କରିବା ପାଇଁ ଶିକ୍ଷା ଓ ଗଣମାଧ୍ୟମର ସାହାଯ୍ୟ ନେବା।

● ଏହାକୁ ଜନାଭିମୁଖୀ କରିବା ପାଇଁ ସରକାର, ସରକାରୀ ଓ ବେସରକାରୀ ଉଦ୍ୟୋଗ, ସାମାଜିକ ସଂଗଠନ, ବେସରକାରୀ ସଂଗଠନ ଆଦି ଗୁଡ଼ିକୁ ଏଥିରେ ସଂଶ୍ଳିଷ୍ଟ କରିବା।

● ଭଲ ଓ ଶସ୍ତା ସ୍ୱାସ୍ଥ୍ୟସେବା ଉପଲବ୍ଧତା ସୁନିଶ୍ଚିତ କରାଇ ଜନୌଷଧୀ ପ୍ରତି ଚାହିଦା ବୃଦ୍ଧି କରିବା।

● ଜନୌଷଧୀ କେନ୍ଦ୍ର ସ୍ଥାପନ ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା

**ସମ୍ପୃକ୍ତ ସଂସ୍ଥା ବା ଉଦ୍ୟୋଗୀଙ୍କ ପାଇଁ ଲାଭ:**

● ରାଜ୍ୟ ସରକାରଙ୍କ ଦ୍ୱାରା ଉପଲବ୍ଧ କରାଯାଇଥିବା ନିଃଶୁଳ୍କ ଜମିରେ ସ୍ଥାପିତ ଜନୌଷଧୀ କେନ୍ଦ୍ର ପାଇଁ ଅଢ଼େଇ ଲକ୍ଷ ଟଙ୍କାର ଆର୍ଥିକ ସହାୟତା।

● ରେଳ ବିଭାଗ, ରାଜ୍ୟ ପରିବହନ ବିଭାଗ, ପଞ୍ଚାୟତିରାଜ ଅନୁଷ୍ଠାନ ଆଦିର କୋଠାରେ ଯଦି ମାଗଣାରେ ଜନୌଷଧୀ କେନ୍ଦ୍ର ପାଇଁ ଜାଗା ଦିଆଯାଏ, ସେଥିପାଇଁ ମଧ୍ୟ ଅଢ଼େଇ ଲକ୍ଷ ଟଙ୍କାର ଆର୍ଥିକ ସାହାଯ୍ୟ।

● ଜନୌଷଧୀ କେନ୍ଦ୍ର ଖୋଲିଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଅଢ଼େଇ ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ।

● ଅନୁସୂଚିତ ଜାତି, ଜନଜାତି ଏବଂ ଭିନ୍ନକ୍ଷମ ଉଦ୍ୟୋଗୀଙ୍କୁ ପ୍ରାଥମିକ ଭାବେ ୫୦ ହଜାର ଟଙ୍କା ମୂଲ୍ୟର ମାଗଣା ଔଷଧ ପ୍ରଦାନ।

**୨୦୧୬-୧୭ ଏବଂ ୨୦୧୭-୧୮ ସୁଦ୍ଧା ପ୍ରଗତି**

● ଏହି ଯୋଜନା ମାଧ୍ୟମରେ ୭୦୦ରୁ ଊର୍ଦ୍ଧ୍ୱ ପ୍ରକାରର ଔଷଧ ଓ ୧୫୪ ପ୍ରକାରର ଅସ୍ତ୍ରୋପଚାର ଉପକରଣ ବିକ୍ରି ପାଇଁ ଉପଲବ୍ଧ।

● ଖୁବ୍‌ଶୀଘ୍ର ଏହି ଜରିଆରେ ୧୦୦୦ ପ୍ରକାରର ଔଷଧ ବିକ୍ରି କରାଯିବ।



● ଏହାର କେନ୍ଦ୍ରୀୟ ଭଣ୍ଡାରରେ ପର୍ଯ୍ୟାପ୍ତ ଔଷଧ ମହଜୁଦ୍ ରହିଛି । ସମସ୍ତ କେନ୍ଦ୍ର ଓ ବିତରକଙ୍କୁ ଏହି ଔଷଧ ପଠାଇବା ପାଇଁ ପ୍ରୟାସ କରାଯାଉଛି ।

● ଉତ୍ତମ ଯୋଗାଣ ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଯାଉଛି ।

● ବିଭିନ୍ନ ରାଜ୍ୟରେ ୫୪ ଜଣ ବିତରକଙ୍କୁ ନିଯୁକ୍ତ କରାଯାଇଛି ।

● ସୁବ୍ୟବସ୍ଥିତ ଯୋଗାଣ ପାଇଁ ଗୋଟିଏ ମୁଣ୍ଡରୁ ଆର ମୁଣ୍ଡ ଯାଏଁ ସିଧାସଳଖ ଯୋଗାଣ ବ୍ୟବସ୍ଥା କରାଯାଇଛି ।

● ନିଜ ନିଜ ରାଜ୍ୟରେ ପିଏମ୍‌ବିଜେପି ଯୋଜନା କାର୍ଯ୍ୟକ୍ଷମ କରିବା ପାଇଁ ରାଜ୍ୟ ସରକାରଗୁଡ଼ିକ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛନ୍ତି ।

**ଉପଲବ୍ଧତା**

● ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧୀ ଯୋଜନା ଅଧୀନରେ ୩୫୦୦ ସଂଖ୍ୟକ କେନ୍ଦ୍ର ରହିଛି ।

● କେନ୍ଦ୍ର ପିଛା ଦୈନିକ ୩୩୦୦ ଟଙ୍କାର ଔଷଧ ବିକ୍ରି ହେଉଛି, ଯାହାର ମୂଲ୍ୟ ପ୍ରାୟ ୧୫୦୦୦ ଟଙ୍କାର ବ୍ରାଣ୍ଡେଡ୍ ଔଷଧ ବିକ୍ରି ସହ ସମାନ ।

● ଦେଶରେ ଦୈନିକ ୪/୫ଟି କେନ୍ଦ୍ର ଖୋଲାଯାଉଛି ।

● ଦେଶର ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି କେନ୍ଦ୍ରଗୁଡ଼ିକ ରହିଛି ।

● ୭୧୮ଟି ଜିଲ୍ଲା ମଧ୍ୟରୁ ୫୮୪ ଜିଲ୍ଲାରେ ପିଏମ୍‌ବିଜେପି କେନ୍ଦ୍ର ଖୋଲାସରିଛି ।

ଏହି ଯୋଜନା ଦ୍ୱାରା ଉତ୍ତମ ଗୁଣବତ୍ତା ବିଶିଷ୍ଟ ଔଷଧର ମୂଲ୍ୟ ହ୍ରାସ ଘଟିଛି ଓ ଅନେକ ବ୍ୟକ୍ତି ଏହାଦ୍ୱାରା ଉପକୃତ ହେଉଛନ୍ତି । ଏହି ଯୋଜନା ଅଧିନରେ ମିଳୁଥିବା ଔଷଧର ଦାମ୍, ବ୍ରାଣ୍ଡେଡ୍ ଔଷଧର ଦାମ୍‌ଠାରୁ ପ୍ରାୟ ୫୦ରୁ ୯୦ ପ୍ରତିଶତ ପର୍ଯ୍ୟନ୍ତ ଶସ୍ତା ହୋଇପାରିଛି । ଏହାଦ୍ୱାରା ସାମଗ୍ରିକ ଭାବରେ ଜନସାଧାରଣଙ୍କର ପ୍ରାୟ ୪୦୦ କୋଟି ଟଙ୍କା ସଞ୍ଚୟ ହୋଇପାରୁଛି ।




**ବ୍ରାଣ୍ଡେଡ୍ ଔଷଧ ଅପେକ୍ଷା ଜନୌଷଧୀ ବ୍ୟବହାରକାରୀ ରୋଗୀମାନେ କରିପାରୁଥିବା ସଞ୍ଚୟ**

36 Products- 90-99% savings
130 Products- 80-90% savings
73 Products- 70-80% savings
80 Products- 60-70% savings
383 Products- 50-60% savings



| କ୍ରମିକ ନଂ | ମେଡିସିନ୍ | ରୋଗର ପ୍ରକାରଭେଦ | ହାରାହାରି ବଜାର ମୂଲ୍ୟ | ପିଏମ୍‌ବିଜେପି ମୂଲ୍ୟ (ଟଙ୍କା) | ସଞ୍ଚୟ % |
|---|---|---|---|---|---|
| ୧ | ଆମଲୋଡିପାଇନ୍ ୫ଏମ୍‌ସି ୧୦ ଟାବ୍‌ଲେଟ୍ | ହୃଦୟ ସମ୍ପର୍କିତ | ୨୦ | ୨.୨୪ | ୮୩.୮୦ |
| ୨ | ରାମପ୍ରିଲ୍ ୫ ଏମ୍‌ଜି ୧୦ ଟାବ୍‌ଲେଟ୍ | ହୃଦୟ ସମ୍ପର୍କିତ | ୮୦ | ୮.୫୩ | ୮୯.୩୩ |
| ୩ | ପାକିଲ୍‌ଟାକ୍ସେଲ୍ ଇଞ୍ଜେକ୍ସନ୍ ୧୦୦ ଏମ୍‌ଜି | କର୍କଟ ନିରୋଧୀ | ୩୪୫୮ | ୫୪୦ | ୮୪.୩୮ |
| ୪ | ପାଣ୍ଟୋପ୍ରୋଜଲ୍ ୪୦ ଏମ୍‌ଜି + ଡୋମ୍ପିଓଡୋନ୍ ୩୦ ଏମ୍‌ଜି କ୍ୟାପ୍‌ସୁଲ୍‌ସ | ପେଟ ରୋଗ ସମ୍ବନ୍ଧିତ | ୧୦୩.୩୦ | ୧୮.୪୮ | ୮୨.୧୧ |
| ୫ | ଗ୍ଲିମିପ୍ରିଡ୍ ୨ ଏମ୍‌ଜି ଟାବ୍‌ଲେଟ୍‌ସ | ମଧୁମେହ ବିରୋଧି | ୫୨.୯୦ | ୩.୫୨ | ୯୩.୨୦ |
| ୬ | ଟ୍ରାମାଡୋଲ୍ ୫୦ ଏମ୍‌ଜି ଟାବ୍‌ଲେଟ୍‌ସ | ପୀଡ଼ା ଉପଶମକାରୀ | ୨୯.୭୭ | ୨.୫୨ | ୯୧.୫୩ |

## ୟୁପିଏ ଏବଂ ଏନ୍‌ଡିଏ ସରକାରଙ୍କ ସମୟରେ ହୋଇଥିବା ଏହି ଯୋଜନା ସମ୍ବନ୍ଧିତ ଅଗ୍ରଗତି

| ମାନକ | ପୂର୍ବରୁ | ବର୍ତ୍ତମାନ |
|---|---|---|
| ଯୋଜନାର ପରିବ୍ୟାପ୍ତି | ୧୬ଟି ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ | ୩୩ଟି ରାଜ୍ୟ / କେନ୍ଦ୍ରଶାସିତ ଅଞ୍ଚଳ |
| ଔଷଧର ପ୍ରକାର | ୩୬୧ଟି ଔଷଧ | ୭୦୦ ପ୍ରକାର ଔଷଧ ଏବଂ ୧୫୪ ପ୍ରକାରର ଅସ୍ତ୍ରୋପଚାର ଆଦି ପାଇଁ ଉପକରଣ |
| ଔଷଧ ଉପଲବ୍ଧତା | ୯୦-୧୦୦ | ୬୦୦ରୁ ଊର୍ଦ୍ଧ୍ୱ ପ୍ରକାରର ଔଷଧ ଏବଂ ୧୦୦ ପ୍ରକାରର ଅସ୍ତ୍ରୋପଚାର ଉପକରଣ |
| ବିଭିନ୍ନ ରୋଗ ପାଇଁ ଔଷଧ ଉପଲବ୍ଧତା | ଅସମ୍ପୂର୍ଣ୍ଣ | କର୍କଟ, ହୃଦୟ ରୋଗ ଭଳି ସମସ୍ତ ୨୩ ପ୍ରକାରର ଗୁରୁତର ରୋଗବ୍ୟାଧି |
| ଯୋଗାଣକାରୀ | ୧୩୮ଟି ଔଷଧ ପାଇଁ ସରକାରୀ ଉଦ୍ୟୋଗ | ସରକାରୀ ଉଦ୍ୟୋଗ ଏବଂ ୧୨୫ଟି ବେସରକାରୀ ସଂସ୍ଥା |
| ଯୋଗାଣ ପାଇଁ ଯୋଗସୂତ୍ର ପରିଚାଳନା | ନାହିଁ | ସୂଚନା ଓ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସଞ୍ଚାଳିତ |

ଲେଖକ ହେଉଛନ୍ତି ପ୍ରଧାନମନ୍ତ୍ରୀ ଭାରତୀୟ ଜନୌଷଧୀ ପରିଯୋଜନାର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ।

# ନୂତନ- ଯୁଗର ଦକ୍ଷତା ସମୂହ- ଯୁବ ବର୍ଗଙ୍କ ପାଇଁ ସୁଯୋଗ ସୃଷ୍ଟି


● ଡକ୍ଟର ଯତୀନ୍ଦର ସିଂହ

ଡିଜିଟାଇଜେସନ୍ ଏବଂ ତଥ୍ୟ ବିଶ୍ଳେଷଣ (ଡାଟା ଆନାଲିଟିକ୍) କ୍ଷେତ୍ରରେ ଦ୍ରୁତ ବୈଷୟିକ ପ୍ରଗତି ମାନବ ବିକାଶକୁ ନୂତନ ରୂପରେଖ ପ୍ରଦାନ କରୁଛି, ବ୍ୟବସାୟିକ କର୍ମ ସମ୍ପାଦନକୁ ଅତ୍ୟଧିକ ଉନ୍ନତ ଓ କ୍ରିୟାଶୀଳ କରୁଛି, ଯୁବ ବର୍ଗଙ୍କ ପାଇଁ କର୍ମ ନିଯୁକ୍ତିର ନୂତନ ସୁଯୋଗ ଏବଂ ଉଦ୍ୟୋଗୀ ମନୋବୃତ୍ତି ସୃଷ୍ଟି କରୁଛି। ଆମ ଯୁବ କର୍ମଶକ୍ତିର ପୂର୍ଣ୍ଣ ସାମର୍ଥ୍ୟକୁ ଅନୁଭବ କରିବା ପାଇଁ ନୂଆନୂଆ କର୍ମ ଏବଂ କର୍ମ ନିଯୁକ୍ତିରେ ଯୁବ ପିଢ଼ିଙ୍କୁ ଦକ୍ଷ କରିବା ହେଉଛି ଏକ ଉଦୀୟମାନ ନୀତି। ଦେଶର ହାରାହାରି ବୟସ ୨୯ ହୋଇ ଥିବାରୁ, ପର୍ଯ୍ୟାପ୍ତ ସଂଖ୍ୟାରେ ଦ୍ରୁତ ବେଗ ଓ ଉନ୍ନତ ମାନ ସହିତ ଯୁବ ପିଢ଼ିଙ୍କୁ ଦକ୍ଷ କରିବା ହେଉଛି ସଫଳତା ହାସଲ କରିବାର ଚାବିକାଠି। ଯୁବ ପିଢ଼ିଙ୍କ ସଂଖ୍ୟା ଦୃଷ୍ଟିରୁ ଆମ ଦେଶରେ ଉଲ୍ଲେଖନୀୟ ଅସମାନତା ରହିଛି। ଦକ୍ଷିଣରେ ଥିବା ରାଜ୍ୟମାନଙ୍କରେ ୨୯- ୩୧ ବର୍ଷ ବୟସ ବର୍ଗ ଭିତରେ ଅଧିକ ମାଧ୍ୟମାନ ବୟସ ରହିଛି। ଉତ୍ତରପ୍ରଦେଶ, ରାଜସ୍ଥାନ ଏବଂ ବିହାର ଭଳି ରାଜ୍ୟମାନଙ୍କରେ ୨୦- ୨୨ ବର୍ଷ ବର୍ଗ ଭିତରେ ନିମ୍ନ ମାଧ୍ୟମାନ ବୟସ ରହିଛି ଯାହା ଏକ କ୍ରମବର୍ଦ୍ଧମାନ କର୍ମ କରିବାଯୋଗ୍ୟ ଜନସଂଖ୍ୟାକୁ ବୁଝାଉଛି। ଏଣୁ ଯୁବ ପିଢ଼ିଙ୍କୁ ଦକ୍ଷ କରିବାର ମାନଦଣ୍ଡ ଏହାକୁ ଉପଲବ୍ଧି କରିବା ତଥା ଏହାର ଯଥାର୍ଥତା ଦୃଷ୍ଟିରୁ ଭିନ୍ନ ଭିନ୍ନ ଧରଣର ଆଭିମୁଖ୍ୟର ଆବଶ୍ୟକତା କରିଥାଏ।

ଓଇସିଡି ଅର୍ଥନୀତିକ ସର୍ଭେ: ଭାରତ ୨୦୧୭ ଅନୁସାରେ ୧୫- ୨୯ ବର୍ଷ ବୟସ ବର୍ଗର ଭାରତୀୟ ଯୁବ ପିଢ଼ିଙ୍କ ମଧ୍ୟରୁ ୩୦ ପ୍ରତିଶତରୁ ଅଧିକ ସଂଖ୍ୟକ ଯୁବକ ଯୁବତୀ କର୍ମନିଯୁକ୍ତି, ଶିକ୍ଷା ବା ପ୍ରଶିକ୍ଷଣ (ଏନ୍‌ଇଇଟି)ରେ ନାହାନ୍ତି। ଓଇସିଡିର ହାରାହାରିଠାରୁ ଏହା ଦୁଇଗୁଣରୁ ଅଧିକ। ସାମ୍ପ୍ରତିକ ସରକାର ଏନ୍‌ଇଇଟି ଯୁବ ପିଢ଼ିଙ୍କୁ ମୁଖ୍ୟସ୍ରୋତକୁ ଆଣିବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି। ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ ହେବାର ମନୋବୃତ୍ତିକୁ ପ୍ରୋତ୍ସାହିତ କରିବା ନିମନ୍ତେ ଉଦ୍ଦିଷ୍ଟ ରାଷ୍ଟ୍ରୀୟ ନୀତି ନ୍ୟାସନାଲ ପଲିସି ଫର୍ ସ୍କିଲ୍ ଡେଭଲପମେଣ୍ଟ୍ ଆଣ୍ଡ୍ ଏଣ୍ଟରପ୍ରେନ୍ୟୁୟରସିପ୍ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ଅନ୍ତର୍ଭୁକ୍ତୀକରଣର ଲକ୍ଷ୍ୟ ହାସଲ କରିବା ସହିତ ଯୁବ ବର୍ଗଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାର ସାମର୍ଥ୍ୟ ବହନ କରେ। ପ୍ରଚଳିତ ଶ୍ରମିକ ଆଇନ୍‌ର ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ପ୍ରଶାସନିକ ଆବଶ୍ୟକତାଗୁଡ଼ିକ ହ୍ରାସ କରିବା ଭଳି ପଦକ୍ଷେପ ସମୂହ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ନ୍ୟାସନାଲ ଆପ୍ରେଣ୍ଟିସିପ୍ ପ୍ରମୋସନ୍ ସ୍କିମ୍ (ଏନ୍‌ଏପିଏସ୍), ବୈଧାନିକ ସର୍ବନିମ୍ନ ମଜୁରି, ଚୁକ୍ତିଭିତ୍ତିକ କର୍ମନିଯୁକ୍ତି ଏବଂ ଉଦ୍ୟୋଗୀମାନଙ୍କୁ ବିଭିନ୍ନ ପ୍ରକାରର ଆର୍ଥିକ ପ୍ରୋତ୍ସାହନ ଦିଆଯିବା ଭଳି ଯୋଜନାଗୁଡ଼ିକ ହେଉଛି କେତେକ କୌଶଳାତ୍ମକ କାର୍ଯ୍ୟକ୍ରମ।

**ଜନସଂଖ୍ୟା ଲାଭାଂଶର ଫଳ ତୋଳିବା**

ମୁଖ୍ୟସ୍ରୋତର ଶିକ୍ଷା ଏବଂ ଦକ୍ଷତା ବିକାଶରେ ଅଧିକରୁ ଅଧିକ ସଂଖ୍ୟକ ଯୁବ ପିଢ଼ି ଯୋଗ ଦେଉ ଥିବାରୁ ଦର୍ଶାଯାଉଛି ଯେ ୨୦୩୦ ସୁଦ୍ଧା ଭାରତ ନିକଟରେ ଦକ୍ଷ ଶ୍ରମିକମାନଙ୍କର ଏକ ଉଦ୍‌ବୃତ୍ତାଂଶ ବା ବୃହତ୍ ସଂଖ୍ୟକ ବଳକା ଅଂଶ ରହିବ, ମୁଖ୍ୟତଃ ଏହାର ବିପୁଳ ସଂଖ୍ୟକ କର୍ମ କରିବା ବୟସର ଲୋକଙ୍କ ଯୋଗାଣ ଯୋଗୁଁ ଏବଂ ଶିକ୍ଷା ଓ ଦକ୍ଷତା ବିକାଶକୁ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ ହେଉଥିବା ସରକାରୀ ଯୋଜନା ଏବଂ କାର୍ଯ୍ୟକ୍ରମଗୁଡ଼ିକ କାରଣରୁ। ଶିଳ୍ପାନୁଷ୍ଠାନମାନଙ୍କର ଦକ୍ଷ ମାନବ ସମ୍ବଳ ଚାହିଦାକୁ ପୂରଣ କରିବା ଦିଗରେ ଶିଳ୍ପଭିତ୍ତିକ ପ୍ରଶିକ୍ଷଣ ଅନୁଷ୍ଠାନ (ଆଇଟିଆଇ)ଗୁଡ଼ିକର ଉଲ୍ଲେଖନୀୟ ଭୂମିକା ରହିଛି। ୨୦୧୮ ଶେଷ ସୁଦ୍ଧା ଦେଶର ପ୍ରତ୍ୟେକ ବ୍ଲକ୍‌ରେ ଶିଳ୍ପାନୁଷ୍ଠାନ- ଉପଯୋଗୀ ଆଇଟିଆଇ ପ୍ରତିଷ୍ଠା ହେବ ବୋଲି ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରୀ ଘୋଷଣା



> ଭବିଷ୍ୟତରେ ଡିଜିଟାଲ ସମ୍ପତ୍ତି ବା ଉପକରଣଗୁଡ଼ିକ ଏବଂ କର୍ମଶକ୍ତି ସାମର୍ଥ୍ୟ ଅନୁଷ୍ଠାନମାନଙ୍କ ପାଇଁ 'ନୂତନ ସନ୍ତୁଳନ ପତ୍ର' (ବାଲାନ୍ସ ସିଟ୍) ବିବେଚିତ ହେବ। ଏହି ସମ୍ପତ୍ତିଗୁଡ଼ିକ ନବ ଉଦ୍ଭାବନ ଏବଂ ବିଘଟନ ନିମନ୍ତେ ପ୍ରତିଯୋଗିତାର ସଂଜ୍ଞା ନିରୂପଣ କରିବ। ଏହି ସନ୍ତୁଳନ ପତ୍ର ପାଇଁ ନୂଆ ନୂଆ ଶିକ୍ଷାର୍ଥୀମାନଙ୍କୁ ପ୍ରୋତ୍ସାହନ ଯୋଗାଇବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ନ୍ୟାସନାଲ ଆପ୍ରେଣ୍ଟିସିପ୍ ପ୍ରମୋସନ୍ ପ୍ରୋଗ୍ରାମ୍ (ଏନ୍ଏପିଏମ୍- ରାଷ୍ଟ୍ରୀୟ ନବ ଶିକ୍ଷାର୍ଥୀ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଏ ଦିଗରେ ଏକ ପ୍ରମୁଖ କୌଶଳଭିତ୍ତିକ କାର୍ଯ୍ୟ।

କରିଛନ୍ତି। ସେମାନଙ୍କ ନିଜ ନିଜର ସାମର୍ଥ୍ୟର ଉପଯୋଗ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଯୁବ ପିଢ଼ିଙ୍କୁ ଦକ୍ଷ କରିବା ନିମନ୍ତେ ବର୍ତ୍ତମାନ ସମ ତାଳରେ ଏପରି କାମ କରି ଚାଲିଛନ୍ତି ଯେପରିକି ସବୁଠୁ ଦୁର୍ବଳ ବା ଦୂର ବାଟରେ ରହୁଥିବା ଯୁବ ପିଢ଼ି ମଧ୍ୟ ଏହି ସୁଯୋଗର ପୂରା ଫାଇଦା ଉଠାଇବାରେ ସମର୍ଥ ହେବେ। ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (ପିଏମ୍‌କେୱିୱାଇ), ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର (ପିଏମ୍‌କେକେ), ରେକଗ୍ନିସନ୍ ଅଫ୍ ପ୍ରାୟର ଲର୍ଣ୍ଣିଂ (ଆର୍‌ପିଏଲ୍- ପ୍ରାକ୍- ଶିକ୍ଷା ସ୍ୱୀକୃତି) ଏବଂ ନ୍ୟାସନାଲ ଆପ୍ରେଣ୍ଟିସିପ୍ ପ୍ରମୋସନ୍ ସ୍କିମ୍ (ଏନ୍ଏପିଏସ୍) ଭଳି ଯୋଜନାଗୁଡ଼ିକର କେବଳ ସେତିକିବେଳେ ହିଁ ସମ୍ପୂର୍ଣ୍ଣ କାର୍ଯ୍ୟାନ୍ୱୟନ ହୋଇଛି ବୋଲି ଜଣା ପଡ଼ିବ ଯେତେବେଳେ ଅଂଶୀଦାର ଭିତ୍ତିରେ କାର୍ଯ୍ୟ ହେବ। ସରକାରଙ୍କ ଛାମୁଆ ସାର୍ବଜନୀନ ଘରୋଇ ବିଦ୍ୟୁତ୍ ଶକ୍ତି ଯୋଗାଣ କାର୍ଯ୍ୟକ୍ରମ ସୌଭାଗ୍ୟ ଯୋଜନାକୁ ଦ୍ରୁତ ବେଗ ପ୍ରଦାନ କରିବା ନିମନ୍ତେ ବିଳମ୍ବରେ ହେଲେ ସୁଦ୍ଧା ଶକ୍ତି ଓ ଦକ୍ଷତା ବିକାଶ ମନ୍ତ୍ରଣାଳୟ ସହିତ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ହାତ ମିଳାଇଛନ୍ତି। ଗ୍ରାମ୍ୟ ବିଦ୍ୟୁତୀକରଣର ସ୍ୱପ୍ନକୁ ସାକାର ରୂପ ଦେବା ନିମନ୍ତେ ଏହା ଏକ କୌଶଳପୂର୍ଣ୍ଣ ଉଦ୍ୟମ ଯେଉଁଥିରେ କେନ୍ଦ୍ର ସରକାର, ରାଜ୍ୟ ସରକାରମାନେ, ଗ୍ରାମୀଣ ବିଦ୍ୟୁତୀକରଣ ନିଗମ ଏବଂ ରାଷ୍ଟ୍ରୀୟ ଦକ୍ଷତା ବିକାଶ ନିଗମ ଏକାଠି ହାତ ମିଳାଇଛନ୍ତି।

ଭାରତ ସରକାରଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଆରମ୍ଭ ହୋଇଥିବା କେତେଗୁଡ଼ିଏ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ହେଉଛି:

– ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (ପିଏମ୍‌କେୱିୱାଇ)- ଶିକ୍ଷାନୁଷ୍ଠାନ- ଉପଯୋଗୀ ତାଲିମ୍ ପ୍ରଦାନ କରି ଯୁବ ପିଢ଼ିଙ୍କୁ ବିଶ୍ୱ ବଜାର ନିମନ୍ତେ ପ୍ରସ୍ତୁତ କରିବାକୁ ଭାରତ ସରକାରଙ୍କ ଉଦ୍ୟମ।



– ଦୀନ୍ ଦୟାଲ୍ ଅନ୍ତ୍ୟୋଦୟ ଯୋଜନା- ରାଷ୍ଟ୍ରୀୟ ସହରାଞ୍ଚଳ ଆଜୀବିକା ମିଶନ୍ (ଡିଏଓ୍ୱାଇ-ଏନ୍‌ୟୁଏଲ୍‌ଏମ୍)- ବେତନଭିତ୍ତିକ କର୍ମନିଯୁକ୍ତି ବା ଆତ୍ମନିଯୁକ୍ତିର ସୁଯୋଗ ପ୍ରଦାନ କରିବା ନିମନ୍ତେ ସହରାଞ୍ଚଳର ଗରିବ ଲୋକମାନଙ୍କୁ ଦକ୍ଷ କରି ତଥା ଦକ୍ଷତାର ଅଧିକ ବିକାଶ କରି ପରିପୋଷଣୀୟ ଜୀବିକାର୍ଜନ ପାଇଁ ପ୍ରସ୍ତୁତ କରିବା।

– ଡାଇରେକ୍ଟର ଜେନେରାଲ ଅଫ୍ ଟ୍ରେନିଂ- ମଡ୍ୟୁଲାର ଏମ୍ପ୍ଲୟେବଲ୍ ସ୍କିଲସ୍ (ଡିଜିଟି- ଏମ୍‌ଇଏସ୍)- ବିଦ୍ୟାଳୟରୁ ଅଧାରୁ ପାଠ ଛାଡୁଥିବା ତଥା ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କୁ ଧନ୍ଦାମୂଳକ ପ୍ରଶିକ୍ଷଣ ଏବଂ ଆପ୍ରେଣ୍ଟିସିପ୍ କାର୍ଯ୍ୟକ୍ରମ ଜରିଆରେ ଲାଭଜନକ କର୍ମନିଯୁକ୍ତି ପ୍ରଦାନ ପାଇଁ ଯୋଜନା।

– ଦୀନ୍ ଦୟାଲ୍ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନା (ଡିଡିୟୁ- ଜିକେଓ୍ୱାଇ)- ଗ୍ରାମୀଣ ଯୁବ ପିଢ଼ିଙ୍କ ପାଇଁ ନିଯୁକ୍ତି ସଂଯୁକ୍ତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ।

– ରାଷ୍ଟ୍ରୀୟ ଦକ୍ଷତା ବିକାଶ ନିଗମ (ଏନ୍‌ଏସ୍‌ଡିସି)- ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନରେ ପିପିପି (ଜନସାଧାରଣ ସରକାରୀ ଅଂଶୀଦାରୀ ଭିତ୍ତିରେ) ଢାଞ୍ଚାରେ ଅନେକଗୁଡ଼ିଏ ଗୁଣାତ୍ମକ ମାନର ପ୍ରଶିକ୍ଷଣ ପ୍ରଦାନ କରୁଥିବା ପ୍ରଶିକ୍ଷଣ ଅନୁଷ୍ଠାନ ପ୍ରତିଷ୍ଠା କରି ଦକ୍ଷତା ବିକାଶକୁ ପ୍ରୋତ୍ସାହନ ଯୋଗାଇବାର ଲକ୍ଷ୍ୟ ବହନ କରେ; ଯେଉଁ ସଂଗଠନଗୁଡ଼ିକ ଦକ୍ଷତା ତାଲିମ୍ ପ୍ରଦାନ କରୁଛନ୍ତି, ସେମାନଙ୍କୁ ପାଣ୍ଠି ପ୍ରଦାନ କରି ଦକ୍ଷତା ବିକାଶ ଦିଗରେ ଏକ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରେ। ଏନ୍‌ଏସ୍‌ଡିସିର ଶିକ୍ଷାନୁଷ୍ଠାନ- ଅଭିମୁଖୀ ସେକ୍ଟର ସ୍କିଲ୍ କାଉନ୍‌ସିଲ୍ (ଏସ୍‌ଏସ୍‌ସି)ଗୁଡ଼ିକ ବୃତ୍ତିଗତ ମାନ ସୃଷ୍ଟି କରନ୍ତି, ଆବଶ୍ୟକୀୟ ଦକ୍ଷତାର ଢାଞ୍ଚା ପ୍ରସ୍ତୁତ କରନ୍ତି, ଦକ୍ଷତାରେ ରହୁଥିବା ଅନ୍ତରଜନିତ ଅଧ୍ୟୟନ ବିକାଶ କରନ୍ତି ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନ୍ୟାସନାଲ ଅକୁପେସନାଲ ଷ୍ଟାଣ୍ଡାର୍ଡ୍‌ସ୍ (ଏନ୍‌ଓଏସ୍- ରାଷ୍ଟ୍ରୀୟ ପେସାଗତ ମାନ) ସହିତ ସଂଯୁକ୍ତ ପାଠ୍ୟକ୍ରମର ଆକଳନ କରି ଶିକ୍ଷାନବୀଶ ବା ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରନ୍ତି।




– ରାଷ୍ଟ୍ରୀୟ ଦକ୍ଷତା ବିକାଶ ଏଜେନ୍ସି (ଏନ୍‌ଏସ୍‌ଡିଏ)- ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଅଧୀନସ୍ଥ ସ୍ୱୟଂଶାସିତ ସଂସ୍ଥା: ୨୦୨୨ ସୁଦ୍ଧା ଦକ୍ଷ କରାଇବାର ଲକ୍ଷ୍ୟକୁ ହାସଲ କରିବା ପାଇଁ ସରକାର ଏବଂ ଘରୋଇ ଉଦ୍ୟୋଗମାନଙ୍କର ଦକ୍ଷତା ବିକାଶ ଉଦ୍ୟମକୁ ସଂଯୋଜିତ କରିଥାଏ। ଏହା ଏନ୍‌ଏସ୍‌ଡିସି, ଉଦ୍ୟୋଗ ଦକ୍ଷତା ପରିଷଦ (ସେକ୍ଟର ସ୍କିଲ୍ କାଉନ୍‌ସିଲ୍) ଏବଂ ରାଜ୍ୟ ଦକ୍ଷତା ବିକାଶ ମିଶନଗୁଡ଼ିକ ଭଳି ଏଜେନ୍ସିମାନଙ୍କ ସହିତ ଅଂଶୀଦାର ଭିତ୍ତିରେ କାର୍ଯ୍ୟ କରିଥାଏ।

– ଆଜୀବିକା- ରାଷ୍ଟ୍ରୀୟ ଗ୍ରାମୀଣ ଆଜୀବିକା ମିଶନ (ନ୍ୟାସନାଲ ରୁରାଲ ଲାଇଭ୍‌ଲିହୁଡ୍ ମିଶନ- ଏନ୍‌ଆର୍‌ଏଲ୍‌ଏମ୍)- ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଆରମ୍ଭ କରା ଯାଇଥିବା କାର୍ଯ୍ୟକ୍ରମ ଯାହା ଗ୍ରାମୀଣ ଅଞ୍ଚଳଗୁଡ଼ିକର ଯୁବ ପିଢ଼ିଙ୍କୁ ସେମାନଙ୍କ ଦକ୍ଷତାରେ ଉନ୍ନତି କରିବା ସହିତ ନିଯୁକ୍ତି ସୁଯୋଗ ପ୍ରଦାନ କରିବାର ଲକ୍ଷ୍ୟ ବହନ କରେ।

– ଅଟଳ ନବଉଦ୍ଭାବନ ମିଶନ (ଏଆଇଏମ୍)- ଧାରଣା ବା ଅବବୋଧ ସୃଷ୍ଟି କରିବା ସହିତ ସୃଷ୍ଟି କରିବାର ଭିତ୍ତିଭୂମି ବା ପ୍ରଜନନ ଯନ୍ତ୍ର ଭଳି ଏକ ସୁଯୋଗ ଏବଂ ମାର୍ଗଦର୍ଶକଙ୍କ ସହାୟତା ଯୋଗାଇ ଦେଉଥିବା ଏକ ମଞ୍ଚ ପ୍ରଦାନ କରି ନୂଆ ନୂଆ ଜିନିଷର ଉଦ୍ଭାବନ ଏବଂ ଉଦ୍ୟୋଗ ସ୍ଥାପନ କରିବାର ସଂସ୍କୃତିକୁ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି।

– ଷ୍ଟାର୍ଟଅପ୍ ଇଣ୍ଡିଆ- ନୂଆ ଉଦ୍ୟୋଗ ଆରମ୍ଭ କରିବାର ପରିବେଶକୁ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ ଉଦ୍ଦିଷ୍ଟ ଯୋଜନା। ଏହି କାର୍ଯ୍ୟକ୍ରମର କାର୍ମିକ ଯୋଜନା ଷ୍ଟାର୍ଟଅପଗୁଡ଼ିକର ସରଳୀକରଣ ଏବଂ ନିଜ ହାତରେ ରଖିବା, ପାଣ୍ଠିଗତ ସହାୟତା ଏବଂ ପ୍ରୋତ୍ସାହନ ରାଶି ପ୍ରଦାନ, ଶିଳ୍ପୋଦ୍ୟୋଗ-ଶିକ୍ଷାନୁଷ୍ଠାନ ଭାଗିଦାରୀ ଏବଂ ଉତ୍ପାଦନ ସହାୟତା ଯୋଗାଇବାର ଭିତ୍ତିଭୂମି ଉପରେ ପର୍ଯ୍ୟବସିତ।

**ଶିଳ୍ପ ଉଦ୍ୟୋଗ ପରିସରରେ ନୂତନ ଯୁଗର କୁଶଳୀକରଣ ୪.୦**

ଶିଳ୍ପୋଦ୍ୟୋଗ ୪.୦ର ବିଶେଷତ୍ୱ ହେଉଛି- ଡିଜିଟାଇଜେସନ୍‌ର ବୃଦ୍ଧି, ଯନ୍ତ୍ରପାତିର ସଂଯୋଗ, ଉଦୀୟମାନ ବୈଷୟିକ ଜ୍ଞାନକୌଶଳର ସମ୍ମିଶ୍ରଣ, ବ୍ୟବସାୟିକ ବିଶ୍ଳେଷଣ ଏବଂ ସାଇବର- ଆଙ୍ଗିକ ବ୍ୟବସ୍ଥା କରିବା। ଏହା ହେଉଛି ଏକ 'ସ୍ମାର୍ଟ ଫ୍ୟାକ୍ଟ୍ରି (କାରଖାନା)'ର ଅବବୋଧ ଯେଉଁଠି ସେନ୍‌ସରଗୁଡ଼ିକ ଜରିଆରେ ମେସିନ୍ ବା ଯନ୍ତ୍ରପାତିଗୁଡ଼ିକ ପରସ୍ପର ସହିତ ସହଯୋଗ ଓ ସମନ୍ୱୟ ରଖି କାର୍ଯ୍ୟ କରନ୍ତି। ଏହା ଉତ୍ପାଦକତା ବୃଦ୍ଧି ଏବଂ ସମ୍ବଳର ପୂର୍ଣ୍ଣ ଉପଯୋଗ କରିବା ପାଇଁ ପଥ ପରିଷ୍କାର କରିଥାଏ। ଏଭଳି ଅବସ୍ଥାରେ ନିମ୍ନ ମାନର ଦକ୍ଷତା ଥିବା ବା ସ୍ୱଳ୍ପ କୁଶଳୀ କର୍ମନିଯୁକ୍ତି ସମ୍ପୂର୍ଣ୍ଣ ଉଚ୍ଛେଦ ହୋଇଯିବ, କିନ୍ତୁ ସାମର୍ଥ୍ୟରେ ବୃଦ୍ଧି ଉଚ୍ଚତର ସୋପାନର ଦକ୍ଷତା ଆବଶ୍ୟକ କରୁଥିବା ନୂଆ କର୍ମନିଯୁକ୍ତି ସୃଷ୍ଟି କରିବ।

ଭାରତରେ ଚତୁର୍ଥ ଶିଳ୍ପ ବିପ୍ଳବର ଦ୍ରୁତ ଉଦୀୟମାନତା ପରିପ୍ରେକ୍ଷୀରେ ବିଭିନ୍ନ ପରିସର ଯଥା ବିଭିନ୍ନ କାର୍ଯ୍ୟର ଇଣ୍ଟରନେଟ୍‌କରଣ ବା ଇଣ୍ଟରନେଟ୍ ଜରିଆରେ କାର୍ଯ୍ୟ ସମ୍ପନ୍ନ କରିବା (ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍), କୃତ୍ରିମ ଧିମତ୍ତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍‌ସ୍), ପ୍ରତୀୟମାନ ବାସ୍ତବତା (ଭର୍ଚୁଆଲ୍ ରିୟଲିଟି), ଅଗ୍‌ମେଣ୍ଟେଡ୍ ରିୟଲିଟି, ରୋବୋଟିକ୍‌ସ୍, ବଡ଼ ଧରଣର ତଥ୍ୟ ବିଶ୍ଳେଷଣ (ବିଗ୍ ଡାଟା ଆନାଲିସିସ୍) ଏବଂ ୩ଡି ଛାପା ବା ପ୍ରିଣ୍ଟିଂ ଭଳି କାର୍ଯ୍ୟକ୍ଷେତ୍ରଗୁଡ଼ିକରେ ଉଦୀୟମାନ ଦକ୍ଷତାର ଚାହିଦା ବେଶୀ ରହିବ। ଆଗାମୀ ସମୟରେ ବିଶ୍ୱ ଜ୍ଞାନଭିତ୍ତିକ ଅର୍ଥନୀତି ଆଡ଼କୁ ବଢ଼ି ଚାଲିବ। ଭବିଷ୍ୟତ ନିଯୁକ୍ତି ବଜାରର ଆବଶ୍ୟକତା ମୁତାବକ ଭବିଷ୍ୟତର ଦକ୍ଷତା ସୃଷ୍ଟି ନିମନ୍ତେ ସମତାଳରେ ଚାଲିବାକୁ ହେଲେ ଏକ 'ପ୍ରଦତ୍ତ କର୍ମ' ଏବଂ 'ଚାକିରି' ମଧ୍ୟରେ ରହିଥିବା ମୌଳିକ ପାର୍ଥକ୍ୟକୁ ବୁଝିବାର ଆବଶ୍ୟକତା ରହିଛି। ଭବିଷ୍ୟତର ଚାକିରି 'ପ୍ରଦତ୍ତ କର୍ମଭିତ୍ତିକ' ହେବ। ଏହି କର୍ମଭିତ୍ତିକ କାର୍ଯ୍ୟଗୁଡ଼ିକ ଜଟିଳ ଚିନ୍ତାଧାରା, ପ୍ରସ୍ତୁତିକରଣ ଚିନ୍ତାଧାରା, ସମସ୍ୟା- ସମାଧାନ, ଦଳବଦ୍ଧ କାର୍ଯ୍ୟ ଏବଂ ପରସ୍ପରଠାରୁ ଶିକ୍ଷା ହାସଲ ଉପରେ ଧ୍ୟାନ କେନ୍ଦ୍ରିତ କରିବ। ପରିବର୍ତ୍ତିତ କର୍ମ/ କର୍ମନିଯୁକ୍ତିର ଭୂମିକା ଅନୁସାରେ ପ୍ରଚଳିତ କର୍ମଶକ୍ତିର ଢାଞ୍ଚାକୁ ପୁନଃ- କୁଶଳୀକରଣ ବା ଦକ୍ଷତାର ଉନ୍ନତି କରିବା ନିମନ୍ତେ ଢାଞ୍ଚା ପ୍ରସ୍ତୁତ କରାଯିବ। ନୂତନ କାର୍ମିକ ଭୂମିକା ଏବଂ ଶିଳ୍ପୋଦ୍ୟୋଗ ସୃଷ୍ଟି କରାଯିବ; ଏହା ମିଲିଅନ୍ ମିଲିଅନ୍ ସଂଖ୍ୟକ ଚାକିରି ସୃଷ୍ଟି କରିବ। ଯୁବ ପିଢ଼ିଙ୍କୁ ଭବିଷ୍ୟତର କର୍ମନିଯୁକ୍ତି ପାଇଁ ମନ୍ତ୍ରଣାଳୟ, ରାଜ୍ୟ ସରକାର ଏବଂ ଶିଳ୍ପୋଦ୍ୟୋଗ ସମୂହଙ୍କର ଏକ ମିଳିତ ଉଦ୍ୟମ ଆବଶ୍ୟକ। ନୂଆ କର୍ମନିଯୁକ୍ତିର ସୁଯୋଗ, ଯାହା ଗିଗ୍ ଅର୍ଥନୀତି (ଯେଉଁଥିରେ ସ୍ଥାୟୀ ନିଯୁକ୍ତି ଅପେକ୍ଷା ଚୁକ୍ତିଭିତ୍ତିକ କର୍ମନିଯୁକ୍ତି ପ୍ରଦାନ କରାଯାଇଥାଏ) ଭାବରେ ପରିଚିତ, ତାହା ସୃଷ୍ଟି ହେବ ଯେପରିକି ଅନ୍‌ଲାଇନ୍ ଡେଭଲପର, କୋଡର,





ମଲ୍ଟିମିଡିଆ ପ୍ରଫେସନାଲ ବା ପେସାଦାର ବ୍ୟକ୍ତି, ଅନ୍‌ଲାଇନ୍ ସେଲ୍‌ସ୍ (ବିକ୍ରୟ) ଏବଂ ମାର୍କେଟିଂ ପ୍ରଫେସନାଲ, ସିଷ୍ଟମ୍ ଥିଙ୍କିଙ୍ଗ୍ ଏବଂ ମଲ୍ଟି ଲିଙ୍ଗୁଆଲ୍ ଏବଂ ମଲ୍ଟି ମଡେଲ ସାମର୍ଥ୍ୟ ଥିବା ବା ପେସାଦାର ବ୍ୟକ୍ତିବିଶେଷ। ସୂଚନା ଓ ପ୍ରଯୁକ୍ତିବିଦ୍ୟା ସହିତ ଉତ୍ତମ ରୂପେ ପରିଚିତ ଏବଂ ଜଡ଼ିତ ଯୁବ ପିଢ଼ିଙ୍କ ଜରିଆରେ ଭାରତ ନିକଟରେ ଶିଳ୍ପୋଦ୍ୟୋଗ ୪.୦ର ବିଭିନ୍ନ ପର୍ଯ୍ୟାୟକୁ ଆରାମରେ ଡେଇଁ ଡେଇଁ ଚାଲି ଯିବାର ସାମର୍ଥ୍ୟ ରହିଛି। ସନ୍ଦେହ ପ୍ରକାଶ ପାଉଛି ଯେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍‌ସ୍ (କୃତ୍ରିମ ଧୀମତ୍ତା) ଏବଂ ବିଭିନ୍ନ କାର୍ଯ୍ୟକୁ ଇଣ୍ଟରନେଟ୍ ଜରିଆରେ କରାଯିବା ଅନେକଗୁଡ଼ିଏ କର୍ମନିଯୁକ୍ତିର ପରିସମାପ୍ତି ଘଟାଇବ, କିନ୍ତୁ ଐତିହାସିକ ଦୃଷ୍ଟିରୁ ଲକ୍ଷ୍ୟ କରାଯାଇଛି ଯେ ପ୍ରତ୍ୟେକ ନୂତନ ବୈଷୟିକ ଜ୍ଞାନକୌଶଳ ଅଧିକ ସଂଖ୍ୟକ କର୍ମନିଯୁକ୍ତି ସୃଷ୍ଟି କରିଛି।

'ମେକ୍ ଇନ୍ ଇଣ୍ଡିଆ', 'ସ୍କିଲ୍ ଇଣ୍ଡିଆ', 'ଷ୍ଟାର୍ଟଅପ୍ ଇଣ୍ଡିଆ' 'ଷ୍ଟାଣ୍ଡ ଅପ୍ ଇଣ୍ଡିଆ' ଏବଂ 'ଡିଜିଟାଲ୍ ଇଣ୍ଡିଆ' ଭଳି ଉଦ୍ୟମଗୁଡ଼ିକର ଶିଳ୍ପୋଦ୍ୟୋଗ ୪.୦ ସହିତ ସମ୍ମିଶ୍ରଣ ହେଉଛି ଏପରି ଏକ ବ୍ୟବସ୍ଥା ଯାହା ନୂଆ ସୁଯୋଗ ସୃଷ୍ଟି କରିବ। ମେକ୍ ଇନ୍ ଇଣ୍ଡିଆ ଆମ ଦେଶକୁ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ର ବା ହବ୍‌ରେ ରୂପାନ୍ତରିତ କରିବାର ଲକ୍ଷ୍ୟ ବହନ କରୁଛି; ଏହି ଯୋଜନା ୨୦୨୨ ସୁଦ୍ଧା ହାରାହାରି ୧୦୦ ମିଲିଅନ୍ ନୂଆ କର୍ମନିଯୁକ୍ତି ସୃଷ୍ଟି କରିବାର ସାମର୍ଥ୍ୟ ବହନ କରୁଛି। ମୋବାଇଲ୍ ଫୋନ୍, ଅଟୋମୋବାଇଲ୍ ବା ଯାନବାହନ ଇତ୍ୟାଦି ଉପରେ ଆମଦାନୀ ଶୁଳ୍କ ବୃଦ୍ଧି କରି କେନ୍ଦ୍ର ବଜେଟ୍ ମଧ୍ୟ ଏହାକୁ ଅଧିକ ପ୍ରୋତ୍ସାହନ ଯୋଗାଇଛି। ଏହା ବିଦେଶୀ କମ୍ପାନୀମାନଙ୍କୁ ଭାରତରେ ଉତ୍ପାଦନ ୟୁନିଟ୍ ଆରମ୍ଭ କରିବାକୁ ଆକର୍ଷିତ କରିବ, ଯଦ୍ୱାରା ଭାରତୀୟ ଯୁବ ପିଢ଼ିଙ୍କ ପାଇଁ କର୍ମନିଯୁକ୍ତିର ସୁଯୋଗ ବୃଦ୍ଧି ପାଇବ। ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) ଉଦ୍ୟୋଗ ଏକ ଅସୁବିଧାଜନକ ପରିସ୍ଥିତି ଦେଇ ଗତି କରୁଛି ଯାହା ସୁରକ୍ଷାବାଦ, ଅଟୋମେସନ୍ (ସ୍ୱୟଂଚାଳନା) ଏବଂ ବିଶ୍ୱସ୍ତରୀୟ ଆହ୍ୱାନ ଦ୍ୱାରା କବଳିତ ଥିବା ଜଣାପଡୁଛି; ଏ ସବୁ ଆମର ବୈଷୟିକ ଜ୍ଞାନକୌଶଳ ସମ୍ପନ୍ନ ଏବଂ ଏଥି ସହିତ ଜଡ଼ିତ ଯୁବ ପିଢ଼ିଙ୍କ ପାଇଁ ଏକ ବିରାଟ ସୁଯୋଗ।

ବିଗ୍ ଡାଟା, ମେସିନ୍ ଲର୍ଣ୍ଣିଂ ଏବଂ କ୍ଲାଉଡ୍ କମ୍ପ୍ୟୁଟିଂ ଭଳି ଅନ୍‌ଲାଇନ୍ ପାଠ୍ୟକ୍ରମଗୁଡ଼ିକରେ ନାମଲେଖା ସଂଖ୍ୟା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ଅନେକଗୁଡ଼ିଏ କମ୍ପାନୀ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକର ନୂଆ ନୂଆ ଉପାୟରେ ଉଦ୍ଭାବିତ ସମାଧାନ ନିମନ୍ତେ ପ୍ରତିଭାମାନଙ୍କୁ ବିକଶିତ କରିବା ପାଇଁ ପ୍ରୋତ୍ସାହକ ବା ଆକ୍ସିଲରେଟର କାର୍ଯ୍ୟକ୍ରମମାନ

> ଭାରତ ୨୦୧୭ ଅନୁସାରେ ୧୫- ୨୯ ବର୍ଷ ବୟସ ବର୍ଗର ଭାରତୀୟ ଯୁବ ପିଢ଼ିଙ୍କ ମଧ୍ୟରୁ ୩୦ ପ୍ରତିଶତରୁ ଅଧିକ ସଂଖ୍ୟକ ଯୁବକ ଯୁବତୀ କର୍ମନିଯୁକ୍ତି, ଶିକ୍ଷା ବା ପ୍ରଶିକ୍ଷଣ (ଏନ୍‌ଇଇଟି)ରେ ନାହାନ୍ତି। ଓଇସିଡିର ହାରାହାରିଠାରୁ ଏହା ଦୁଇଗୁଣରୁ ଅଧିକ। ସାମ୍ପ୍ରତିକ ସରକାର ଏନ୍‌ଇଇଟି ଯୁବ ପିଢ଼ିଙ୍କୁ ମୁଖ୍ୟସ୍ରୋତକୁ ଆଣିବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି। ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀ ହେବାର ମନୋବୃତ୍ତିକୁ ପ୍ରୋତ୍ସାହିତ କରିବା ନିମନ୍ତେ ଉଦ୍ଦିଷ୍ଟ ରାଷ୍ଟ୍ରୀୟ ନୀତି ନ୍ୟାସନାଲ ପଲିସି ଫର୍ ସ୍କିଲ୍ ଡେଭଲପମେଣ୍ଟ ଆଣ୍ଡ୍ ଏଣ୍ଟରପ୍ରେନ୍ୟୁୟରସିପ୍ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ଅନ୍ତର୍ଭୁକ୍ତୀକରଣର ଲକ୍ଷ୍ୟ ହାସଲ କରିବା ସହିତ ଯୁବ ବର୍ଗଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବାର ସାମର୍ଥ୍ୟ ବହନ କରେ। ପ୍ରଚଳିତ ଶ୍ରମିକ ଆଇନର ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ପ୍ରଶାସନିକ ଆବଶ୍ୟକତାଗୁଡ଼ିକ ହ୍ରାସ କରିବା ଭଳି ପଦକ୍ଷେପ ସମୂହ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ନ୍ୟାସନାଲ ଆପ୍ରେଣ୍ଟିସିପ୍ ପ୍ରମୋସନ୍ ସ୍କିମ୍ (ଏନ୍‌ଏପିଏସ୍), ବୈଧାନିକ ସର୍ବନିମ୍ନ ମଜୁରି, ଚୁକ୍ତିଭିତ୍ତିକ କର୍ମନିଯୁକ୍ତି ଏବଂ ଉଦ୍ୟୋଗୀମାନଙ୍କୁ ବିଭିନ୍ନ ପ୍ରକାରର ଆର୍ଥିକ ପ୍ରୋତ୍ସାହନ ଦିଆଯିବା ଭଳି ଯୋଜନାଗୁଡ଼ିକ ହେଉଛି କେତେକ କୌଶଳାତ୍ମକ କାର୍ଯ୍ୟକ୍ରମ।



ଆରମ୍ଭ କରିଛନ୍ତି। ଭାରତ ସରକାର ମଧ୍ୟ ଏଭଳି ଉଦ୍ୟମଗୁଡ଼ିକୁ ସମର୍ଥନ କରୁଛନ୍ତି କାରଣ ଡିଜିଟାଲ ଇଣ୍ଡିଆର ବ୍ୟୟ ବରାଦ ୨୦୧୮-୧୯ରେ ଦୁଇଗୁଣ ବୃଦ୍ଧି କରାଯାଇ ୩,୦୭୩ କୋଟି ଟଙ୍କା କରାଯାଇଛି ଏବଂ ଗବେଷଣା ନିମନ୍ତେ ଉତ୍କର୍ଷ କେନ୍ଦ୍ର ବା ସେଣ୍ଟର ଅଫ୍ ଏକ୍ସଲେନ୍ସ ଫର୍ ରିସର୍ଚ୍ଚ, ରୋବୋଟିକ୍ସରେ ପ୍ରଶିକ୍ଷଣ ଓ କୁଶଳୀକରଣ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଡିଜିଟାଲ୍ ମ୍ୟାନୁଫ୍ୟାକ୍ଚରିଂ ବା ଡିଜିଟାଲ୍ ପଦ୍ଧତିରେ ଉତ୍ପାଦନ, ବିଗ୍ ଡାଟା ଆନାଲିସିସ୍ ବା ବିଶ୍ଳେଷଣ ଏବଂ ଆଇଓଟିମାନ ପ୍ରତିଷ୍ଠା କରିବାର ଯୋଜନାମାନ ରହିଛି। ଜାନୁଆରୀ ୨୦୧୬ରେ ଆରମ୍ଭ କରାଯାଇଥିବା ଷ୍ଟାର୍ଟଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ ବ୍ୟାପକ ଧରଣର କର୍ମନିଯୁକ୍ତି ସୃଷ୍ଟି କରୁଛି ଏବଂ ଉଦ୍ୟୋଗୀ ହେବା ତଥା ନୂଆ ନୂଆ ପଦ୍ଧତି ଉଦ୍ଭାବନ କରିବାକୁ ପ୍ରେରଣା ଯୋଗାଇବା ସହିତ ଏକ ଚଳଚଞ୍ଚଳ ପାରିବେଶିକ ବ୍ୟବସ୍ଥା ତିଆରି କରୁଛି। ଯୋଗ୍ୟ ଷ୍ଟାର୍ଟଅପ୍‌ଗୁଡ଼ିକ କ୍ଷେତ୍ରରେ ମୂଳ ଅଂଶଧନ ଉପରେ ଆୟକର ଛାଡ଼ କରାଯାଉଥିବା ବେଳେ ଲଗାତର ସାତବର୍ଷର ଆକଳନ ପରେ ତହିଁରୁ ତିନିବର୍ଷର ଆୟ ଉପରେ ଅର୍ଜିତ ଲାଭ ଏବଂ ଫାଇଦା ଉପରେ ୧୦୦ ପ୍ରତିଶତ ଛାଡ଼ ପ୍ରଦାନ କରାଯାଉଛି। ଟେଲିକମ୍ ନୀତି ପାଇଁ ଭାରତ ସରକାର ଏକ ନୂତନ ଚିଠା ପ୍ରସ୍ତାବ ପ୍ରସ୍ତୁତ କରିଛନ୍ତି ଯାହା ହେଉଛି ଉଦୀୟମାନ ବୈଷୟିକ ଜ୍ଞାନକୌଶଳ ନିମନ୍ତେ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବାର ଲକ୍ଷ୍ୟ ନେଇ ନ୍ୟାସନାଲ ଡିଜିଟାଲ କମ୍ୟୁନିକେସନ୍ସ ପଲିସି ୨୦୧୮। ସରକାର ମଧ୍ୟ ୧୦୦ ବିଲିଅନ୍ ଡଲାରର ପୁଞ୍ଜିନିବେଶକୁ ଆକର୍ଷିତ କରିବା ତଥା ୨୦୨୨ ସୁଦ୍ଧା ଚାରି ମିଲିଅନ୍ କର୍ମନିଯୁକ୍ତି ସୃଷ୍ଟି କରିବା ନିମନ୍ତେ ଏକ ଯୋଜନା ପ୍ରସ୍ତୁତ କରି ସାରିଛନ୍ତି। ଏହି ନୀତି ଡିଜିଟାଲ କମ୍ୟୁନିକେସନ୍ ଉଦ୍ୟୋଗରେ ନବ ଉଦ୍ଭାବନଭିତ୍ତିକ ଜ୍ଞାନକୌଶଳ ପରିଚାଳିତ ଷ୍ଟାର୍ଟଅପ୍ ସୃଷ୍ଟି କରି ବିଶ୍ୱସ୍ତରୀୟ ମୂଲ୍ୟବୋଧ ଶୃଙ୍ଖଳକୁ ଭାରତର ଅବଦାନ ରଖିବାର ଲକ୍ଷ୍ୟ ବହନ କରେ। ଏହି ନୀତିର ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ନବ ଯୁଗର ଦକ୍ଷତା ନିର୍ମାଣ ନିମନ୍ତେ ଏକ ମିଲିଅନ୍ ବ୍ୟକ୍ତିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବା, ଆଇଓଟି ପାରିବେଶିକ ବ୍ୟବସ୍ଥାକୁ ପାଞ୍ଚ ବିଲିଅନ୍ ସଂଯୁକ୍ତ ଉପକରଣଗୁଡ଼ିକୁ ସମ୍ପ୍ରସାରିତ କରିବା ଏବଂ ଶିଳ୍ପୋଦ୍ୟୋଗ ୪.୦କୁ ପରିବର୍ତ୍ତିତ ହେବାର ଗତିକୁ ବଢ଼ାଇବା ଅନ୍ତର୍ଭୁକ୍ତ।

ଭବିଷ୍ୟତରେ ଡିଜିଟାଲ ସମ୍ପତ୍ତି ବା ଉପକରଣଗୁଡ଼ିକ ଏବଂ କର୍ମଶକ୍ତି ସାମର୍ଥ୍ୟ ଅନୁଷ୍ଠାନମାନଙ୍କ ପାଇଁ 'ନୂତନ ସନ୍ତୁଳନ ପତ୍ର' (ବାଲାନ୍ସ ସିଟ୍) ବିବେଚିତ ହେବ। ଏହି ସମ୍ପତ୍ତିଗୁଡ଼ିକ ନବ ଉଦ୍ଭାବନ ଏବଂ ବିଘଟନ ନିମନ୍ତେ ପ୍ରତିଯୋଗିତାର ସଂଜ୍ଞା ନିରୂପଣ କରିବ। ଏହି ସନ୍ତୁଳନ ପତ୍ର ପାଇଁ ନୂଆ ନୂଆ ଶିକ୍ଷାର୍ଥୀମାନଙ୍କୁ ପ୍ରୋତ୍ସାହନ ଯୋଗାଇବା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ନ୍ୟାସନାଲ ଆପ୍ରେଣ୍ଟିସିପ୍ ପ୍ରମୋସନ୍ ପ୍ରୋଗ୍ରାମ୍ (ଏନ୍‌ଏପିଏମ୍- ରାଷ୍ଟ୍ରୀୟ ନବ ଶିକ୍ଷାର୍ଥୀ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଏ ଦିଗରେ ଏକ ପ୍ରମୁଖ କୌଶଳଭିତ୍ତିକ କାର୍ଯ୍ୟ।

## ନବ ଉଦ୍ଭାବନ ବା ଭାବନାର ପ୍ରବର୍ତ୍ତନ ଜଳବାୟୁକୁ ପ୍ରୋତ୍ସାହନ ପ୍ରଦାନ ଏବଂ ପ୍ରତିପାଳନ

ଶିକ୍ଷାନୁଷ୍ଠାନ- ଶିଳ୍ପୋଦ୍ୟୋଗ- ସରକାରଙ୍କ ମଧ୍ୟରେ କୌଶଳପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠା ଅନୁଷ୍ଠାନଗୁଡ଼ିକରେ ନବ ଉଦ୍ଭାବନ ଏବଂ ଗବେଷଣା ଓ ବିକାଶ (ଆରଆଣ୍ଡଡି)କୁ ଅଗ୍ରଗତିର ପଥରେ ଆଗେଇ ନେବ। ଯୁବ ପାଣ୍ଠି ପରିଚାଳନା ଶିକ୍ଷା ଏବଂ କର୍ମନିଯୁକ୍ତିଯୋଗ୍ୟ ଦକ୍ଷତା ପ୍ରଦାନ ଆବଶ୍ୟକ କରେ। ଏହି ପରିସର ବା କ୍ଷେତ୍ରରେ ଶିଳ୍ପୋଦ୍ୟୋଗଗୁଡ଼ିକ ସେମାନଙ୍କ ସିଏସ୍ଆର୍ (କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ) ବଜେଟ୍ ଜରିଆରେ ଏଭଳି ସୁଯୋଗମାନ ପ୍ରଦାନ କରି ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାର ଆବଶ୍ୟକତା ରହିଛି। ସହର ତଳିଆ ଏବଂ ଗ୍ରାମାଞ୍ଚଳର ଯୁବ ପିଢ଼ିଙ୍କଠାରେ ଅସାଧାରଣ ସାମର୍ଥ୍ୟ ଏବଂ ଉଦ୍ୟୋଗୀ ହେବାର ଦକ୍ଷତା ରହିଛି। ଯଦି ସେମାନଙ୍କୁ ସେମାନଙ୍କ ନୂଆ ନୂଆ ଭାବନା ବା ଉଦ୍ଭାବନ କରିବାର ଚିନ୍ତାଧାରାକୁ ପ୍ରତିପାଳନ କରିବାର ଏକ ପାରିବେଶିକ ବ୍ୟବସ୍ଥା ଯୋଗାଇ ଦିଆଯାଏ, ତା'ହେଲେ ସେମାନେ ମିତବ୍ୟୟୀ ତଥା ସହଜରେ ହାସଲ କରିହେବା ଭଳି ନୂଆ ନୂଆ ଉଦ୍ଭାବନର ନମୁନାଗୁଡ଼ିକ ସୃଷ୍ଟି କରି ପାରିବେ। ମୂଳଧନ, ମାର୍ଗଦର୍ଶନ, ନେଟ୍‌ୱର୍କ ସହାୟତା ଏବଂ ବୈଷୟିକ ଜ୍ଞାନକୌଶଳ ପ୍ରତି ସେମାନଙ୍କ ଉନ୍ମୁଖତା ବା ସେମାନଙ୍କୁ ଉପଲବ୍ଧ କରାଇ ଦିଆଯିବା ସେମାନଙ୍କର ଅନ୍ତର୍ନିହିତ ପ୍ରତିଭାର ଉନ୍ମେଷ ଘଟାଇ ପାରିବ। ଏଭଳି ଅନେକ ନମୁନା ବା ଢାଞ୍ଚା ବର୍ତ୍ତମାନ ପ୍ରସ୍ତୁତ ହେଉଛି ଯାହା କର୍ମନିଯୁକ୍ତି ସୃଷ୍ଟି କରିବା ତଥା ରାଜସ୍ୱ ଅର୍ଜନ କରିବାରେ ସଫଳ ହୋଇଛି। ଭାରତୀୟ ଅର୍ଥନୀତି ପରିପୋଷଣୀୟ

ଅଭିବୃଦ୍ଧିର ଅବସ୍ଥାକୁ ଦର୍ଶାଉଛି ଏବଂ ଏହା ଅଭିବୃଦ୍ଧିର ସୁଯୋଗଗୁଡ଼ିକ ବାବଦରେ ଆଶାବାଦକୁ ସୃଷ୍ଟି କରିଛି। ବିମୁଦ୍ରୀକରଣ ଏବଂ ଜିଏସ୍‌ଟି (ଏକକ ଦ୍ରବ୍ୟ ଓ ସେବା ଟିକସ)ର ପ୍ରଭାବ ସମ୍ପୂର୍ଣ୍ଣ ଚାଲି ଗଲାଣି; ଏଫ୍‌ଡିଆଇ (ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ)ର ଆଗମନ ଆଶାନୁରୂପକ ହେବ ବୋଲି ଆଶା କରାଯାଉଛି ଏବଂ ସାର୍ବଜନୀନ ବ୍ୟବସାୟିକ କାର୍ଯ୍ୟକଳାପରେ ପୂର୍ବାବସ୍ଥା ଫେରି ଆସୁଛି। ଭାରତ ହେଉଛି ଷଷ୍ଠ ବୃହତ୍ତମ ଉତ୍ପାଦନକାରୀ ରାଷ୍ଟ୍ର। ଏହା ମଧ୍ୟ ଗ୍ଲୋବାଲ୍ କମ୍ପିଟିଟିଭ୍‌ନେସ୍ ଇଣ୍ଡେକ୍ସ (ବିଶ୍ୱ ପ୍ରତିଯୋଗିତାମୂଳକ ସୂଚକାଙ୍କ) ଏବଂ ଗ୍ଲୋବାଲ୍ ଇନୋଭେସନ୍ ଇଣ୍ଡେକ୍ସ (ବିଶ୍ୱ ନବ ଉଦ୍ଭାବନ ସୂଚକାଙ୍କ)ରେ ନିଜର ସ୍ତରରେ ଉନ୍ନତି ଘଟାଇ ପାରିଛି। ଦକ୍ଷତା ଏବଂ କର୍ମନିଯୁକ୍ତି ସୃଷ୍ଟି ତଥା ଯଥାର୍ଥ ନୀତିଗୁଡ଼ିକର ସମଷ୍ଟି, ଉପଯୁକ୍ତ ଦକ୍ଷତାର ପସନ୍ଦ, ମାନବ ପୁଞ୍ଜିର ବିକାଶ ଏବଂ ଶିକ୍ଷାନୁଷ୍ଠାନ-ଶିଳ୍ପୋଦ୍ୟୋଗ ସମ୍ପର୍କ ପ୍ରତିଷ୍ଠା ଯୁବ ପିଢ଼ିଙ୍କ ସାମର୍ଥ୍ୟକୁ ବାସ୍ତବ ରୂପ ପ୍ରଦାନ କରି ପାରିବ ବୋଲି ଆଶା ସୃଷ୍ଟି କରିବା ଭଳି ସମସ୍ତ ସମ୍ଭାବନାକୁ ବହନ କରୁଛି।

## ପଥ ଆଗକୁ

ବିଶ୍ୱ ବ୍ୟାଙ୍କ୍‌ର କହିବା ଅନୁସାରେ ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧି ଲାଭ କରୁଥିବା ଏକ ପ୍ରମୁଖ ଅର୍ଥନୀତି ଏବଂ ଏହି ଧାରା ଆହୁରି ଏକ ଦଶନ୍ଧି ପର୍ଯ୍ୟନ୍ତ ବଳବତ୍ତର ରହିବ। ଅର୍ଥନୀତିର ଏହି ସମ୍ପ୍ରସାରଣ ଧାରାରେ ସୁଯୋଗଗୁଡ଼ିକର ସଂଖ୍ୟା ପର୍ଯ୍ୟାପ୍ତ। ଭବିଷ୍ୟତର ଦକ୍ଷତା ଚାହିଦା ତଥା ଶିଳ୍ପୋଦ୍ୟୋଗ ୪.୦ର ଆବଶ୍ୟକତା ଅନୁସାରେ ଦକ୍ଷତା ସମୂହର କାର୍ଯ୍ୟସୂଚୀକୁ ଆଉଥରେ ତର୍ଜମା କରାଯିବାର ଆବଶ୍ୟକତା ରହିଛି ଯେହେତୁ ବିଶ୍ୱସ୍ତରୀୟ ଉତ୍ପାଦନ ସଂରଚନାତ୍ମକ ପରିବର୍ତ୍ତନକୁ ଦେଖିବ। ପରସ୍ପର ସମ୍ବନ୍ଧି କାର୍ଯ୍ୟ କରିବାର ଦଳଗତ ଦକ୍ଷତା ଉତ୍ପାଦନ ଏବଂ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଯୋଗାଇବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ସାବ୍ୟସ୍ତ ହେବ; କର୍ମଚାରୀମାନଙ୍କର ନିରନ୍ତର ପୁନଃ- କୁଶଳୀକରଣ ଏବଂ ଦକ୍ଷତାର ଉନ୍ନତି କରିବା ବର୍ତ୍ତମାନ ସମୟର ଆବଶ୍ୟକତା। ସରକାରଙ୍କୁ ପାଠ୍ୟକ୍ରମ ମଧ୍ୟରେ ଷ୍ଟେମ୍- ଏସ୍‌ଟିଇଏମ୍ (ବିଜ୍ଞାନ, କାରିଗରୀ ଜ୍ଞାନକୌଶଳ, ଇଞ୍ଜିନିୟରିଂ ବା ଯାନ୍ତ୍ରିକ ବିଦ୍ୟା ଏବଂ ଗଣିତ) ଶିକ୍ଷାକୁ ଭର୍ତ୍ତି କରିବାକୁ ହେବ, ଅନ୍ତତଃପକ୍ଷେ ବିଦ୍ୟାଳୟ ବ୍ୟବସ୍ଥାରେ ତଥା ଏଥି ସହିତ ସୃଜନଶୀଳତା ସଙ୍ଗେ ସଙ୍ଗେ ଜଟିଳ ଓ ବ୍ୟବସ୍ଥାଗତ ଚିନ୍ତାଧାରା ଉପରେ ଗୁରୁତ୍ୱ ଆରୋପ କରିବାକୁ ହେବ। ଜରୁରୀକାଳୀନ ଏବଂ ନିରନ୍ତର ପରିବର୍ତ୍ତନ ପ୍ରତି ପ୍ରତିକ୍ରିୟା ପ୍ରକାଶ କରିବା ନିମନ୍ତେ କ୍ଷୀପ୍ରତା ଆପଣାଇବା କ୍ଷେତ୍ରରେ ପ୍ରସ୍ତୁତ ହେବା ପାଇଁ ଆମ ଦେଶ ଉପରେ କ୍ରମବର୍ଦ୍ଧିଷ୍ଣୁ ଚାପ ପଡୁଛି। ଜାତୀୟ ଅଭିବୃଦ୍ଧି ଏବଂ ବିକାଶ ପାଇଁ ଯୁବ ପିଢ଼ି ହେଉଛନ୍ତି ମୂଳ ଉତ୍ସ। ଏଥିପାଇଁ କ୍ଷୀପ୍ରଗତିରେ ଡେଉଁଥିବା କୌଶଳ ଆପଣା ଯିବା ଉଚିତ ଯାହାକି ରୈଖିକ ନୁହେଁ, ବରଂ ପ୍ରଗତିଶୀଳ ରୂପାନ୍ତରଣ ହେବା ବିଧେୟ। ବିଭିନ୍ନ ଢାଞ୍ଚା ବା ନମୁନା ଏବଂ ଯୋଜନାଗୁଡ଼ିକ ଜରିଆରେ ଭାରତ ସରକାର ରୂପାନ୍ତରଣଗତ ବା ଢାଞ୍ଚାଗତ ପରିବର୍ତ୍ତନକୁ ଆଗେଇ ନେବାର ଉଦ୍ୟମ ଜାରି ରଖିଛନ୍ତି ଏବଂ ଆମର ଯୁବ ପିଢ଼ି ନୂଆ ସୁଯୋଗଗୁଡ଼ିକ ସହିତ ଖାପ ଖୁଆଇ ଚଳିବା ପାଇଁ ଯଥେଷ୍ଟ ନମନୀୟତା ପ୍ରକାଶ କରୁଛନ୍ତି।


### New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
# The price of Employment News is being revised from 6th February 2016 issue onwards


ଲେଖକ ହେଉଛନ୍ତି ବୋର୍ଡ୍ ଅଫ୍ ଆପ୍ରେଣ୍ଟିସିପ୍ ଟ୍ରେନିଂ, କାନପୁର, ଡିପାର୍ଟମେଣ୍ଟ ଅଫ୍ ହାୟର ଏଜୁକେସନ୍, ମିନିଷ୍ଟ୍ରି ଅଫ୍ ଏଚ୍ଆରଡିର ସଦସ୍ୟ।

# ଭାରତରେ ଟିକସ ସଂସ୍କାର : ଏକ ସଂକ୍ଷିପ୍ତ ଇତିହାସ

● ଟି.ଏନ୍. ଅଶୋକ

ଯେ କୌଣସି ଉଦୀୟମାନ ଅର୍ଥନୀତି ଉଭୟ ଦେଶ ଭିତରୁ ଓ ବାହାରୁ ବିପୁଳ ପୁଞ୍ଜି ନିବେଶ ଆବଶ୍ୟକ କରେ । ଏହି ପୁଞ୍ଜି ନିବେଶ ପାଇଁ ପ୍ରଥମ ଆବଶ୍ୟକତା ହେଲା ଏକ ଉତ୍ତମ ଟିକସ ବ୍ୟବସ୍ଥା । ଟିକସ ବ୍ୟବସ୍ଥା ନିବେଶକ ଅନୁକୂଳ ନ'ହେଲେ ପୁଞ୍ଜିପତି ପୁଞ୍ଜି ଖଟାଇବାକୁ ଅନାଗ୍ରହୀ ହୁଅନ୍ତି । ଅତଏବ ଗୋଟିଏ ବିକାଶଶୀଳ ଅର୍ଥନୀତି ପାଇଁ ଏକ ନ୍ୟାୟସଂଗତ, ସ୍ୱଚ୍ଛ, ପ୍ରେରଣାଦାୟୀ ଟିକସ ବ୍ୟବସ୍ଥା ଅପରିହାର୍ଯ୍ୟ । ବିଶ୍ୱର ସବୁ ଆଗୁଆ ଦେଶରେ ଟିକସ ବ୍ୟବସ୍ଥା ବେଶ୍ ଯୁକ୍ତିଯୁକ୍ତ ଓ ପ୍ରଗତିଶୀଳ । ବିଶେଷ କରି ଆମେରିକା ଓ ଅଷ୍ଟ୍ରେଲିଆରେ ଏହା ଅତ୍ୟନ୍ତ ଭଲ । ଭାରତ ମଧ୍ୟ ଏକ ନ୍ୟାୟୋଚିତ ପ୍ରଗତିଶୀଳ ଟିକସ ନୀତି ଗ୍ରହଣ କରିଛି । ଟିକସ ପରିସରକୁ ବଢ଼ାଇବା ସହ ଟିକସ ପରିମାଣକୁ ଯୁକ୍ତିସଂଗତ ଓ ନ୍ୟାୟସଂଗତ କରିବାକୁ ବିଭିନ୍ନ ସରକାର ଗୋଟିଏ ପରେ ଗୋଟିଏ ନାନାବିଧ ସଂସ୍କାର ଜରିଆରେ ଏ ଦିଗରେ ଉଦ୍ୟମ ଜାରି ରଖିଛନ୍ତି ।

ଭାରତୀୟ ଟିକସ ବ୍ୟବସ୍ଥା ଉପରେ ହୋଇଥିବା ବିଭିନ୍ନ ଗବେଷଣାଲବ୍ଧ ତଥ୍ୟ ଗୋଟିଏ ପ୍ରସଙ୍ଗରେ ମୁଖ୍ୟତଃ ଏକମତ ଯେ ଏହା ଏକ ସଂକୀର୍ଣ୍ଣ ଭିତ୍ତି, ଜଟିଳ ବ୍ୟବସ୍ଥା ଓ ଅପାରଗ ସ୍ଥିତିରୁ ବାହାରି କ୍ରମଶଃ ସମୟ ଉପଯୋଗୀ ହେଉଛି । ବିଗତ ବର୍ଷଗୁଡ଼ିକରେ ଟିକସ ସଂସ୍କାରର ମୁଖ୍ୟ ଲକ୍ଷ୍ୟ ରାଜସ୍ୱ ଆୟ ବୃଦ୍ଧି ଓ ଟିକସ ଅଦାୟ ପ୍ରକ୍ରିୟା ନିରବଚ୍ଛିନ୍ନ ଉନ୍ନତି ଉପରେ କେନ୍ଦ୍ରୀତ ଥିଲା । ଟିକସ ସଂସ୍କାର କ୍ଷେତ୍ରରେ ପ୍ରଥମ ବଡ଼ ପଦକ୍ଷେପ ଥିଲା ରାଜ୍ୟ ସ୍ତରୀୟ ବିକ୍ରିକରକୁ ମୂଲ୍ୟ ମିଶ୍ରିତ ଟିକସ ବା ଭ୍ୟାଟ୍‌ରେ ପରିବର୍ତ୍ତନ କରିବା । ଏହି ପଦକ୍ଷେପ ବେଶ୍ ସୁଫଳ ଦେଇଥିଲା ।

ଟିକସ ବିଶ୍ଳେଷକଙ୍କ ମତରେ ଟିକସ ସଂସ୍କାର ଠିକଣା ଭାବେ କାର୍ଯ୍ୟକାରୀ ହେବା ସହ ଟିକସ ବ୍ୟବସ୍ଥା ବ୍ୟାପକ ଉତ୍ପାଦନକ୍ଷମ ଓ ଦକ୍ଷ ହେବା ଆବଶ୍ୟକ । କର୍ପୋରେଟ୍ ଟିକସ, ଉତ୍ପାଦନ ଶୁଳ୍କ, ବହିଃଶୁଳ୍କ ଓ ବିକ୍ରିଟିକସ ଆଦିରେ ରାଜସ୍ୱ ଏକାଗ୍ରତା ପେଟ୍ରୋଲ, ଡିଜେଲ ଆଦି ଇନ୍ଧନର ମୂଲ୍ୟ ଦ୍ୱାରା ପ୍ରଭାବିତ ହୋଇଥାଏ । ଇନ୍ଧନ ମୂଲ୍ୟ ବୃଦ୍ଧି ଯୋଗୁଁ ଆୟ ପ୍ରଭାବିତ ହେବା ସହ ସ୍ୱଳ୍ପ ହେଉଥିବାରୁ ଏହାର ସିଧାସଳଖ ପ୍ରଭାବ ଟିକସ ଉପରେ ପଡ଼ିଥାଏ । ସେହିଭଳି ବ୍ୟକ୍ତିଗତ ଆୟକରର ପରିସର ମଧ୍ୟ ଭାରତରେ ଅତ୍ୟନ୍ତ ସୀମିତ ରହିଛି । ବେଶୀ ଲୋକ ଆୟକର ଦେଉ ନ ଥିବା ବେଳେ କମ୍ ଲୋକଙ୍କୁ ଏହାକୁ ଦବାକୁ ପଡୁଛି । ବିକ୍ରିକର କ୍ଷେତ୍ରରେ ସଂସ୍କାର ଏବେ ମାତ୍ର ଆରମ୍ଭ ହୋଇଛି । ଲକ୍ଷ୍ୟଭିତ୍ତିକ ଖୁଚୁରା ମୂଲ୍ୟମିଶ୍ରିତ ଟିକସ 'ଭ୍ୟାଟ୍' ଲାଗୁ କରିବା ପାଇଁ ଏବେ ଆହୁରି ଅନେକ କିଛି କରିବାକୁ ବାକି ଅଛି । ଟିକସ ବ୍ୟବସ୍ଥାରେ ସଂସ୍କାର ଦ୍ୱାରା ଅଧିକ ରାଜସ୍ୱ ଆଦାୟର ନିଶ୍ଚିତ ସମ୍ଭାବନା ରହିଛି । ରାଜସ୍ୱ ଆଦାୟ ବଢ଼ିଲେ ଏହା ଅଧିକ ସଂସ୍କାର କାର୍ଯ୍ୟକାରୀ କରିବାକୁ ସୁଯୋଗ ଯୋଗାଇବ । ତେବେ ସେ ଯା' ହେଉ ବିଗତ ଶତାବ୍ଦୀର ନବେ ଦଶକରେ ଭାରତ ଯେତେବେଳେ ଅର୍ଥନୈତିକ ସଂସ୍କାର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କଲା ତାହାର ମୁଖ୍ୟ ଲକ୍ଷ୍ୟ ଥିଲା ଉଭୟ ଦେଶ ଭିତରୁ ଓ ବାହାରୁ ଅଧିକରୁ ଅଧିକ ପୁଞ୍ଜି ନିବେଶକଙ୍କୁ ଆକର୍ଷିତ କରିବା ।



### ୧୯୯୧ ଆର୍ଥିକ ସଂସ୍କାର କାଳରୁ ଅନୁସୃତ ଟିକସ ନୀତି :




୧୯୯୧ ପୂର୍ବ ଏବଂ ଏହା ପରଠାରୁ ଭାରତରେ ପ୍ରବର୍ତ୍ତିତ ଟିକସ ନୀତିକୁ ତୁଳନାତ୍ମକ ଭାବେ ଦେଖିଲେ ସ୍ପଷ୍ଟ ଜାଣି ହୁଏ ଯେ ଦେଶରେ ଆନ୍ତର୍ଜାତିକ ଟିକସ ଆଦାୟ ଧାରାର ପ୍ରବର୍ତ୍ତନ ହୋଇଛି। ତଦନୁସାରେ ସରକାର ଆୟକର, ଉତ୍ପାଦନଟିକସ ଓ ବାଣିଜ୍ୟ ଟିକସର ହାରକୁ ଉଲ୍ଲେଖନୀୟ ଭାବେ ପୂର୍ବାପେକ୍ଷା ହ୍ରାସ କରିଛନ୍ତି। ଏହି ସମୟ ମଧ୍ୟରେ ରାଜ୍ୟସମୂହ ମଧ୍ୟ ସେମାନଙ୍କର ବିକ୍ରିକର ହାରକୁ ସମନ୍ୱିତ ଓ ସୁସଂହତ କରିବାକୁ ଯଥେଷ୍ଟ ଚେଷ୍ଟା କରିଛନ୍ତି। ସବୁଠୁ ଉଲ୍ଲେଖନୀୟ କଥା ହେଲା ସେମାନେ ଭ୍ୟାଟ୍ ବା ମୂଲ୍ୟମିଶ୍ରିତ ଟିକସ ୨୦୦୫ ଏପ୍ରିଲ ପହିଲାରୁ ପ୍ରବର୍ତ୍ତନ କରିଥିଲେ। ଦେଶର ସ୍ୱାଧୀନତା ପରଠାରୁ ଟିକସ ସଂସ୍କାର କ୍ଷେତ୍ରରେ ଏହା ଥିଲା ସବୁଠୁ ବଡ଼ ଏକ ଉପଲବ୍ଧି।

୧୯୯୧ ପୂର୍ବରୁ ଭାରତର ମୋଟାମୋଟି ଟିକସ ବ୍ୟବସ୍ଥା ଅସମ ଓ ଅସମର୍ଥ ଥିଲା। ଆନ୍ତର୍ଜାତିକ ମାନକ ହିସାବରେ ଭାରତରେ ଆୟକର ପରିମାଣ ଥିଲା ଅତି ଅଧିକ। କେନ୍ଦ୍ରୀୟ ସ୍ତରରେ ଭ୍ୟାଟ୍ ବ୍ୟବସ୍ଥା ନ ଥିଲା ଏବଂ ୧୯୮୦ ଦଶକର ମଧ୍ୟଭାଗରୁ ନିର୍ଦ୍ଦିଷ୍ଟ କେତେକ ସ୍ତରରେ ଭ୍ୟାଟ୍ ପ୍ରବର୍ତ୍ତିତ ହୋଇଥିଲା। ଉପଭୋକ୍ତା ଟିକସ ପରିସର ଅତ୍ୟନ୍ତ ସଂକୀର୍ଣ୍ଣ ଥିଲା ଏବଂ ଟିକସ ପରିସରରୁ ସେବା ବା ସର୍ଭିସକୁ ବାଦ ଦିଆଯାଇଥିଲା। ସେହିଭଳି ସୀମା / ବହିଃଶୁଳ୍କ ହାର ଅତି ଅଧିକ ଥିବା ବେଳେ ଅଳ୍ପ କେତେକ କ୍ଷେତ୍ରରେ ଏଥିରେ ରିହାତି ବ୍ୟବସ୍ଥା ଥିଲା ଏବଂ ତାହା ପାଇବାକୁ ଯାବତୀୟ ଜଞ୍ଜାଳର ସମ୍ମୁଖୀନ ହେବାକୁ ପଡୁଥିଲା। ବଛାବଛା ଦ୍ରବ୍ୟ ଉପରେ ଉଚ୍ଚ ରପ୍ତାନୀ ଶୁଳ୍କ ଯୋଗୁଁ ଭାରତୀୟ ସାମଗ୍ରୀ ଆନ୍ତର୍ଜାତିକ ସ୍ତରରେ ପ୍ରତିଯୋଗିତା କରିବାକୁ ବିଫଳ ହେଉଥିଲା। ପ୍ରାଦେଶିକ ସ୍ତରରେ ବିକ୍ରିକର ଲାଗୁ ଫଳରେ ସାମଗ୍ରୀ ଉତ୍ପାଦନକାରୀ ବା ନିର୍ମାତାଙ୍କ ବିନିଯୋଗ ଟିକସ ପରିମାଣ ଯଥେଷ୍ଟ ବଢ଼ିଥିଲା। ଏହି ବ୍ୟବସ୍ଥାରେ କ୍ରମଶଃ ଜିନିଷପତ୍ର ଉପରେ ଟିକସ ଉପରେ ଟିକସ ଲାଗିଲା ଯାହା ବ୍ୟବସାୟୀ ଓ ଉପଭୋକ୍ତା ସମସ୍ତଙ୍କ ପାଇଁ ଏକ ଅଡୁଆ ଅବସ୍ଥା ସୃଷ୍ଟିକଲା। ତେଣୁ ଟିକସ ବ୍ୟବସ୍ଥାକୁ ସରଳ, ସ୍ୱଚ୍ଛ ଏବଂ ଏକକ କରିବାର ଆବଶ୍ୟକତା ଉପୁଜିଥିଲା ଏବଂ ଟିକସ ବ୍ୟବସ୍ଥାକୁ ଦକ୍ଷ, ସରଳ ଏବଂ ପ୍ରଗତିଶୀଳ କରିବାକୁ ବିଶେଷଜ୍ଞମାନେ ଗୁରୁତ୍ୱ ଦେଇଥିଲେ।

ଟିକସ ସଂସ୍କାର ଦ୍ୱାରା ଦ୍ୱିପାକ୍ଷିକ ଟିକସ କ୍ଷତି ଭରଣା ବ୍ୟବସ୍ଥା ମଧ୍ୟ ସୁବ୍ୟବସ୍ଥିତ ଥିଲା। ଆଗରୁ ଟିକସଦାତାଙ୍କ ସଂଖ୍ୟା ଓ ପରସରବୃଦ୍ଧି ନ'ହେବା କାରଣରୁ ରାଜ୍ୟମାନଙ୍କର ଯେଉଁ ରାଜସ୍ୱ ହାନି ଘଟୁଥିଲା ତାହାକୁ କେନ୍ଦ୍ର ଭରଣା କରୁ ନ ଥିଲା। ୧୯୯୪ରେ କେନ୍ଦ୍ର ସରକାରଙ୍କ ରାଜସ୍ୱ ଆୟ ଜିଡିପିର ଏକ ଶତାଂଶ କମ୍ ହେବାରୁ ଏକ ଅଡୁଆ ପରିସ୍ଥିତି ସୃଷ୍ଟି ହେଲା। ସେ ବର୍ଷ ସୀମା ଶୁଳ୍କ ଓ ଉତ୍ପାଦନ ଟିକସ ଆୟ କମିଗଲା; କିନ୍ତୁ ଆୟକର ପରିମାଣ ବଢ଼ିଲା। ଆୟକର ବାବଦ ଆୟ ବୃଦ୍ଧି ସତ୍ତ୍ୱେ କେନ୍ଦ୍ର ସରକାର ସୀମାଶୁଳ୍କ ଓ ଉତ୍ପାଦନଶୁଳ୍କ ବାବଦ କ୍ଷତିକୁ ଭରଣା କରିବାକୁ ମନା କରିଦେଇଥିଲେ। ଏ କ୍ଷେତ୍ରରେ ଟିକସ ଆଇନ ଜଟିଳତା ସୃଷ୍ଟି କରିଥିଲା।

ଆସନ୍ତୁ ଦେଖିବା ଭାରତରେ ବିଦେଶୀ କମ୍ପାନୀଙ୍କ ଉପରେ କିପରି କର୍ପୋରେଟ୍ ଟିକସ କ୍ରମଶଃ ହ୍ରାସ ପାଉଛି।

| | ୧୯୯୦-୯୧ | ୧୯୯୨-୯୩ | ୧୯୯୫-୯୬ | ୧୯୯୭-୯୮ | ୨୦୦୧-୦୨ | ୨୦୦୪-୦୫ |
|---|---|---|---|---|---|---|
| ଘରୋଇ କମ୍ପାନୀ | ୫୦ | ୪୫ | ୪୦ | ୩୫ | ୩୫ | ୩୫ |
| ବିଦେଶୀ କମ୍ପାନୀ | ୬୫ | ୬୫ | ୫୫ | ୪୮ | ୪୫ | ୪୦ |

***ଉତ୍ସ : ଅର୍ଥମନ୍ତ୍ରଣାଳୟ, ଭାରତ ସରକାର***

**କେନ୍ଦ୍ରୀୟ ଟିକସ ଢାଞ୍ଚାରେ ବ୍ୟାପକ ସଂସ୍କାର:**


ଆୟକର - ୧୯୯୦ ଦଶକରେ ଭାରତ ଅର୍ଥନୈତିକ ସଂସ୍କାର ପ୍ରକ୍ରିୟା କାର୍ଯ୍ୟକାରୀ କରିବାବେଳକୁ ଅନେକ ବିକାଶଶୀଳ ଦେଶ ସେତେବେଳକୁ ସଫଳତାର ସହିତ ସଂସ୍କାର ପ୍ରକ୍ରିୟା କାର୍ଯ୍ୟକାରୀ କରିସାରିଥିଲେ। ସେସବୁ ଦେଶରେ ସେତେବେଳକୁ ବ୍ୟକ୍ତିଗତ ଆୟକର ସୀମା ଯଥେଷ୍ଟ କମି ୧୫, ୨୫ ଓ ୩୫ ଶତାଂଶ ଏପରି ତିନିଟି ସ୍ତରଭୁକ୍ତ ହୋଇଥିଲା ଯାହା ଅବଶ୍ୟ ଯୁକ୍ତିଯୁକ୍ତ ଥିଲା। ୧୯୯୭-୯୮ରେ ଭାରତ ଏହି ଢାଞ୍ଚାରେ ଆୟକର ହାର ନିର୍ଦ୍ଧାରଣ କଲା ଏବଂ କରଦାତାଙ୍କ ପାଇଁ ୧୦, ୨୦ ଓ ୩୦ ଶତାଂଶର ସ୍ତର ନିର୍ଦ୍ଧାରିତ ହେଲା। ଲୋକଙ୍କ କର ପ୍ରଦାନ ଦକ୍ଷତା, ଆୟସୀମା ଓ କର ସଂଗ୍ରହର ସମ୍ଭାବନା ଆଦିକୁ ବିଚାରକୁ ନେଇ ଏହା ଧାର୍ଯ୍ୟ ହୋଇଥିଲା। ଏହି ସମୟରେ ବିଶ୍ୱର ପ୍ରାୟ ଅଧିକାଂଶ ବିକାଶଶୀଳ ଦେଶରେ ବ୍ୟକ୍ତିଗତ ଆୟକର ହାର ସଂଶୋଧିତ ହୋଇ କମିଥିଲା। ସେହିଭଳି କର୍ପୋରେଟ ଆୟକର ହ୍ରାସ ପଛର ଯୁକ୍ତି ଥିଲା ବିଶ୍ୱାୟନ ଶକ୍ତିକୁ ପ୍ରୋତ୍ସାହିତ କରିବା ସହ ପୁଞ୍ଜିର ଆନ୍ତର୍ଜାତିକ ଗତିକୁ ତ୍ୱରାନ୍ୱିତ କରି ସେଥିରୁ ଲାଭ ଉଠାଇବା। ତଦନୁସାରେ ଭାରତରେ ଉଭୟ ଘରୋଇ ଓ ବିଦେଶୀ କମ୍ପାନୀଙ୍କ କର୍ପୋରେଟ ଆୟକର ହାର ଯଥାକ୍ରମେ ୩୫ ଓ ୪୦ ଶତାଂଶକୁ ହ୍ରାସ କରାଯାଇଥିଲା।

**କେନ୍ଦ୍ରୀୟ ଉତ୍ପାଦନ ଓ ସୀମାଶୁଳ୍କ:**

କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ ମୂଳତଃ ଏକ ମୂଲ୍ୟ ମିଶ୍ରିତ ଟିକସ ବା ଭ୍ୟାଟ୍ ଭାବେ ପ୍ରାୟ ୨୦ବର୍ଷ ଧରି ଲାଗୁ ହୋଇଆସୁଥିଲା। ୧୯୮୬-୮୭ରେ ଯେତେବେଳେ ନିର୍ଦ୍ଦିଷ୍ଟ କିଛି ସାମଗ୍ରୀ ଉତ୍ପାଦନ ପାଇଁ କେତେକ କଞ୍ଚାମାଲ୍ ଉପରେ ଭ୍ୟାଟ୍ ଭଳି କ୍ରେଡିଟ୍ (ରିଆତି) ବ୍ୟବସ୍ଥା ଲାଗୁ ହେଲା ସେତେବେଳେ ଉତ୍ପାଦନକୁ ଟିକସ ପ୍ରୋତ୍ସାହନ ମିଳୁଥିଲା। ୧୯୯୪-୯୫ରେ ସରକାର ସବୁ ପୁଞ୍ଜି ସାମଗ୍ରୀ (କ୍ୟାପିଟାଲ ଗୁଡ୍ସ)କୁ ଉତ୍ପାଦକଙ୍କ ପାଇଁ କ୍ରେଡିଟ ବା ରିଆତି ପରିସରଭୁକ୍ତ କଲେ। ଏହି ଅର୍ଦ୍ଧ ମୂଲ୍ୟ ମିଶ୍ରିତ ଟିକସ ବ୍ୟବସ୍ଥା ପରବର୍ତ୍ତୀ ସମୟରେ ମଡ୍ଭ୍ୟାଟ୍ ବା ମଡିଫାଏଡ୍ ଭ୍ୟାଲୁ ଆଡେଡ୍ ଟ୍ୟାକ୍ସ ନାମରେ ପରିଚିତ ହେଲା। ଏହା ପରେ ସାମଗ୍ରୀ ଉପରେ ସବୁ ଟିକସକୁ ଦୁଇଟି ଶ୍ରେଣୀଭୁକ୍ତ କରିବାକୁ ଉଦ୍ୟମ କରାଯାଇ ଏହାକୁ ୮ ଓ ୧୬ ଶତାଂଶ ଶ୍ରେଣୀରେ ରଖାଗଲା। ୨୦୦୧ରେ ଏହାକୁ କୁହାଗଲା ସେଣ୍ଟ୍ରାଲ ଭ୍ୟାଟ୍ ବା ସେନ୍ଭ୍ୟାଟ୍।

**ଟିକସ ପ୍ରଶାସନ:**

ଯେକୌଣସି ନୂଆ ଟିକସ ସଂସ୍କାର ବ୍ୟବସ୍ଥାର ସଫଳତା ତିନିଟି ବିଷୟ ଉପରେ ନିର୍ଭର କରେ। ତାହା ହେଲା ଟିକସଦାତାଙ୍କ ସଂଖ୍ୟା ଓ ପରିସର ବୃଦ୍ଧି, କମ୍ପ୍ୟୁଟରାଇଜେସନ୍ ଓ ପ୍ରାଦେଶିକ ଭ୍ୟାଟ୍‌ର ପ୍ରବର୍ତ୍ତନ। ଏଥିରେ କେନ୍ଦ୍ରୀୟ ଟିକସ ପ୍ରଶାସନର ସବୁଠୁ ବଡ଼ ସଫଳତା ହେଲା ଏହା ଆୟକରଦାତାଙ୍କ ସଂଖ୍ୟା ଓ ପରିସରକୁ ଉଲ୍ଲେଖନୀୟ ଭାବେ ବଢ଼ାଇବାରେ ସଫଳ ହୋଇଥିଲା। ୧୯୯୦ ଦଶକର ଅଧାରେ ଦେଶରେ ଟିକସଦାତାଙ୍କ ସଂଖ୍ୟା ଥିଲା ପ୍ରାୟ ୧୪ ନିୟୁତ। ସେଥିମଧ୍ୟରୁ ୧୦ ନିୟୁତ ଥିଲେ ପୁରୁଣା ଟିକସଦାତା। ଏକ ସ୍ଥୁଳ ହିସାବ ଅନୁସାରେ ସେତେବେଳେ ଭାରତର ଏକଶହକୋଟି ଜନସଂଖ୍ୟା ମଧ୍ୟରୁ ଟିକସଦାତାଙ୍କ ସଂଖ୍ୟା ଥିଲା ମାତ୍ର ୩୦୦ ନିୟୁତ। ଗୋଟିଏ ପରିବାରର ହାରାହାରି ଲୋକସଂଖ୍ୟା ଯଦି ପାଞ୍ଚ ହୁଏ ତେବେ ଟିକସ ଦେଉଥିବା ପରିବାରଙ୍କ ସଂଖ୍ୟା ଦେଶରେ ଥିଲା ମାତ୍ର ୬୦ ନିୟୁତ। ସେଥିମଧ୍ୟରୁ ପ୍ରାୟ ୧୦ ନିୟୁତ କୃଷି ଆୟକାରୀଙ୍କୁ ବାଦ ଦେଲେ ଅନ୍ୟ ଆୟକାରୀ ପରିବାରଙ୍କ ସଂଖ୍ୟା ଥିଲା ୫୦ ନିୟୁତ। ଅତଏବ ଦେଶର



ମାତ୍ର ୨୦ ଶତାଂଶ ଲୋକ ଟିକସ ପରିସରକୁ ଆସୁଥିଲେ ଏବଂ ଟିକସ ଦେବାକୁ ଯୋଗ୍ୟ ଅନେକ ଲୋକ ଏହାର ବାହାରେ ରହିଯାଇଥିଲେ।

୧୯୯୦ ଦଶକର ଦ୍ୱିତୀୟାର୍ଦ୍ଧରେ ବ୍ୟକ୍ତିଗତ ଆୟକାରୀଙ୍କ ପାଇଁ ସରକାର ସେମାନଙ୍କ ଆୟ ପ୍ରକାଶ କରିବାକୁ ଏକ ସ୍କିମ୍ ଘୋଷଣା କଲେ। ଯେଉଁମାନେ ଟେଲିଫୋନ୍, ବିଭିନ୍ନ ସମ୍ପତ୍ତିର ଅଧିକାରୀ, ବିଦେଶ ଯାତ୍ରାକୁ ଛାଡ଼ି ସେମାନଙ୍କୁ ସମ୍ଭାବ୍ୟ କରଦାତା ଭାବେ ବିବେଚନା କରାଗଲା। ଏଭଳି ଅନେକ ଲୋକ ସେମାନଙ୍କର ଆୟ ଶୂନ୍ୟ ଦର୍ଶାଇ ଟିକସ ଦେଇ ନ ଥିଲେ। ଏହି ସ୍କିମ୍ କାର୍ଯ୍ୟକାରୀ ହେବାପରେ ୨୦୦୦ ମସିହା ବେଳକୁ ଦେଶରେ ପଞ୍ଜୀକୃତ ସମ୍ଭାବ୍ୟ ଟିକସଦାତାଙ୍କ ସଂଖ୍ୟା ୨୦ ନିୟୁତରୁ ଅଧିକ ହେଲା। ଏମାନଙ୍କ ସଂଖ୍ୟା ଅଳ୍ପ ସମୟରେ ଦ୍ୱିଗୁଣିତ ହୋଇଥିଲେ ହେଁ ଟିକସ ଆଦାୟ ସେଇ ଅନୁପାତରେ ବଢ଼ି ନ ଥିଲା। ଗବେଷଣାର ତଥ୍ୟ ଅନୁସାରେ ୨୦୦୫ରେ ଏହି ପଞ୍ଜୀକୃତଙ୍କ ସଂଖ୍ୟା ପ୍ରାୟ ୩୦ ନିୟୁତରେ ପହଞ୍ଚିଥିଲା। ସେମାନଙ୍କ ମଧ୍ୟରୁ ୨୫ ନିୟୁତ ଟିକସ ପରିସରମଧ୍ୟରେ ପୂର୍ବରୁ ଥିଲେ।

୧୯୮୫ରେ ତତ୍‌କାଳୀନ ସରକାର ଯେତେବେଳେ ଦୀର୍ଘ ମିଆଦୀ ଆର୍ଥିକ ନୀତି ଘୋଷଣା କଲେ, ତା'ସହିତ ହିଁ ଭାରତରେ ବାସ୍ତବ ଟିକସ ସଂସ୍କାର ପ୍ରୟାସ ଆରମ୍ଭ ହେଲା। ଏହି ନୀତି ସୂଚାଇ ଥିଲା ଯେ ଦେଶର ବିତ୍ତୀୟ ସ୍ଥିତି ନିମ୍ନଗାମୀ ହେଉଛି ଏବଂ ଏହାର ମୁକାବିଲା ପାଇଁ ଟିକସ ବ୍ୟବସ୍ଥାରେ ପରିବର୍ତ୍ତନର ଜରୁରୀ ଆବଶ୍ୟକତା ରହିଛି। ସେହି ଦଶକରେ କେନ୍ଦ୍ରୀୟ ଉତ୍ପାଦଶୁଳ୍କର ସମୀକ୍ଷା କରି ଏହାକୁ ଅଧିକ ଯୁକ୍ତି ସଂଗତ କରିବାକୁ ଏକ ବୈଷୟିକ ଗୋଷ୍ଠୀ ଗଠନ କରାଗଲା। ଏହି ଗୋଷ୍ଠୀର ସୁପାରିସ ଆଧାରରେ ୧୯୮୬ରେ ସଂଶୋଧିତ ମୂଲ୍ୟମିଶ୍ରିତ ଟିକସ ବ୍ୟବସ୍ଥା 'ମଡ୍‌ଭାଟ'ର ପ୍ରବର୍ତ୍ତନ ହେଲା। ସୀମା ଶୁଳ୍କକୁ ଅଧିକ ଯୁକ୍ତିସଂଗତ କରିବା ପାଇଁ ଦ୍ରବ୍ୟର ଶ୍ରେଣୀ ବିଭାଗ ଭଳି ସମନ୍ୱିତ ବ୍ୟବସ୍ଥା ଆରମ୍ଭ କରାଗଲା ବୋଲି ଗବେଷଣାଲବ୍ଧ ତଥ୍ୟରୁ ଜଣାପଡ଼େ।

ଏହା ପରେ ସରକାର କ୍ରମାନ୍ୱୟରେ ଦୁଇଟି କମିଟି ଦୁଇଜଣ ବରିଷ୍ଠ ବିଶେଷଜ୍ଞଙ୍କ ଅଧକ୍ଷତାରେ ଗଠନ କରିଥିଲେ। ଭାରତୀୟ ଟିକସ ବ୍ୟବସ୍ଥାକୁ ଆନ୍ତର୍ଜାତିକ ମାନର ସମକକ୍ଷ କରିବାକୁ ଆବଶ୍ୟକ ସଂସ୍କାର ଓ ସଂଶୋଧନ ସୁପାରିଶ କରିବା ପାଇଁ ଏହି କମିଟିକୁ ଦାୟିତ୍ୱ ଦିଆଯାଇଥିଲା। ଏହା ଫଳରେ ରାଜା ଚେଲିୟା ଓ ବିଜୟ କେଳକର କମିଟି ଦ୍ୱୟ ଗଠିତ ହେଲା। ଏହି ଦୁଇ କମିଟିର ସୁପାରିସ ଐତିହାସିକ ଥିଲା।

**ରାଜା ଚେଲିୟା କମିଟି:**

ପ୍ରଫେସର ରାଜା ଚେଲିୟାଙ୍କ ଅଧକ୍ଷତାରେ ଗଠିତ ଟିକସ ସଂସ୍କାର କମିଟି ୧୯୯୧, ୧୯୯୨ ଓ ୧୯୯୩ରେ ତିନୋଟି ରିପୋର୍ଟ ଦେଇଥିଲା। ଏଥିରେ ଥିବା ସୁପାରିସଗୁଡ଼ିକୁ ନିମ୍ନମତେ ସଂକ୍ଷେପରେ ପ୍ରଦାନ କରାଯାଇଛି। ସେଗୁଡ଼ିକ ହେଲା –

୧) ସର୍ବନିମ୍ନ ଟିକସ ହାରକୁ କମାଇ ବ୍ୟକ୍ତିଗତ ଟିକସ ବ୍ୟବସ୍ଥାରେ ସଂସ୍କାର ଆଣିବା

୨) କର୍ପୋରେଟ (କମ୍ପାନୀ) ଟିକସ ହାର ହ୍ରାସ।

୩) ଶିଳ୍ପୋଦ୍ୟୋଗରେ ବ୍ୟବହୃତ ବିଭିନ୍ନ ସାମଗ୍ରୀର ଆମଦାନୀ ମୂଲ୍ୟ ହ୍ରାସ।

୪) ସୀମା ଶୁଳ୍କ ହାର ହ୍ରାସ।

୫) ସୀମାଶୁଳ୍କ ସଂକ୍ରାନ୍ତ ବିଭିନ୍ନ ଟିକସର ସଂଖ୍ୟା ହ୍ରାସ ଓ ସଂପୃକ୍ତ ଟିକସ ଆଇନ ଯୁକ୍ତିସଂଗତ କରିବା।

୬) ଉତ୍ପାଦନ ଶୁଳ୍କକୁ ସରଳ କରିବା ସହ ଏହାକୁ ଭ୍ୟାଟ ସହ ମିଶାଇବା।

୭) ଭ୍ୟାଟ୍ ବ୍ୟବସ୍ଥା ଜରିଆରେ ସେବା କ୍ଷେତ୍ରକୁ ଟିକସ ପରିସରକୁ ଆଣିବା।

ଟିକସ ବିଶ୍ଳେଷକଙ୍କ ମତରେ ଟିକସ ସଂସ୍କାର ଠିକଣା ଭାବେ କାର୍ଯ୍ୟକାରୀ ହେବା ସହ ଟିକସ ବ୍ୟବସ୍ଥା ବ୍ୟାପକ ଉତ୍ପାଦନକ୍ଷମ ଓ ଦକ୍ଷ ହେବା ଆବଶ୍ୟକ। କର୍ପୋରେଟ୍ ଟିକସ, ଉତ୍ପାଦନ ଶୁଳ୍କ, ବହିଃଶୁଳ୍କ ଓ ବିକ୍ରିଟିକସ ଆଦିରେ ରାଜସ୍ୱ ଏକାଗ୍ରତା ପେଟ୍ରୋଲ, ଡିଜେଲ ଆଦି ଇନ୍ଧନର ମୂଲ୍ୟ ଦ୍ୱାରା ପ୍ରଭାବିତ ହୋଇଥାଏ। ଇନ୍ଧନ ମୂଲ୍ୟ ବୃଦ୍ଧି ଯୋଗୁଁ ଆୟ ପ୍ରଭାବିତ ହେବା ସହ ସ୍ୱଳ୍ପ ହେଉଥିବାରୁ ଏହାର ସିଧାସଳଖ ପ୍ରଭାବ ଟିକସ ଉପରେ ପଡ଼ିଥାଏ। ସେହିଭଳି ବ୍ୟକ୍ତିଗତ ଆୟକରର ପରିସର ମଧ୍ୟ ଭାରତରେ ଅତ୍ୟନ୍ତ ସୀମିତ ରହିଛି। ବେଶୀ ଲୋକ ଆୟକର ଦେଉ ନ ଥିବା ବେଳେ କମ୍ ଲୋକଙ୍କୁ ଏହାକୁ ଦବାକୁ ପଡୁଛି। ବିକ୍ରିକର କ୍ଷେତ୍ରରେ ସଂସ୍କାର ଏବେ ମାତ୍ର ଆରମ୍ଭ ହୋଇଛି। ଲକ୍ଷ୍ୟଭିତ୍ତିକ ଖୁଚୁରା ମୂଲ୍ୟମିଶ୍ରିତ ଟିକସ 'ଭ୍ୟାଟ୍' ଲାଗୁ କରିବା ପାଇଁ ଏବେ ଆହୁରି ଅନେକ କିଛି କରିବାକୁ ବାକି ଅଛି। ଟିକସ ବ୍ୟବସ୍ଥାରେ ସଂସ୍କାର ଦ୍ୱାରା ଅଧିକ ରାଜସ୍ୱ ଆଦାୟର ନିଶ୍ଚିତ ସମ୍ଭାବନା ରହିଛି। ରାଜସ୍ୱ ଆଦାୟ ବଢ଼ିଲେ ଏହା ଅଧିକ ସଂସ୍କାର କାର୍ଯ୍ୟକାରୀ କରିବାକୁ ସୁଯୋଗ ଯୋଗାଇବ। ତେବେ ସେ ଯା' ହେଉ ବିଗତ ଶତାବ୍ଦୀର ନବେ ଦଶକରେ ଭାରତ ଯେତେବେଳେ ଅର୍ଥନୈତିକ ସଂସ୍କାର କାର୍ଯ୍ୟକ୍ରମ କାର୍ଯ୍ୟକାରୀ କଲା ତାହାର ମୁଖ୍ୟ ଲକ୍ଷ୍ୟ ଥିଲା ଉଭୟ ଦେଶ ଭିତରୁ ଓ ବାହାରୁ ଅଧିକରୁ ଅଧିକ ପୁଞ୍ଜି ନିବେଶକଙ୍କୁ ଆକର୍ଷିତ କରିବା।






୮) ଟିକସ ବ୍ୟବସ୍ଥା ଓ ଏହାର ପରିସରକୁ ସଂପ୍ରସାରିତ କରିବା।

୯) ଏକ ଟିକସ ସୂଚନା ବ୍ୟବସ୍ଥା ପ୍ରସ୍ତୁତ କରିବା ସହ ଏହାକୁ କମ୍ପ୍ୟୁଟରୀକୃତ କରିବା।

୧୦) ଟିକସ ପ୍ରଶାସନର ମାନ ବୃଦ୍ଧି।

ଚେଲିଆ କମିଟିର ଟିକସ ସଂସ୍କାର ସୁପାରିସଗୁଡ଼ିକୁ ଏବେ ମଧ୍ୟ କାର୍ଯ୍ୟକାରୀ କରାଯାଉଛି। ପରେ ସରକାର ୨୦୦୨ରେ ବିଜୟ କେଲକରଙ୍କ ଅଧ୍ୟକ୍ଷତାରେ ଆଉ ଏକ ଟିକସ ସଂସ୍କାର କମିଟି ଗଠନ କରିଥିଲେ।

**ବିଜୟ କେଲକର କମିଟି:**

୨୦୦୨ରେ ଗଠିତ ବିଜୟ କେଲକର କମିଟି ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ସଂସ୍କାର ବ୍ୟବସ୍ଥାର କାର୍ଯ୍ୟକାରତାକୁ ତ୍ୱରାନ୍ୱିତ କଲା। ଏହି କମିଟିର ସୁପାରିସ ଅନୁସାରେ ଗଠିତ ଟାସ୍କଫୋର୍ସ ପ୍ରତ୍ୟକ୍ଷ ଟିକସ ସଂସ୍କାରକୁ ଅଗ୍ରାଧିକାର ଦେଇଥିଲା। ଏଥିରେ ଆୟକର ଛାଡ଼ ସୀମା ବୃଦ୍ଧି, କରଛାଡ଼କୁ ଅଧିକ ଯୁକ୍ତି ସଂଗତ କରିବା, ଦୀର୍ଘ ମିଆଦି ପୁଞ୍ଜିଗତ ଲାଭ ଉପରୁ ଟିକସ ଉଚ୍ଛେଦ ଓ ସମ୍ପତ୍ତି କରର ଉଚ୍ଛେଦ ଆଦି ଏହି କମିଟିର ପ୍ରମୁଖ ସୁପାରିସ ଥିଲା।

**ପ୍ରତ୍ୟକ୍ଷ ଟିକସ ପ୍ରଶାସନ ସୁପାରିସ:**

- ଟିକସଦାତାଙ୍କୁ ସେବା ଉଭୟ ମାନ ଓ ପରିମାଣ ଭିତ୍ତିରେ ଯୋଗାଇଦେବାକୁ ପଡ଼ିବ। ଟିକସଦାତାଙ୍କୁ ଇଣ୍ଟରନେଟ୍ ଓ ଇ-ମେଲର ସହଜ ସୁବିଧା ସୁଯୋଗ ଯୋଗାଇ ଦେବାକୁ ହେବ।
- ସବୁ ନାଗରିକଙ୍କୁ ସ୍ଥାୟୀ ଆକାଉଣ୍ଟ ନମ୍ବର (ପ୍ୟାନ୍) ଯୋଗାଇବାକୁ ପଡ଼ିବ।
- ତଦନ୍ତ ଓ ଜବତ ମାମଲାରେ ବ୍ଲକ୍ ଆସେସ୍‌ମେଣ୍ଟ ବ୍ୟବସ୍ଥାର ଉଚ୍ଛେଦ।
- ପଡ଼ିରହିଥିବା କାମକୁ ଶୀଘ୍ର ଶେଷ କରିବା ପାଇଁ ଡେଟା ଏଣ୍ଟ୍ରି କାର୍ଯ୍ୟକୁ ଆଉଟ୍ ସୋର୍ସ କରିବାକୁ ବିଭାଗକୁ ନିର୍ଦ୍ଦେଶ।
- ଟିକସ ସଂଗ୍ରହକୁ ଆଧୁନିକ, ସରଳ ଓ ଯୁକ୍ତିଯୁକ୍ତ କରିବା ସହ ନିର୍ଦ୍ଦିଷ୍ଟ ଭାବେ ଟିଡିଏସ୍ ଓ ଟିସିଏସ୍ ପ୍ରସଙ୍ଗରେ ଅଧିକ ତତ୍ପରତା ଦେଖାଇବା ପାଇଁ ସରକାରଙ୍କୁ ଏକ ଟିକସ ପ୍ରଶାସନ ନେଟ୍‌ୱାର୍କ ପ୍ରତିଷ୍ଠା କରିବାକୁ ପଡ଼ିବ।
- ସମସ୍ତ ରିଟର୍ଣ୍ଣ ଏବଂ ଅଗ୍ରୀମ ଆକାରରେ ଆଦାୟ ହୋଇଥିବା ଟିକସର ବଳକା ଅଂଶ ଫେରସ୍ତ କାର୍ଯ୍ୟ ଚାରିମାସ ମଧ୍ୟରେ ଶେଷ କରିବାକୁ ହେବ। ରିଫଣ୍ଡ ପ୍ରେରଣ କାର୍ଯ୍ୟ ଆଉଟ୍ ସୋର୍ସିଂ ବ୍ୟବସ୍ଥାରେ କରାଯିବ।
- ଦେଶ ଛାଡ଼ିବା ସମୟରେ ଟିକସ କ୍ଲିୟରାନ୍ସ ସାର୍ଟିଫିକେଟ ଦାଖଲ ବ୍ୟବସ୍ଥାର ଅବସାନ।
- ସିବିଡିଟିକୁ ଉପଯୁକ୍ତ ପ୍ରଶାସନିକ ଓ ଆର୍ଥିକ କ୍ଷମତା ଦେଇ ଏହାକୁ ସଶକ୍ତ କରିବା।

**ବ୍ୟକ୍ତିଗତ ଆୟକର:**

- ସାଧାରଣ ବର୍ଗର ଟିକସଦାତାଙ୍କ ଏକ ଲକ୍ଷ ଟଙ୍କାର କର ଛାଡ଼ ସୀମାକୁ ବୃଦ୍ଧି କରିବା ସହ ବିଧବା ଓ ବୟସ୍କ ନାଗରିକଙ୍କ କରଛାଡ଼ସୀମାକୁ ଆହୁରି ବଢ଼ାଇବା।
- ଆୟକର ସ୍ଲାବ୍‌ର ବା ବର୍ଗକୁ ଅଧିକ ଯୁକ୍ତିସଂଗତ କରିବା ଓ ବ୍ୟକ୍ତିଗତ ଆୟକର ଉପରେ ଉପକର (ସରଚାର୍ଜ) ଲାଗୁ ବ୍ୟବସ୍ଥାର ଅବସାନ ଘଟାଇବା।
- ଘର ଋଣକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଋଣର ସୁଧ ଉପରେ ୨% ଶତାଂଶ ସବ୍‌ସିଡି ପ୍ରଦାନ।
- ପେନ୍‌ସନ୍ ପାଣ୍ଠିକୁ ଅଧିକ ଅର୍ଥ ଯେପରି କର୍ମଚାରୀ, ବ୍ୟକ୍ତିବିଶେଷ ଦେଇପାରିବେ ସେଥିପାଇଁ ଆୟକର ଆଇନର ଧାରା ୮୦ସିସିସିଏରେ ଥିବା ହ୍ରାସ (ଡିଡକ୍‌ସନ୍) ପରିମାଣକୁ ବଢ଼ାଇବା।

**କର୍ପୋରେସନ ଟିକସ:**

- କର୍ପୋରେଟ ଟିକସ ହାରକୁ ଘରୋଇ କମ୍ପାନୀଙ୍କ ପାଇଁ ୩୫ ରୁ ୩୦ ଶତାଂଶକୁ ହ୍ରାସ।
- ତାଲିକାଭୁକ୍ତ କମ୍ପାନୀଙ୍କୁ ଡିଭିଡେଣ୍ଡ ଓ କ୍ୟାପିଟାଲ ଗେନ୍ (ପୁଞ୍ଜି ଆୟ) କ୍ଷେତ୍ରରେ ଟିକସଛାଡ଼ ପ୍ରଦାନ।

– ଶିଳ୍ପ କାରଖାନା ଓ ଯନ୍ତ୍ରପାତିର ଖେସ୍ ଖେସରା (ଡେପ୍ରିସିଏସନ୍) ହାର ବୃଦ୍ଧି।

– ସର୍ବନିମ୍ନ ବିକଳ୍ପ (ଅଲଟରନେଟ୍) ଟିକସର ଉଚ୍ଛେଦ।

**ସମ୍ପତ୍ତି ଟିକସ:**

– ସମ୍ପତ୍ତି କରର ଅବସାନ।

ଏସବୁ ସୁପାରିସ ୧୩ବର୍ଷ ପୂର୍ବେ କରାଯାଇଥିଲା। ଏବେ ସେଥି ମଧ୍ୟରୁ ଅନେକ କାର୍ଯ୍ୟକାରୀ ହେଉଥିବା ଆମେ ଦେଖିବାକୁ ପାଉଛୁ। ଡିଟିସି ଓ ଜିଏସ୍‌ଟି ଯଥାକ୍ରମେ ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ ପ୍ରଶାସନ କ୍ଷେତ୍ରରେ ଦୁଇଟି ବୃହତ୍ ସଂସ୍କାର ସୁପାରିସ। ସେଥିମଧ୍ୟରୁ ଡିଟିସି ନେଇ ସରକାର ବିଶେଷ ଆଗ୍ରହୀ ଥିବାରୁ ସୂଚନା ମିଳୁନାହିଁ। ଏହାର କାର୍ଯ୍ୟକାରିତା ଘେନି ସରକାରୀ ସ୍ତରରେ ସେଭଳି କିଛି ତତ୍ପରତା ଦେଖାଯାଉନି। ଏହାର ଅଧିକାଂଶ ବ୍ୟବସ୍ଥା ଆୟକର ଆଇନରେ ସନ୍ନିବେଶିତ ହୋଇଥିବାରୁ ସ୍ୱତନ୍ତ୍ର ଭାବେ ଏହାକୁ କାର୍ଯ୍ୟକାରୀ କରିବାକୁ ବୋଧହୁଏ ଉଚିତ ମନେ କରାଯାଉନାହିଁ। ତେବେ ସାରା ଦେଶରେ ୨୦୧୭ ଜୁଲାଇ ପହିଲାରୁ ଗୁରତ୍ୱପୂର୍ଣ୍ଣ ଜିଏସ୍‌ଟି ଆଇନ୍ ଲାଗୁ ହୋଇଛି।


**ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟକ୍ଷ ଟିକସ ସଂସ୍କାର:**

ଟିକସ ସୂଚନା ନେଟ୍‌ୱାର୍କ (ଟିନ୍) : ଆୟକର ବିଭାଗ ପକ୍ଷରୁ ନେଶନାଲ ସିକ୍ୟୁରିଟି ଡିପୋଜିଟରୀ ଲିମିଟେଡ୍ ଟ୍ୟାକ୍ସ ଇନଫରମେସନ୍ ନେଟ୍‌ୱାର୍କ (ଟିନ୍) ପ୍ରତିଷ୍ଠା କରିଛି। ଦେଶବ୍ୟାପୀ ଟିକସ ସମ୍ବନ୍ଧୀୟ ଡେଟାର ଏହା ମୌଳିକ ଉତ୍ସ। ଏହା ସ୍ଥାପନ କରିବାର ମୌଳିକ ବିଚାର ହେଲା ଟିକସ ଆଦାୟକୁ ଆଧୁନିକ ରୂପ ଦେବା, ପ୍ରତ୍ୟକ୍ଷ ଟିକସର ଆଦାୟ ପ୍ରକ୍ରିୟା, ନିରୀକ୍ଷଣ ଓ ହିସାବପତ୍ର ଇନ୍‌ଫରମେସନ୍ ଟେକ୍‌ନୋଲୋଜିର ସହାୟତାରେ କରିବା। ଟିନ୍‌ର ତିନିଟି ସବ୍‌ସିଷ୍ଟମ ରହିଛି ଓ ସେସବୁ ହେଲା ଇରାକ୍ସ (ERACS), ଓଲଟାସ (OLTAS) ଓ ସିପିଏଲ୍‌ଜିଏସ୍ (CPLGS)।

ଇରାକ୍ସ : ଇରାକ୍ସର ପୂର୍ଣ୍ଣାଙ୍ଗ ଅଭିବ୍ୟକ୍ତି ହେଲା ଇଲେକ୍‌ଟ୍ରୋନିକ୍ସ ରିଟର୍ଣ୍ଣ ଆକ୍‌ସେପ୍‌ଟାନ୍ସ ଆଣ୍ଡ୍ କନ୍‌ସଲିଡେସନ୍ ସିଷ୍ଟମ। ଏହା ମାଧ୍ୟମରେ କରଦାତାଙ୍କ ସହ ଇଣ୍ଟରଫେସ୍ କରିହେବ। ଏହା ମାଧ୍ୟମରେ ଟିକସଦାତା ନିଜର ଟିକସ ସଂକ୍ରାନ୍ତ ଜାବତୀୟ କାର୍ଯ୍ୟ ଇଣ୍ଟରନେଟ୍ ମାଧ୍ୟମରେ କରିପାରିବେ।

ଅନ୍‌ଲାଇନ୍ ଟାକ୍ସ ଆକାଉଣ୍ଟିଂ ସିଷ୍ଟମ ବା ଓଲଟାସ୍: ଏହା କେନ୍ଦ୍ରୀୟ ସିଷ୍ଟମକୁ ଅପ୍‌ଲୋଡ୍ କରିବାର ଏକ ମାଧ୍ୟମ। ବିଭିନ୍ନ ଶାଖା ମାଧ୍ୟମରେ ଆଦାୟ ହେଉଥିବା ଟିକସ ଏହାଦ୍ୱାରା କେନ୍ଦ୍ରୀୟ ଦପ୍ତରକୁ ପଠାଯାଇଥାଏ। ସେଣ୍ଟ୍ରାଲ ପ୍ୟାନ୍ ଲେଜର ଜେନେରେସନ ସିଷ୍ଟମ ହେଉଛି କେନ୍ଦ୍ରୀୟ ସିଷ୍ଟମ ଯାହା ଟିଡିଏସ୍, ଟିସିଏସ୍ ଓ ଅଗ୍ରୀମ ଟିକସ ଆଦିକୁ ପ୍ୟାନ୍ ସହିତ ସମ୍ମିଳିତ କରାଏ।

ଇ-ଟିଡିଏସ୍ ଓ ଇ-ଟିସିଏସ୍ : ଟିଡିଏସ୍ ଅର୍ଥ ଉତ୍ସରୁ ଟିକସ କାଢ଼ିନେବା। ତୃତୀୟ ପକ୍ଷ ଏଥିରେ ଆୟ ଉତ୍ସରୁ କରଯୋଗ୍ୟ ଅର୍ଥ କାଟି ନେଇ ପୂର୍ବ ନିର୍ଦ୍ଧାରିତ ବ୍ୟାଙ୍କ ଶାଖାରେ ଜମା କରିଥାନ୍ତି। ଇଲେକ୍‌ଟ୍ରୋନିକ୍ସ ବ୍ୟବସ୍ଥାରେ ଟିଡିଏସ୍ ରିଟର୍ଣ୍ଣ ଫାଇଲ୍ କରିବା ୨୦୦୪-୦୫ରୁ ବାଧ୍ୟତାମୂଳକ ହୋଇଛି। ସରକାରୀ



ବେସରକାରୀ ସବୁ କ୍ଷେତ୍ର ପାଇଁ ଏହା ଲାଗୁ। ଆହୁରି ମଧ୍ୟ ୧୯୬୧ର ଆୟକର ଆଇନରେ କୁହାଯାଇଛି ଯେ ବିକ୍ରେତା ଯେତେବେଳେ କ୍ରେତାଠାରୁ ଟିକସ ମୂଳ ଉତ୍ସରୁ ବା ବିକ୍ରୟ ସମୟରେ ଆଦାୟ କରେ ସେତେବେଳେ ତାହା ଟ୍ୟାକ୍ସ ଆଟ୍ ସୋର୍ସ ବା ଟିସିଏସ୍ ଭାବେ ଗଣ୍ୟ ହେବ। ୨୦୦୫ ଆଇନ ଅନୁସାରେ ଟିସିଏସ୍‌କୁ ଇଲେକଟ୍ରୋନିକ ବ୍ୟବସ୍ଥା ମାଧ୍ୟମରେ ଫାଇଲ୍ ବା ଜମା କରିବାକୁ ହେବ। ଏଥିପାଇଁ କମ୍ପାନୀ ଓ ସରକାରୀ ଟିକସ ସଂଗ୍ରାହକ ଟିକସ ଆଦାୟ କରି ତାହାକୁ ଇଲେକ୍‌ଟ୍ରୋନିକ୍ସ ବା ପ୍ରତ୍ୟକ୍ଷ ଭାବେ ଏନ୍‌ଏସ୍‌ଡିଏଲ୍‌ରେ ଜମା କରିବେ।




**ଅନ୍ୟାନ୍ୟ ପ୍ରୟାସ:**

ଇ ସହଯୋଗ : ପେସରଲେସ୍ ଆସେସ୍‌ମେଣ୍ଟ – ସୂଚନାପ୍ରଯୁକ୍ତି ଟିକସଦାତାଙ୍କ କାମ ସହଜ କରିଦେଇଛି। ସେମାନେ ବ୍ୟକ୍ତିଗତ ଭାବେ ଟିକସ ଜମା କରିବାକୁ ଉପସ୍ଥିତ ନ'ହୋଇ ଇଲେକଟ୍ରୋନିକ୍ସ ବ୍ୟବସ୍ଥାରେ ଏହା କରିପାରୁଛନ୍ତି। ସିବିଡିଟି ଏବେ ପେପରଲେସ୍ ଇନ୍‌କମ୍ ଟ୍ୟାକ୍ସ ଆସେସ୍‌ମେଣ୍ଟ ବ୍ୟବସ୍ଥା ପ୍ରବର୍ତ୍ତନ କରିବାକୁ ବିଚାର କରୁଛି। ଏହା ଇମେଲ୍‌ଦ୍ୱାରା କରିହେବ। କ୍ଷୁଦ୍ର ଆୟକରଦାତାମାନେ ଏହା ଫଳରେ ଆଉ ଟିକସ ଜମା କରିବାକୁ ଆୟକର ଅଫିସକୁ ଯିବାର ଆବଶ୍ୟକତା ପଡ଼ିବ ନାହିଁ। ମୁମ୍ବଇ, ଦିଲ୍ଲୀ, ଚେନ୍ନଇ, ବେଙ୍ଗାଲୁରୁ ଓ ଅହମଦାବାଦରେ ଏନେଇ ପାଇଲଟ୍ ପ୍ରୋଜେକ୍ଟମାନ ଆରମ୍ଭ ହୋଇଛି।

**ସେବୋତ୍ତମ : ଦକ୍ଷ ଅଭିଯୋଗ ନିରାକରଣ:**

ଆୟକର ଓ ଅନ୍ୟାନ୍ୟ କର ବ୍ୟବସ୍ଥାରେ ଜମାକାରୀ ନାନା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ସେମାନଙ୍କ ଆପତ୍ତି ଅଭିଯୋଗର ଶୁଣାଣି ନିର୍ଦ୍ଧାରିତ ସମୟରେ ହୋଇ ନ ପାରି ଅନେକ ଦିନ ପଡ଼ିରହେ। ଫଳରେ କରଦାତା ହଇରାଣ ହୁଅନ୍ତି। ଏହାକୁ ଦୃଷ୍ଟିରେ ରଖି କରଦାତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଓ ଅଭିଯୋଗ ନିରାକରଣ ପାଇଁ ସରକାର ସେବୋତ୍ତମ ପ୍ଲାଟଫର୍ମ ପ୍ରସ୍ତୁତ କରିଛନ୍ତି। ଏହା ସହିତ ଦେଶର ସବୁ ଆୟକର ଅଫିସ ସଂଯୁକ୍ତ ହୋଇଛି। ଆପତ୍ତି ଅଭିଯୋଗଗୁଡ଼ିକୁ ଏହା ମାଧ୍ୟମରେ ସହଜରେ ଠାବ କରି କରଦାତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ଚେଷ୍ଟା କରାଯାଉଛି।

**ଶୀଘ୍ର ଫେରସ୍ତ ବ୍ୟବସ୍ଥା:**

ଆୟକରଦାତାଙ୍କଠାରୁ ଅଗ୍ରୀମ ଟିକସ ଆକାରରେ କଟାଯାଇ ରଖାଯାଇଥିବା ବଳକା ଅର୍ଥକୁ ହିସାବ କରି ବଳକା ଟଙ୍କାକୁ ୧୦ଟି କାର୍ଯ୍ୟକାରୀ ଦିବସ ମଧ୍ୟରେ ଫେରସ୍ତ କରିବାକୁ ଆୟକର ବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି। ଆଧାର କିମ୍ବା ବ୍ୟାଙ୍କ୍ ଡେଟା ବେସ୍ ଜରିଆରେ ଆୟକର ରିଟର୍ଣ୍ଣକୁ ତନଖି କରି ଏହି ଫେରସ୍ତ ତୁରନ୍ତ ଦେବାକୁ ଚେଷ୍ଟା କରାଯାଉଛି।

**ପ୍ରି-ଫିଲ୍ଡ ଆଇଟିଆର୍ ଫର୍ମ:**

ଅନ୍‌ଲାଇନ୍ ଫର୍ମ ଉପଲବ୍ଧ ସତ୍ତ୍ୱେ ଅନେକ ଲୋକ ଏବେ ଅଫ୍‌ଲାଇନ୍‌ରେ ଡାଉନ୍‌ଲୋଡ୍ ହୋଇଥିବା ଫର୍ମକୁ ଟିକସ ପ୍ରଦାନ ପାଇଁ ବ୍ୟବହାର କରୁଛନ୍ତି। ସଂପୃକ୍ତ ବିଭାଗ ଏବେ ଟିକସଦାତାଙ୍କୁ ପ୍ରି-ଫିଲ୍ଡ ଫର୍ମ ପ୍ରଦାନ କରିବାକୁ ଉଦ୍ୟମ କରୁଛି। ଏହା ସ୍ୱୟଂକ୍ରିୟ ବ୍ୟବସ୍ଥାରେ ବ୍ୟବହାରକାରୀ / ଟିକସଦାତାଙ୍କ ଡେଟା ସହ ମେଳ ଖାଇବ। ଏହାଦ୍ୱାରା ଜଣେ ପ୍ୟାନ୍ ପାଇଁ ଅନ୍‌ଲାଇନରେ ଆବେଦନ କରିବା ସହ ୪୮ ଘଣ୍ଟା ମଧ୍ୟରେ ଏହାକୁ ପାଇପାରିବ।

**ପ୍ୟାନ୍ କ୍ୟାମ୍ପ:**

ପ୍ୟାନ୍‌ଧାରୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ଦେଶର ବିଭିନ୍ନ ସ୍ଥାନରେ ସରକାର ପ୍ୟାନ୍ କ୍ୟାମ୍ପମାନ ଆୟୋଜନ




କରୁଛନ୍ତି। ଏହାଛଡ଼ା ଆୟକର ଟିକସ ବିଜ୍‌ନେସ୍ ଆପ୍ଲିକେସନ-ପରମାନେଣ୍ଟ ଆକାଉଣ୍ଟ ନମ୍ବର (ଆଇଟିବିଏ-ପ୍ୟାନ୍) ପୋର୍ଟାଲ ଆରମ୍ଭ କରିବାକୁ ବିଚାର କରାଯାଉଛି। ଏହା ମାଧ୍ୟମରେ ଆଗ୍ରହୀ ବ୍ୟକ୍ତିବିଶେଷ ପ୍ୟାନ୍ ପାଇଁ ଅନ୍‌ଲାଇନ୍‌ରେ ଆବେଦନକାରି ୪୮ଘଣ୍ଟା ମଧ୍ୟରେ ତାହା ପାଇପାରିବେ।

**ପରୋକ୍ଷ ଟିକସ ସଂସ୍କାର:**

୧୯୮୬ରେ ଦେଶରେ ପ୍ରଥମ ପରୋକ୍ଷ ଟିକସ ସଂସ୍କାର ବ୍ୟବସ୍ଥା ଆରମ୍ଭ ହୋଇଥିଲା। ସେତେବେଳେ କେନ୍ଦ୍ରୀୟ ଉତ୍ପାଦନ କର ପରିବର୍ତ୍ତେ କିଛି ନିର୍ଦ୍ଦିଷ୍ଟ ସାମଗ୍ରୀ ଉପରେ ସଂଶୋଧିତ ମୂଲ୍ୟମିଶ୍ରିତ ଟିକସ (ମଡ୍ ଭ୍ୟାଟ୍) ଲାଗୁ କରାଯାଇଥିଲା। ପରେ ଅନ୍ୟାନ୍ୟ ସାମଗ୍ରୀ ଉପରେ ଏହା କେନ୍ଦ୍ରୀୟ ମୂଲ୍ୟମିଶ୍ରିତ ଟିକସ ସେନ୍‌ଭାଟ ଆକାରରେ ଲାଗୁ ହୋଇଥିଲା। ରାଜ୍ୟ ସରକାରମାନେ ମଧ୍ୟ ଏହାକୁ ଅନୁସରଣ କରି ଭ୍ୟାଟ୍ ଆଇନ୍ କାର୍ଯ୍ୟକାରୀ କଲେ ଏବଂ ମୂଲ୍ୟମିଶ୍ରିତ ଟିକସ (ଭ୍ୟାଟ୍) ଲାଗୁ କରି ବିକ୍ରି କରର ଅବସାନ ଘଟାଇଲେ। ପରୋକ୍ଷ ଟିକସ ସଂସ୍କାର କ୍ଷେତ୍ରରେ ଯେଉଁସବୁ ପଦକ୍ଷେପ ଗ୍ରହଣ କରାଯାଇଛି ସେଗୁଡ଼ିକ ନିମ୍ନରେ ପ୍ରଦାନ କରାଗଲା।

**ସୀମାଶୁଳ୍କ ହ୍ରାସ:**

୧୯୯୦ରେ ଅଣକୃଷିଜାତ ସାମଗ୍ରୀ ଉପରେ ସୀମାଶୁଳ୍କ ହାର ଥିଲା ୧୨୮ ଶତାଂଶ। ଏହାକୁ କ୍ରମଶଃ ହ୍ରାସ କରିବାକୁ ପଦକ୍ଷେପ ନିଆଯାଇଥିଲା। ଏବେ ହାରାହାରି ସୀମାଶୁଳ୍କ ହାର ୧୧ ରୁ ୧୨ ଶତାଂଶ ରହିଛି। ତେବେ ଏହି ଟିକସର ହାର ଏବେ ଶୂନରୁ ୧୫୦ଶତାଂଶ ପର୍ଯ୍ୟନ୍ତ ରହିଛି ଏବଂ ବିଭିନ୍ନ ସାମଗ୍ରୀ ଉପରେ ଭିନ୍ନଭିନ୍ନ ଭାବେ ଲାଗୁ କରାଯାଉଛି।

**କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ:**

କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ ପ୍ରଥମେ ମଡ୍‌ଭାଟ୍ ଦ୍ୱାରା ଉଚ୍ଛେଦ ହେଲା। ଏହା ପରେ ମଡ୍‌ଭାଟ ପରିବର୍ତ୍ତେ ଆସିଲା ସେନ୍‌ଭାଟ। ସଂସ୍କାର ପ୍ରକ୍ରିୟାରେ ଅନେକ ପ୍ରକାର ଉତ୍ପାଦନ ଶୁଳ୍କକୁ ଉଠାଇ ଦିଆଯାଇଛି।

**ସେବା ଟକିସ ବା ସର୍ଭିସ ଟ୍ୟାକ୍ସ:**

୧୯୯୪-୯୫ରେ ପ୍ରଥମେ କେତେକ ସୀମିତ ସାମଗ୍ରୀ ଉପରେ ସେବା ଟିକସ ବା ସର୍ଭିସ ଟ୍ୟାକ୍ସ ୭ ଶତାଂଶ ହାରରେ ଲାଗୁ ହୋଇଥିଲା। ସମୟକ୍ରମେ ଏହି ଟିକସର ପରିମାଣ ବଢ଼ିବା ସହ ଟିକସ ଯୋଗ୍ୟ ସେବାର ସଂଖ୍ୟା ମଧ୍ୟ ବଢ଼ିଥିଲା। ଏବେ ଆମେ ପ୍ରାୟ ଏକଶହ ସେବା ଉପରେ ୧୪ ଶତାଂଶ ସେବା ଟିକସ (ସର୍ଭିସ ଟ୍ୟାକ୍ସ) ଦେଉଛୁ।

**ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି):**

ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି) ପ୍ରବର୍ତ୍ତନ ଦେଶରେ ଏ ପର୍ଯ୍ୟନ୍ତ ହୋଇଥିବା ଟିକସ ସଂସ୍କାର ମଧ୍ୟରୁ ସବୁଠୁ ବଡ଼। ପ୍ରାରମ୍ଭିକ ଭାବେ ଏଥିରେ କିଛି ସମସ୍ୟା ଥିଲା। ତେବେ କେନ୍ଦ୍ର ଏନ୍‌ଡିଏ ସରକାର ଆବଶ୍ୟକ ପଦକ୍ଷେପମାନ ନେଇ ଏହାକୁ ଅଧିକ ସରଳ ଓ ଲୋକାଭିମୁଖୀ କରିପାରିଛି। ଏ ସମ୍ପର୍କରେ ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଆଇଟିଆର୍‌ଏଫ୍‌ର ଅଧ୍ୟକ୍ଷ ପାର୍ଥସାରଥି ସୋମଙ୍କ ଦୃଷ୍ଟିକୋଣ ଭିନ୍ନ। ତାଙ୍କ ମତରେ ଜିଏସ୍‌ଟିର ବିଭିନ୍ନ ସ୍ଲାବ ଓ ହାର ଆଦର୍ଶ ଟିକସ ହାରର ଅନୁରୂପ ନୁହେଁ। ଏହା ଅଧିକ ବାସ୍ତବବାଦୀ ହେଲେ ଟିକସ ଆଦାୟ ବଢ଼ିବ ବୋଲି ସେ କହିଛନ୍ତି। ସେ ଏହାକୁ ଦେଶର ସବୁଠୁ ବଡ଼ ଟିକସ ସଂସ୍କାର ଭାବେ ବାସ୍ତବତା ଦୃଷ୍ଟିରୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି। ଏହା ସତ୍ତ୍ୱେ ଅଧିକାଂଶ ଟିକସ ବିଶେଷଜ୍ଞଙ୍କ ମତରେ ଜିଏସ୍‌ଟି ଓ ଡିଟିସି ସରକାରଙ୍କର ସବୁଠୁ ବଡ଼ ସମୟୋପଯୋଗୀ ଟିକସ ସଂସ୍କାର ପ୍ରୟାସ। ଏହାଦ୍ୱାରା ଟିକସ ପ୍ରଦାନ ସହଜ ଓ ସରଳ ହେବା ସହ ଟିକସ ସଂଗ୍ରହ ବ୍ୟବସ୍ଥା ସୁବ୍ୟବସ୍ଥିତ ହୋଇଛି। ଏହାଦ୍ୱାରା ଟିକସଦାତାଙ୍କ ପରିସର ବଢ଼ିଥିବାବେଳେ ଅଧିକ ଟିକସ ସଂଗ୍ରହ ପାଇଁ ବାଟ ଖୋଲିଛି। ଏହା ସରକାରଙ୍କ ବିତ୍ତୀୟ ନିଅଣ୍ଟ ହ୍ରାସରେ ସହାୟକ ହେବ। ତେବେ ଜିଏସ୍‌ଟିର ସମ୍ପୂର୍ଣ୍ଣ ସୁଫଳ ମିଳିବାକୁ ଆଉ କିଛି କାଳ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେମାନେ ମତ ଦେଇଛନ୍ତି।

ଅର୍ଥନୀତିଜ୍ଞ ଓ ଟିକସ ବିଶେଷଜ୍ଞଙ୍କ ମତରେ ଜିଏସ୍‌ଟି ପ୍ରବର୍ତ୍ତନ, ସରଳ ଟିକସ ଆଇନ ଓ ବିବାଦ ସମାଧାନରେ ସହଜ ନୀତିଦ୍ୱାରା ବିଦେଶୀ ପୁଞ୍ଜି ନିବେଶକ ଭାରତ ପ୍ରତି ଅଧିକ ଆକର୍ଷିତ ହେବେ ଏବଂ ଦେଶରେ ପୁଞ୍ଜିନିବେଶ ବଢ଼ିବ। ଏହା ଦେଶର ଜିଡିପି ଅଭିବୃଦ୍ଧିରେ ସହାୟକ ହେବା ସହ ଲୋକଙ୍କ ଆୟବୃଦ୍ଧିର ବାଟ ଫିଟାଇବ।

ଲେଖକ ହେଉଛନ୍ତି ଜଣେ ବିଶିଷ୍ଟ ଆର୍ଥିକ ସମ୍ବାଦଦାତା।

## ଆପଣ ଜାଣନ୍ତି କି ?

# ଅଟଳ ଇନୋଭେସନ୍ ମିଶନ

ଅଟଳ ଇନୋଭେସନ୍ (ଅଭିନବତା) ଅଭିଯାନ ହେଉଛି ଭାରତ ସରକାରଙ୍କ ଏକ ଧ୍ୱଜାଧାରୀ କାର୍ଯ୍ୟକ୍ରମ, ଯାହାର ଉଦ୍ଦେଶ୍ୟ ହେଉଛି ଦେଶର ଅଭିନବ ପ୍ରୟାସ ଓ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା। ଦେଶର ଆଗାମୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ ବିଭିନ୍ନ ପର୍ଯ୍ୟାୟରେ ଏ ଦିଗରେ ଆଲୋଚନା, ପର୍ଯ୍ୟାଲୋଚନା ପରେ ଅଟଳ ଇନୋଭେସନ୍ ମିଶନ ବା ଏମ୍, ନୀତି ଆୟୋଗ ଅଧିନରେ ସ୍ଥାପିତ ହୋଇଥିଲା। କେନ୍ଦ୍ର, ରାଜ୍ୟ ତଥା ଅନ୍ୟାନ୍ୟ କ୍ଷେତ୍ରରେ ଚାଲିଥିବା ଅଭିନବ ପ୍ରୟାସଗୁଡ଼ିକୁ ଦିଗ୍‌ଦର୍ଶନ ଦେବା ପାଇଁ ଏମ୍ ହେଉଛି ଏକ ଛାମୁଆ କାର୍ଯ୍ୟକ୍ରମ। ଏହି ଅଭିଯାନ ଅଧିନରେ ଥିବା ବିଭିନ୍ନ ସ୍ତରଗୁଡ଼ିକ ହେଉଛି- ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିଜ୍ଞାନ, ଇଞ୍ଜିନିୟରିଂ ଓ ଉଚ୍ଚତର ଶିକ୍ଷାନୁଷ୍ଠାନ ଏବଂ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ସମେତ ଅନ୍ୟାନ୍ୟ ଉଦ୍ୟୋଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ।

ଏମ୍‌ର ଦୁଇଟି ପ୍ରମୁଖ କାର୍ଯ୍ୟ ରହିଛି। (କ) ଉଦ୍ୟମିତା ପ୍ରୋତ୍ସାହନ- ଅଭିନବତା ସୃଷ୍ଟି କରିପାରୁଥିବା ଉଦ୍ୟମୀମାନଙ୍କୁ ସ୍ୱରୋଜଗାର ଓ ମେଧା ଉପଯୋଗ ସୁବିଧା ପ୍ରଦାନ ମାଧ୍ୟମରେ ସଫଳ ଉଦ୍ୟୋଗୀ ସୃଷ୍ଟି କରିବା। (ଖ) ଅଭିନବତା ପ୍ରୋତ୍ସାହନ- ଏଭଳି ଏକ ମଞ୍ଚ ପ୍ରଦାନ କରିବା, ଯେଉଁଠାରେ ଅଭିନବ ଚିନ୍ତାଧାରାକୁ ପ୍ରୋତ୍ସାହନ ମିଳିବ।

ଏହି ଉଦ୍ଦେଶ୍ୟ ସାଧିତ କରିବା ପାଇଁ ଏମ୍ ଯୋଜନାର କେତୋଟି ପ୍ରମୁଖ ଅଂଶ ହେଉଛି-

୧. ଅଟଳ ଟିଙ୍କରିଂ ଲ୍ୟାବ୍- (ଶିଖିବା ପାଇଁ ପରୀକ୍ଷାଗାର) ଦେଶର ସମସ୍ତ ଜିଲ୍ଲାର ବିଦ୍ୟାଳୟଗୁଡ଼ିକରେ ଏହି ଏଟିଏଲ୍‌ଗୁଡ଼ିକ ସ୍ଥାପନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହା ମାଧ୍ୟମରେ ଥ୍ରୀଡି ପ୍ରିଣ୍ଟର, ରୋବୋଟିକ୍ସ, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଆଦି ସମ୍ପର୍କରେ 'ନିଜେ ନିଜେ କର' ଶୈଳୀରେ ବିଭିନ୍ନ ଉପକରଣ ପ୍ରଦାନ କରାଯିବ। ସରକାରଙ୍କ ପ୍ରାୟ ୨୦ ଲକ୍ଷ ଟଙ୍କାର ଅନୁଦାନ ସାହାଯ୍ୟରେ କ୍ଷୁଦ୍ର ଇଲେକ୍‌ଟ୍ରୋନିକ୍ସ ଉପକରଣ ଏହିସବୁ କେନ୍ଦ୍ରରେ ପ୍ରତିଷ୍ଠା କରାଯିବ। ଯଦ୍ୱାରା ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଏହାସହିତ କାମ କରି ଅଭିନବ ପ୍ରୟାସ ଓ ଚିନ୍ତାଧାରା ବିକଶିତ କରିପାରିବେ। ଏହାଦ୍ୱାରା ଲକ୍ଷ ଲକ୍ଷ



ଛାତ୍ରଛାତ୍ରୀଙ୍କ ଭିତରେ ସମସ୍ୟା ସମାଧାନ କୌଶଳ ଓ ଅଭିନବ ଚିନ୍ତାଧାରାକୁ ପ୍ରୋତ୍ସାହନ ମିଳିବ।

ଅଦ୍ୟାବଧି ୨୪୪୧ଟି ବିଦ୍ୟାଳୟକୁ ଏ ସମ୍ପର୍କିତ ଅନୁଦାନ ମିଳିସାରିଛି ଏବଂ ଚଳିତ ବର୍ଷ ଶେଷସୁଦ୍ଧା ୫୦୦୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟକୁ ଏଟିଏଲ୍ ଯୋଜନାରେ ସାମିଲ୍ କରାଯିବ। ଏଥିରେ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ ମଧ୍ୟ ସମ୍ମିଳିତ ହୋଇଛି। ଏହି କାର୍ଯ୍ୟକ୍ରମ ଅଧିନରେ ନିକଟ ଅତୀତରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୩୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏହି ସମୟରେ ମିଳିଥିବା ୬୫୦ଟି ଅଭିନବ ଏଣ୍ଟ୍ରି ମଧ୍ୟରୁ ୩୦ଟିକୁ ଚୟନ କରାଯାଇଥିଲା। ଏଗୁଡ଼ିକୁ ପୁଣିଥରେ ଭଲଭାବେ ପରୀକ୍ଷା ନିରୀକ୍ଷା କରି ଆବଶ୍ୟକ ସଂଶୋଧନ ପରେ ଉତ୍ପାଦ ଭାବେ ବ୍ୟବହାର କରାଯିବ। ୨୦୧୮ ମସିହା ଏପ୍ରିଲ୍ ୧୪ ତାରିଖ ଏଟିଏଲ୍ ଗୋଷ୍ଠୀ ଦିବସ ପାଳନ ଅବସରରେ ଏ ଦିଗରେ ସଚେତନତା ସୃଷ୍ଟି ପାଇଁ ପ୍ରୟାସ କରାଯାଇଥିଲା। ଏଥିରେ ୫ ହଜାରରୁ ଊର୍ଦ୍ଧ୍ୱ ପିଲା ଅଂଶଗ୍ରହଣ କରିଥିଲେ।

ଲକ୍ଷ୍ୟ ରଖାଯାଇଛି ଯେ, ଦେଶର ପ୍ରତ୍ୟେକ ବିଦ୍ୟାଳୟର ଅନ୍ତତଃ ଗୋଟିଏ ବା ଅଧିକ ଏଟିଏଲ୍ ପ୍ରତିଷ୍ଠା କରାଯିବ। ଏଥିରେ ସରକାରୀ ବା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ, ବାଳିକା ବିଦ୍ୟାଳୟ, ଉତ୍ତର-ପୂର୍ବାଞ୍ଚଳ ଓ ପାହାଡ଼ିଆ ଅଞ୍ଚଳର ବିଦ୍ୟାଳୟଗୁଡ଼ିକୁ ଅଗ୍ରାଧିକାର ଦିଆଯିବ।

ଅଟଳ ଇନ୍‌କ୍ୟୁବେଟର:- ଏହାର ଉଦ୍ଦେଶ୍ୟ ହେଉଛି ବିଶ୍ୱବିଦ୍ୟାଳୟ ଓ ଉଦ୍ୟୋଗ ସ୍ତରରେ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା। ଏହା ଅଧିନରେ ସଫଳ ପ୍ରାର୍ଥୀଙ୍କୁ ଗ୍ରୀନ୍ ଫିଲ୍ଡ ଇନ୍‌କ୍ୟୁବେଟର ପ୍ରତିଷ୍ଠା କରିବା ପାଇଁ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଦିଆଯାଇଥାଏ। ଏହା ପଛରେ ଥିବା ଉଦ୍ଦେଶ୍ୟ ହେଉଛି ଦେଶର ପ୍ରତ୍ୟେକ ୧୧୦ଟିଯାକ ସ୍ମାର୍ଟ ସହରଗୁଡ଼ିକରେ ଓ ପ୍ରତ୍ୟେକ ରାଜ୍ୟର ୫ରୁ ୧୦ଟି ଭଲ ଶିକ୍ଷାନୁଷ୍ଠାନ କିମ୍ବା ଉଦ୍ୟୋଗରେ ବିଶ୍ୱସ୍ତରୀୟ ଇନ୍‌କ୍ୟୁବେଟର ପ୍ରତିଷ୍ଠା କରିବା। ଯଦ୍ଦ୍ୱାରା ଗୋଷ୍ଠୀ କିମ୍ବା ଉଦ୍ୟୋଗ ଓ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପ୍ ଗୋଷ୍ଠୀକୁ ନୂତନ ଷ୍ଟାର୍ଟଅପ୍ ପ୍ରତିଷ୍ଠା ପାଇଁ ଆବଶ୍ୟକ ପ୍ରୋତ୍ସାହନ ମିଳିପାରିବ।

ଚଳିତ ଆର୍ଥିକ ବର୍ଷ ଶେଷସୁଦ୍ଧା ୫୦ରୁ ଅଧିକ ଅଟଳ ଇନ୍‌କ୍ୟୁବେଟର ସ୍ଥାପନ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏତଦ୍‌ବ୍ୟତୀତ ଅଟଳ ନବଭାରତ ଆହ୍ୱାନ ଓ ଅଟଳ ମହାଆହ୍ୱାନ କାର୍ଯ୍ୟକ୍ରମ ମାଧ୍ୟମରେ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ପ୍ରଭାବ ପକାଇପାରୁଥିବା ନିର୍ଦ୍ଦିଷ୍ଟ ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରାଯିବ। ଯେଉଁସବୁ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେବ ସେଗୁଡ଼ିକ ହେଲା- ନବୀକରଣୀୟ ଶକ୍ତି, ଶକ୍ତି ସଞ୍ଚୟ, ଜଳବାୟୁ ସହିତ ସାମଞ୍ଜସ୍ୟ ରଖୁଥିବା କୃଷି ବିକାଶ, ସାର୍ବଜନୀନ ପାନୀୟଜଳ, ସ୍ୱଚ୍ଛ ଭାରତ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟସେବା, କୃତ୍ରିମ ମେଧା, ବ୍ଲକ୍ ଚେନ୍ ଇତ୍ୟାଦି। ଚଳିତବର୍ଷ ଏପ୍ରିଲ୍ ୨୬ ତାରିଖ ଦିନ ୧୭ଟି ଅଟଳ ନବଭାରତ ଆହ୍ୱାନ, ପ୍ରଥମ ପର୍ଯ୍ୟାୟରେ ଆରମ୍ଭ ହୋଇଛି। ଏଥିରେ ସଫଳ ଆବେଦକମାନଙ୍କୁ ଅଟଳ ନ୍ୟୁଇଣ୍ଡିଆ ଆହ୍ୱାନ ପାଇଁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଏବଂ ଅଟଳ ଗ୍ରାଣ୍ଡ୍ ଚାଲେଞ୍ଜ ପାଇଁ ୩୦ କୋଟି ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଦେବାର ବ୍ୟବସ୍ଥା ରହିଛି।



# ବଲାଙ୍ଗୀରରେ ସ୍ୱାମୀ ବିବେକାନନ୍ଦ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରିହାବିଲିଟେସନ୍ ଟ୍ରେନିଂ ଆଣ୍ଡ ରିସର୍ଚ୍ଚର ଶୁଭ ଉଦଘାଟନ




ବଲାଙ୍ଗୀର ଠାରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଦ୍ୱାରା ସ୍ୱାମୀ ବିବେକାନନ୍ଦ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ରିହାବିଲିଟେସନ୍ ଟ୍ରେନିଂ ଆଣ୍ଡ ରିସର୍ଚ୍ଚର ଶୁଭ ଉଦଘାଟନରେ ଯୋଗଦେଇ ଏହି ସାଟେଲାଇଟ୍ ସେଂଟରକୁ ଏକ ପୂର୍ଣ୍ଣାଙ୍ଗ କମ୍ପୋଜିଟ୍ ରିହାବିଲିଟେସନ୍ ସେଣ୍ଟରରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଥାୱର ଚାନ୍ଦ୍ ଗେହଲଟ୍‌ଙ୍କ ଦ୍ୱାରା ଉଦଘାଟିତ ଏହି ପ୍ରକଳ୍ପ ବଲାଙ୍ଗୀର ଓ ଆଖପାଖ ଅଂଚଳର ଦିବ୍ୟାଙ୍ଗ ମାନଙ୍କର ପୁନଃ ଥଇଥାନ ସେବାରେ ନିୟୋଜିତ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ରାଜ୍ୟ ସରକାର ଯୋଗାଇ ଦେଇଥିବା ୩.୫ ଏକର ଜାଗାରେ ଏହି ସାଟେଲାଇଟ୍ ସେଂଟର ନିର୍ମାଣ ହୋଇଛି । କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଥାୱର ଚାନ୍ଦ୍ ଗେହଲଟ୍ ଙ୍କୁ ରାଜ୍ୟ ସରକରଙ୍କ ଠାରୁ ୧୦ ଏକର ଜାଗା ମାଗି ଏଥିରେ ପୂର୍ଣ୍ଣାଙ୍ଗ ସିଆରସି ନିର୍ମାଣ ପାଇଁ ଅନୁରୋଧ କରିଛନ୍ତି । ଏହି ପୂର୍ଣ୍ଣାଙ୍ଗ ସିଆରସି ହେଲେ ସଶକ୍ତିକରଣ ମନ୍ତ୍ରଣାଳୟର ବ୍ୟୟ ବରାଦ୍ ପରେ ତାଙ୍କ ବିଭାଗ ପକ୍ଷରୁ ୧୦ କୋଟି ଟଙ୍କାର ଅତିରିକ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଛନ୍ତି । ବଲାଙ୍ଗୀର ଓ ଆଖପାଖ ଜିଲ୍ଲାର ଦିବ୍ୟାଙ୍ଗ ମାନଙ୍କର ପୁନଃ ଥଇଥାନ ଓ ଅନ୍ୟାନ୍ୟ ସେବା ଯୋଗାଇ ଦେବା ପାଇଁ ଏହି କେନ୍ଦ୍ରରେ ରାତ୍ରି ରହଣୀ ସହ ସମସ୍ତ ବନ୍ଦୋବସ୍ତ କରାଯିବା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱ ଦେଇଛନ୍ତି ।

# ଏଲପିଜି ବଟ୍‌ଲିଂ ପ୍ଲାଣ୍ଟ୍‌ର ଶୁଭ ଦେଲେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ

୧୦୩ କୋଟି ଟଙ୍କା ପ୍ରାରମ୍ଭିକ ବ୍ୟୟ ଅଟକଳରେ ବଲାଙ୍ଗୀର ଠାରେ ଭାରତ ପେଟ୍ରୋଲିୟମ୍ ଦ୍ୱାରା ପ୍ରତିଷ୍ଠିତ ହେବାକୁ ଥିବା ଏଲପିଜି ବଟଲିଂ ପ୍ଲାଂଟର ଶୁଭ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଥାୱର ଚାନ୍ଦ୍ ଗେହଲଟ୍‌ଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଭିତିପ୍ରସ୍ତର ସ୍ଥାପନ ଉତ୍ସବରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଏହି ବଟଲିଂ ପ୍ଲାଣ୍ଟ୍‌ର କାର୍ଯ୍ୟ ସମାପ୍ତ ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ମୁଖ୍ୟମନ୍ତ୍ରୀ ନାଁ ନେଇ ରାଜ୍ୟରେ ବିଭିନ୍ନ ପ୍ରକଳ୍ପ ସାଙ୍କେତିକ ଭାବରେ ମାନ୍ୟବରଙ୍କ ଦ୍ୱାରା ଭିତିପ୍ରସ୍ତର ଦିଆଯାଉଥିବା ବେଳେ ବଲାଙ୍ଗୀରର ବଟଲିଂ ପ୍ଲାଣ୍ଟର କାମ ଶୁଭ ଦେବା ସହ ଦ୍ରୁତ ଗତିରେ ଆଗେଇ ଚାଲିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ବଟଲିଂ ପ୍ଲାଂଟ ସମ୍ପୂର୍ଣ୍ଣ ହେଲେ ରାଜ୍ୟର ୧୪ଟି ଜିଲ୍ଲାକୁ ଏଲପିଜି ଯୋଗାଣ ଆହୁରି ସହଜ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ପ୍ରକଳ୍ପରେ ବାର୍ଷିକ ୪୨ ଲକ୍ଷ ସିଲିଣ୍ଡର ଭର୍ତି କରିବାର କ୍ଷମତା ରହିଥିବା ବେଳେ ସ୍ଥାନୀୟ ଯୁବ ଗୋଷ୍ଠୀ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ୨୦୧୪ ମସିହାରେ ରାଜ୍ୟର କୋଟିଏ ଘରୁ ମାତ୍ର ୨୦ ଲକ୍ଷ ଘରେ ଏଲପିଜି ସଂଯୋଗ ଥିବା ବେଳେ ଆଜି ଦିନରେ ତାହା ୬୦ ଲକ୍ଷରୁ ଅଧିକ ହୋଇସାରିଲାଣି। ୬୦ ବର୍ଷରେ ୪୦ ହଜାର ଓ ୪ ବର୍ଷରେ ୧.୯୧ ଲକ୍ଷ ଏଲପିଜି ଯୋଗାଣ ମୋଦି ସରକାରଙ୍କ କାର୍ଯ୍ୟଦକ୍ଷତାର ପ୍ରମାଣ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଶ୍ରୀ ପ୍ରଧାନ କହିଛନ୍ତି ବରଗଡ ଜିଲ୍ଲାରେ କୃଷି ବର୍ଜ୍ୟରୁ ଇନ୍ଧନ କାରଖାନା ଭାରତ ସରକାର ଆରମ୍ଭ କରିବାକୁ ଯାଉଥିବା ବେଳେ ବଲାଙ୍ଗୀରରେ ମଧ୍ୟ ରାଜ୍ୟ ସରକାରଙ୍କ ସହଯୋଗ ମିଳିଲେ ସେପରି ଏକ ପ୍ରକଳ୍ପ ଜିଲ୍ଲା ଓ ଆଖପାଖ ଜିଲ୍ଲାର ଅର୍ଥନୀତିକୁ ମଜବୁତ୍ କରିବ । ଶ୍ରୀ ପ୍ରଧାନ କହିଛନ୍ତି ଭାରତ ସରକାରଙ୍କ ହାତରେ ଏଲପିଜି ଯୋଗାଣ ଦାୟିତ୍ୱ ସିଧାସିଧା ଥିବା କାରଣରୁ ଏହି କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହୋଇଛି। ମାତ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବଲାଙ୍ଗୀର ଜିଲ୍ଲା ପାଇଁ ୬୬,୯୮୫ ଘର ପାଇଁ ଭାରତ ସରକାର ଅର୍ଥ ଯୋଗାଇଥିବା ବେଳେ ମାତ୍ର ୨୯.୭୧୮ ଘର ବର୍ତମାନ ସୁଦ୍ଧା ପୂରଣ ହୋଇପାରିଛି। ସବୁ ଘରେ ବିଜୁଳି ଲଗାଇବା ପାଇଁ କେନ୍ଦ୍ର ଅର୍ଥ ଦେଇଛି। ମାତ୍ର ବିଜୁଳି ଯୋଗାଣ ମନ୍ଥର ରହିଛି। ସେହିପରି ପାଇଖାନା ଯୋଗାଣ ପାଇଁ ପ୍ରଧାନମନ୍ତ୍ରୀ ମୋଦି ଜନ ଆନ୍ଦୋଳନ କରିଥିବା ବେଳେ ବଲାଙ୍ଗୀର ଜିଲ୍ଲା ରାଷ୍ଟ୍ରୀୟ ହାର ଠାରୁ ବହୁ ପଛରେ ରହିଛି।

ଶ୍ରୀ ପ୍ରଧାନ କହିଛନ୍ତି ରେଳପଥ ନେଇ ବଲାଙ୍ଗୀର ଲୋକଙ୍କର ବଡ ଆକାଂକ୍ଷା ରହିଛି। ରାଜ୍ୟ ସରକାର ଭୂମି ଯୋଗାଇନଥିବା କାରଣରୁ କାମ ଆଗେଇ ପାରୁନାହିଁ। ଯେତେ ଶୀଘ୍ର ଜାଗା ମିଳିବ ସେତେ ଶୀଘ୍ର କାମ ଆଗେଇବ। ଶ୍ରୀ ପ୍ରଧାନ କହିଛନ୍ତି ଭୁବନେଶ୍ୱରରେ ରେଳ ଓ ରାଜ୍ୟ ପ୍ରଶାସନିକ ଅଧିକାରୀଙ୍କ ସହ ବଲାଙ୍ଗୀରର ପ୍ରବୃଦ୍ଧ ନାଗରିକଙ୍କ ଉପସ୍ଥିତିରେ ସମୀକ୍ଷା କରିବା ପାଇଁ ପ୍ରସ୍ତାବ ଦେବା ସହ ଏପରି ହେଲେ କାହା ପାଇଁ ରେଳ ନିର୍ମାଣ ମନ୍ଥର ହୋଇଛି ତାହା ସ୍ପଷ୍ଟ ହୋଇଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ବଲାଙ୍ଗୀରରେ ଏକ ଇନଡୋର ଷ୍ଟାଡିୟମ୍ ପାଇଁ ରାଷ୍ଟ୍ରାୟତ ଉଦ୍ୟୋଗ ଗେଲ୍ ରାଜି ହୋଇଥିବା ବେଳେ ରାଜ୍ୟ ସରକାର ଭୂମି ଓ ଅନ୍ୟାନ୍ୟ ସୁବିଧା ନଯୋଗାଇବା କାରଣରୁ ଏହା ଆହୁରି ବିଳମ୍ବିତ ହେଉଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ସାମ୍ପ୍ରତିକୀ

### ଭୁବନେଶ୍ୱର ସ୍କିଲ୍ ଡେଭଲମେଣ୍ଟ୍ ଇନ୍‌ଷ୍ଟିଚ୍ୟୁଟର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବ

# ୯ ଲକ୍ଷ ଓଡିଆ ଯୁବପୀଢିଙ୍କର ରୋଜଗାର କଥା ଚିନ୍ତା କରିବାକୁ ପଡିବ: ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ



ସ୍ୱାଭିମାନର ସହ ବଂଚିବାର ଚାବିକାଠି ହେଉଛି ଦକ୍ଷତା ବିକାଶ । ବିଗତ ଦିନର ପାଠପଢା ଓ ରୋଜଗାର ମଧ୍ୟରେ ଯେଉଁ ଦୂରତା ଥିଲା ଏହା ଦକ୍ଷତା ବିକାଶ ମାଧ୍ୟମରେ ପୂରଣ କରାଯାଇ ପାରିବ । ଯୁବକଙ୍କୁ ଆତ୍ମରୋଜଗାର, ଆତ୍ମନିର୍ଭରଶୀଳ ଓ ସ୍ୱାଭିମାନ କରିବାକୁ ପଡିବ । ଯୁବ ପୀଢି ମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସମାଜର ସହଯୋଗ ଦରକାର । ୧୫ ବର୍ଷରେ ପହଁଚୁଥିବା ୯ ଲକ୍ଷ ଓଡ଼ିଆ ଯୁବପୀଢିଙ୍କର ରୋଜଗାର କଥା ଚିନ୍ତା କରିବାକୁ ପଡିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

ଭୁବନେଶ୍ୱର ସ୍କିଲ ଡେଭଲମେଣ୍ଟ ଇନ୍‌ଷ୍ଟିଚ୍ୟୁଟର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ସବୁ ଯୁବପୀଢି ଦକ୍ଷତା ସମ୍ପନ୍ନ ଓ କୌଶଳୀ ହେବା ସହ ଆତ୍ମନିରଭରଶୀଳ ସହକାରେ ବଂଚିବା ଉପରେ ଗୁରୁତ୍ୱ ଦେଉଛନ୍ତି । ତେଣୁ ବିଏ, ବିଏସସି ଓ ବିକମ ପାସ ପରେ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଦକ୍ଷତା ସମ୍ପନ୍ନ ହେବାକୁ ପଡିବ । ସେ ଦକ୍ଷତାସମ୍ପନ୍ନ ହେଲେ ଆତ୍ମନିର୍ଭରଶୀଳ ପାଇଁ ପାଦ ଆଗକୁ ବଢାଇବେ । ଅଏଲ କମ୍ପାନୀମାନଙ୍କ ସହଯତାରେ

ରାଜ୍ୟରେ ଏପରି ଏକ ଶିକ୍ଷା ଅନୁଷ୍ଠାନ ହୋଇଥିବା ହେତୁ କେନ୍ଦ୍ରମନ୍ତ୍ରୀ କମ୍ପାନୀ ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆହୁରି କହିଥିଲେ ଯେ, ଯୁବପୀଢିଙ୍କ ଦକ୍ଷତା ବିକାଶ ଉପରେ କେନ୍ଦ୍ର ସରକାର ସବୁବେଳେ ଗୁରୁତ୍ୱ ଦେଇ ଆସୁଛନ୍ତି । ଏଠି ଧନୀ ଘର ପିଲା ଯେଉଁ ସୁବିଧା ପାଇବ ରିକ୍ସା ଚାଳକର ପିଲା ମଧ୍ୟ ସେହି ସୁବିଧା ପାଇବା ଦରକାର । ପ୍ରତିବର୍ଷ ଓଡିଶାର ୯ ଲକ୍ଷ ୧୫ ବର୍ଷ ବୟସ ଅତିକ୍ରମ କରୁଛନ୍ତି । ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଚେଷ୍ଟା କରିବାକୁ ପଡିବ । ଓଡିଶାରେ ଟ୍ରେନର ଓ ଟ୍ରେନିଙ୍ଗ ପାଇଁ ସ୍ୟାପ ସହ ମନ୍ତ୍ରଣାଳୟର ଆଲୋଚନା ହୋଇଥିବା କଥା ସେ ସୂଚନା ଦେଇଥିଲେ । ସେହିପରି ରାଜଧାନୀ ଉପକଣ୍ଠରେ ରାଷ୍ଟ୍ରପତିଙ୍କ ଦ୍ୱାରା ୨ ମାସ ତଳେ ୬୦ ଏକର ଜାଗାରେ ସ୍କିଲ ଇନଷ୍ଟିଚ୍ୟୁଟର ଶୁଭ ଦିଆଯାଇଥିଲା ତାର ପାଠପଢା ୨୦୧୮ ସୁଦ୍ଧା ଆରମ୍ଭ ହେବ । ଏଠାରେ ୩୦୦୦ ଛାତ୍ରଛାତ୍ରୀ ରହିବା ସହ ଅତ୍ୟାଧୁନିକ ଲାବୋରୋଟରୀ ସାହାଯ୍ୟରେ ଶିକ୍ଷା ହାସଲ କରିବେ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି ।

ଓଡିଶାରେ ଏହିପରି ଶିକ୍ଷାନୁଷ୍ଠାନ ଦ୍ୱାରା ଓଡିଶାରେ ଦକ୍ଷତାର ବିକାଶ ହେବ । ଅଭାବ ଓ ଦାରିଦ୍ର୍ୟ ଆଧୁନିକ ସମାଜ ପାଇଁ ଅଭିଶାପ । ଏକବିଂଶ ଶତାବ୍ଦୀରେ ଦାରିଦ୍ର୍ୟ ମୁକ୍ତି ପାଇଁ ପଦକ୍ଷେପ ନେବାକୁ ପଡିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ।

---

# ଏସ୍‌ପିଆର ପାଇଁ ୟୁଏଇରୁ ଆସିଥିବା ପ୍ରଥମ ଜାହଜକୁ ସ୍ୱଦେଶରେ ସ୍ୱାଗତ

କର୍ଣ୍ଣାଟକର ମାଙ୍ଗାଲୋର ଠାରେ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ (ଏସପିଆର) ପାଇଁ ୟୁଏଇରୁ ଆସିଥିବା ପ୍ରଥମ ଜାହଜକୁ ସେଠାରେ ସ୍ୱାଗତ କରାଯାଇଛି । କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ କିଛିଦିନ ତଳେ ୟୁଏଇ ଗସ୍ତରେ ଯାଇ ୟୁଏଇର ଶକ୍ତିମନ୍ତ୍ରୀଙ୍କ ସହିତ ଏହି ଜାହଜର ଭାରତ ଯାତ୍ରା ଶୁଭାରମ୍ଭ କରିଥିଲେ । ଭାରତର ଶକ୍ତି ସୁରକ୍ଷା ପାଇଁ ଦେଶର ୩ଟି ବିଭିନ୍ନ ସ୍ଥାନରେ ଭାରତ ସରକାରଙ୍କ ତରଫରୁ ଏସପିଆର ନିର୍ମାଣ କରାଯାଉଛି । ମାଙ୍ଗାଲୋର ସ୍ଥିତ ଏହି ପ୍ରକଳ୍ପରେ ୟୁଏଇରୁ ପ୍ରଥମ ଦଫାରେ ଦୁଇ ମିଲିୟନ ବ୍ୟାରେଲ ଅଶୋଧିତ ତୈଳ ଆବୁଧାବି ନ୍ୟାସନାଲ ଅଏଲ କମ୍ପାନୀ ଦ୍ୱାରା ପଠାଯାଇଛି । ଗତ ଫେବୃଆରୀ ୨୦୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୟୁଏଇ ଗସ୍ତ ସମୟରେ ୫.୮୬ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ମାଙ୍ଗାଲୋର ଠାରେ ୟୁଏଇ ସରକାର ଓ ସେଠାର କିଛି ତୈଳ କମ୍ପାନୀ ମାନେ ସେମାନଙ୍କ ଖର୍ଚ୍ଚରେ ସଂରକ୍ଷିତ ରଖିବେ ବୋଲି ଚୁକ୍ତି ହୋଇଥିଲା ।

## ସାମ୍ପ୍ରତିକୀ


# ଉଜ୍ଜ୍ୱଳା ଯୋଜନା ଗରୀବ ମହିଳାଙ୍କୁ କେବଳ ଧୂଆଁରୁ ମୁକ୍ତି ସହ ସେମାନଙ୍କର ସ୍ୱାସ୍ଥ୍ୟ, ପରିବାରର ଅର୍ଥନୀତି ଓ ପରିବେଶ ସୁରକ୍ଷା ଓ ସାମାଜିକ ନ୍ୟାୟ ପାଇଁ ପଥ ପରିଷ୍କାର କରିଛି: ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଦେଶର ଗରୀବ ମହିଳାଙ୍କୁ କେବଳ ଧୂଆଁରୁ ମୁକ୍ତି ଦେଇ ନାହିଁ ବରଂ ସେମାନଙ୍କର ସ୍ୱାସ୍ଥ୍ୟ, ପରିବାରର ଅର୍ଥନୀତି ଓ ତା ସହିତ ପରିବେଶ ସୁରକ୍ଷା ଓ ସାମାଜିକ ନ୍ୟାୟ ପାଇଁ ପଥ ପରିଷ୍କାର କରିଛି ବୋଲି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ହିତାଧିକାରୀ ମାନଙ୍କ ସହ ଭିଡିଓ କନଫେ୍ରନ୍ସିଂରେ କଥାବାର୍ତ୍ତା ହେବା ପରେ ଗଣମାଧ୍ୟମ ପ୍ରଶ୍ନର ଉତରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜି ପ୍ରଧାନମନ୍ତ୍ରୀ ଓଡିଶା ସମେତ ଛତିଶଗଡ, ଜାମ୍ମୁ କାଶ୍ମୀର, ଆସାମ ଓ ତାମିଲନାଡୁର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ହିତାଧିକାରୀଙ୍କ ସହିତ ଏନଆଇସିର ପ୍ରବନ୍ଧନରେ ସୁଖ ଦୁଖ କଥା ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶାର ମୟୁରଭଂଜ ଜିଲ୍ଲାର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ହିତାଧିକାରୀ ସୁଚିସ୍ମିତା କବାଟଙ୍କ ସହ କଥାବାର୍ତ୍ତା ହୋଇଛନ୍ତି । ମୟୁରଭଂଜରୁ ଏହି ଚର୍ଚ୍ଚାକୁ ଆରମ୍ଭ କରିଥିବାରୁ ଶ୍ରୀ ପ୍ରଧାନ ଓଡିଶାବାସୀଙ୍କ ତରଫରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶର ଚାରି କୋଟି ଗରୀବ ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ପହଂଚି ସାରିଲାଣି । ଏହି ସଂଖ୍ୟାକୁ ୮ କୋଟିରେ ପହଂଚାଇବା ପାଇଁ ଲକ୍ଷ୍ୟ ଧ୍ୟାର୍ଯ୍ୟ କରା ଯାଇଛି । ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀରୁ ଭିଡିଓ କନଫେ୍ରନ୍ସିଂରେ ହିତାଧିକାରୀ ମାନଙ୍କ କଥାବାର୍ତ୍ତା ହୋଇଥିବା ବେଳେ ଶ୍ରୀ ପ୍ରଧାନ ଭୁବନେଶ୍ୱରରୁ ଏଥିରେ ସାମିଲ ହୋଇଥିଲେ ।ଏହି ପ୍ରଥମ ଅଶୋଧିତ ତୈଳ ବୋଝେଇ ଜାହଜ ଭାରତରେ ପହଁଚିବା ଭାରତ ଓ ୟୁଏଇ ପରସ୍ପର ସହ ତୈଳ ଓ ଗ୍ୟାସ କ୍ଷେତ୍ରରେ ରଣନୈତିକ ସମ୍ପର୍କକୁ ଆହୁରି ସୁଦୃଢ କରିବ ।

# ଭାରତ-ନେପାଳ ସମ୍ପର୍କର ସୁଦୃଢ଼ୀକରଣ



ଗତ ମେ’ ମାସ ୧୧ ଓ ୧୨ ତାରିଖରେ ପ୍ରଧାନମନ୍ତ୍ରୀ ଦୁଇଦିନିଆ ନେପାଳ ଗସ୍ତରେ ଯାଇଥିଲେ। ସେଠାରେ ଉଭୟ ଦେଶର ପ୍ରଧାନମନ୍ତ୍ରୀ ଦୁଇଦେଶ ମଧ୍ୟରେ ଥିବା ଘନିଷ୍ଠ ଓ ବହୁମୁଖୀ ସମ୍ପର୍କ ଉପରେ ବିଷଦ୍ ଭାବେ ଆଲୋଚନା କରିଥିଲେ। ଏହି ଅବସରରେ ସମାନତା ଏବଂ ପାରସ୍ପରିକ ବିଶ୍ୱାସ ଓ ସମ୍ମାନ ତଥା ପାରସ୍ପରିକ ଲାଭର ଭିତ୍ତିଭୂମି ଉପରେ ଉଭୟ ଦେଶର ସମ୍ପର୍କକୁ ସାମାଜିକ, ଆର୍ଥିକ ବିକାଶର ନୂତନ ଶିଖର ଆଡ଼କୁ ନେଇଯିବା ପାଇଁ ସଂକଳ୍ପ କରିଥିଲେ। ଏହି ଅବସରରେ ଉଭୟ ପ୍ରଧାନମନ୍ତ୍ରୀ ନେପାଳରେ ୯୦୦ ମେଗାୱାଟ୍ କ୍ଷମତା ସମ୍ପନ୍ନ ଅରୁଣ-ଥ୍ରୀ ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ। ଆଉ ମଧ୍ୟ ଉଭୟ ପ୍ରଧାନମନ୍ତ୍ରୀ ନେପାଳର ଜନକପୁର ଯାହାକି ରାମାୟଣର ସୀତାଙ୍କ ପିତ୍ରାଳୟ ଥିଲା, ସେହିଠାରୁ ଅଯୋଧ୍ୟା ପର୍ଯ୍ୟନ୍ତ ରାମାୟଣ ସର୍କିଟ୍‌ର ଶୁଭାରମ୍ଭ କରିଥିଲେ। ଜନକପୁର ଠାରେ ଉଭୟ ପ୍ରଧାନମନ୍ତ୍ରୀ ଜନକପୁର ଏବଂ ଅଯୋଧ୍ୟା ମଧ୍ୟରେ ସିଧାସଳଖ ବସ୍ ସେବାର ଶୁଭାରମ୍ଭ କରିଥିଲେ।

- ମୋର ନେପାଳ ଗସ୍ତ ଏଭଳି ଏକ ସମୟରେ ହୋଇଛି ଯେତେବେଳେ ସେହି ଦେଶ ସଂଘୀୟ ରାଜ୍ୟସ୍ତରୀୟ ଏବଂ ସ୍ଥାନୀୟ ନିର୍ବାଚନକୁ ସଫଳତାର ସହିତ ସମ୍ପନ୍ନ କରିସାରିଛି: ପ୍ରଧାନମନ୍ତ୍ରୀ
- ନେପାଳ ସହ ୧୨୫ କୋଟି ଭାରତୀୟଙ୍କ ଶୁଭକାମନା ରହିଛି। ସେହି ଦେଶ ନୂତନ ଶିଖରକୁ ସ୍ପର୍ଶ କରୁ: ପ୍ରଧାନମନ୍ତ୍ରୀ।
- ଭାରତର ‘ସବ୍‌କା ସାଥ୍ ସବ୍‌କା ବିକାଶ’ ଏବଂ ନେପାଳର ‘ସମୃଦ୍ଧ ନେପାଳ, ସୁଖୀ ନେପାଳ’ ଉଭୟ ହେଉଛନ୍ତି ପରସ୍ପରର ପରିପୂରକ: ପ୍ରଧାନମନ୍ତ୍ରୀ ମୋଦି।
- ପ୍ରଧାନମନ୍ତ୍ରୀ ମୋଦି, ନେପାଳର ପ୍ରଧାନମନ୍ତ୍ରୀ ଓଲି ମିଳିତ ଭାବେ ଅରୁଣ-ଥ୍ରୀ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି।

**YOJANA (Odia) : Monthly** **June 2018** **RNI No. 57203/93**
ISSN 0971-8346
Total Number of Pages (56)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିକ୍ଷା, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

### ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

### ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍‌ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା ।

### "ଯୋଜନା"ର ଗ୍ରାହକ ଦେୟ

* ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

### ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at : Print-Tech Offset Pvt. Ltd., Plot No. F66/1 & F66/2, Chandaka Industrial Area, Bhubaneswar - 24
Editor : Dr. Girish Chandra Dash